

ସୁନା ଚୋରାଚାଲାଣ କରି ଗିରଫ ହେଲେ ରାନ୍ୟା
ପୃଷ୍ଠା ୪

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 341 | ଭାଗ ୩୨ | ସଂଖ୍ୟା ୩୪୧ | Bhubaneswar | Thursday 6 March 2025 | Page 8 Rs. 4.00 | ● ଭୁବନେଶ୍ୱର ଗୁରୁବାର ୬ ମାର୍ଚ୍ଚ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


● ଜିଲ୍ଲାପାଳମାନଙ୍କୁ ଓସେପାର ନିର୍ଦ୍ଦେଶ

## ବଦଳିବ ସରକାରୀ ସ୍କୁଲ ରଙ୍ଗ

**ଭୁବନେଶ୍ୱର,୫।୩(ସଂଚାର ବ୍ୟୁରୋ):** ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟର ରଙ୍ଗ ବଦଳିବ। ଏଣିକି ସବୁ ବିଦ୍ୟାଳୟର ରଙ୍ଗ ଗେରୁଆ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରିବା ସକାଶେ ଆଜି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ୍ ନିର୍ମାଣ ଓ ମରାମତି ସମୟରେ ରଙ୍ଗ ସମାନ କରିବାକୁ ଓସେପା ପକ୍ଷରୁ ଜାରି ଚିଠିରେ କୁହାଯାଇଛି। ପୂର୍ବରୁ ବିଜେଡି ସରକାର ସମୟରେ ରାଜ୍ୟର ସମସ୍ତ ବିଦ୍ୟାଳୟର ରଙ୍ଗ ସବୁଜ ଥିଲା।

କିଛିଦିନ ତଳେ ସରକାରୀ କୋଠାର ରଙ୍ଗ ବଦଳାଇଥିଲେ ସରକାର। କୋଠାର ବାହ୍ୟ କାନ୍ଥ କମଳା ରଙ୍ଗର ହେବ ବୋଲି ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ସଚିବ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ପକ୍ଷରୁ ମୁଖ୍ୟଯନ୍ତ୍ରୀଙ୍କୁ ଲେଖାଯାଇଥିବା ଚିଠିରେ ଦର୍ଶାଯାଇଥିଲା ଯେ ନୂଆ ସରକାରୀ କୋଠା ବା ପୁରୁଣା




କୋଠାର ରଙ୍ଗ ପରିବର୍ତ୍ତନ ହେବ। ବିଲ୍ଡିଂ କାର୍ଯ୍ୟକ୍ଷମ ଥିଲେ ମରାମତି କିମ୍ବା ନବୀକରଣ ସମୟରେ ରଙ୍ଗ ବଦଳିବ। ବାହାର କାନ୍ଥ କମଳା ରଙ୍ଗର କରାଯିବା ସହ ବର୍ଡରରେ ନାଲି ରଙ୍ଗ ଦିଆଯିବ ବୋଲି ଉକ୍ତ ଚିଠିରେ ନିର୍ଦ୍ଦେଶ ଦିଆଯାଇଥିଲା।

ସୂଚନାଯୋଗ୍ୟ ଯେ ପୂର୍ବରୁ ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ହାଇସ୍କୁଲର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ରଙ୍ଗ ବଦଳିବ ବୋଲି କୁହାଯାଇଥିଲା। ଗୋଟିଏ ବର୍ଷ ପରେ ରଙ୍ଗ ପରିବର୍ତ୍ତନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ୨୦୨୩-୨୪ ଶିକ୍ଷାବର୍ଷରେ ବିଜେଡି ସରକାର କ୍ଷମତାରେ ଥିବା ସମୟରେ ଛାତ୍ରଛାତ୍ରୀଙ୍କ ୟୁନିଫର୍ମର ରଙ୍ଗ 'ହଣ୍ଟର ଗ୍ରୀନ୍' କରାଯାଇଥିଲା। ଏବେ ତାହାକୁ ବଦଳାଯାଇ ବାଦାମୀ ରଙ୍ଗର ଗାରପକା ଶାର୍ଟ ଓ ଖଇରିଆ ରଙ୍ଗର ପ୍ୟାଣ୍ଟ କରାଯାଇଛି।

ବିଜୁଙ୍କ 'ମୋ ଓଡ଼ିଶା' ଭିଜନ୍‌ର ଦାୟିତ୍ୱ ନେଲେ ମୋହନ

# ଅଧୁରା ସ୍ୱପ୍ନ ପୂରଣ କରିବ ବିଜେପି



● ପ୍ରବାଦ ପୁରୁଷଙ୍କ ସବୁ ପଦକ୍ଷେପ ଆମକୁ ପ୍ରେରଣା ଦେଉଛି
● ଫେରିବ କଳିଙ୍ଗ ଫୁଟବଲ କପ୍
● ୟୁନେସ୍କୋ କଳିଙ୍ଗ ପୁରସ୍କାର ପ୍ରଦାନ ଜାରି ରହିବ
● ସ୍ୱପ୍ନ ପୂରଣ ହୋଇଥିଲେ ଓଡ଼ିଶା ବିକାଶ ଶିଖର ଛୁଇଁଥାନ୍ତା
● ମୂର୍ତ୍ତୀ ଭଙ୍ଗା ଘଟଣାରେ ୩ ଗିରଫ ହୋଇଛନ୍ତି

**ଭୁବନେଶ୍ୱର,୫।୩(ସଂଚାର ବ୍ୟୁରୋ):** ବିଜୁବାବୁ ଥିଲେ ଓଡ଼ିଶାର ପଥ ପ୍ରଦର୍ଶକ। ବିଜୁ ବାବୁଙ୍କ ପ୍ରତ୍ୟେକଟି ପଦକ୍ଷେପ ଆମକୁ ପ୍ରେରଣା ଦେଉଛି। ଓଡ଼ିଶା ପାଇଁ ସେ ଅନେକ ସ୍ୱପ୍ନ ଦେଖିଥିଲେ ଏବଂ ତାକୁ ପୂରଣ କରିବା ପାଇଁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଉଦ୍ୟମ କରିଥିଲେ। ଓଡ଼ିଶାର ଶିଳ୍ପାୟନ, ମହିଳାମାନଙ୍କ ସଶକ୍ତିକରଣ ଥିଲା ତାଙ୍କର ସ୍ୱପ୍ନ। ବିଜୁବାବୁଙ୍କ ସ୍ୱପ୍ନ ଓ ଆମ ସରକାରଙ୍କ କାର୍ଯ୍ୟକ୍ରମ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ବିଜୁବାବୁ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଚିନ୍ତା କରିଥିଲେ। ଆଜି ଆମ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଉଦ୍ୟମ ଆରମ୍ଭ କରିଛି। ବିଜୁବାବୁ ଓଡ଼ିଶା ପାଇଁ ଯେଉଁସବୁ ସ୍ୱପ୍ନ ଦେଖିଥିଲେ, ତାକୁ ଆମ ସରକାର ପୂରଣ କରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ବାବୁ ଶିଳ୍ପ କ୍ଷେତ୍ରକୁ ବହୁତ ପ୍ରାଧାନ୍ୟ ଦେଉଥିଲେ। ସେ ନିଜେ ଅନେକ କାରଖାନା ପ୍ରତିଷ୍ଠା କରିଥିଲେ ମଧ ପରବର୍ତ୍ତୀ ସମୟରେ ସବୁଗୁଡ଼ିକୁ ସରକାରଙ୍କୁ ଦେଇ ଦେଇଥିଲେ। ବୋଧହୁଏ ଏଭଳି ନିଷ୍ପତ୍ତି ନେବାରେ ସେ ଥିଲେ ବିଶ୍ୱର ଏକମାତ୍ର ବ୍ୟକ୍ତିତ୍ୱ। ଓଡ଼ିଶାକୁ ଶିଳ୍ପ କ୍ଷେତ୍ରରେ, ପଞ୍ଚାୟତିରାଜ କ୍ଷେତ୍ରରେ, ମହିଳା ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ଚିନ୍ତାଧାରା ଥିଲା ଅନନ୍ୟ। ଆଜି ଆମ ସରକାର ବିଜୁବାବୁଙ୍କ ସେହି ପଥକୁ ଅନୁସରଣ କରୁଛି। ତାଙ୍କ ମାର୍ଗରେ ପରିଚାଳିତ ହୋଇ ଏକ କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରି ବିଜୁବାବୁଙ୍କ ମହିଳା ସଶକ୍ତିକରଣର ସ୍ୱପ୍ନକୁ ସାକାର କରିବାକୁ ଯାଉଛୁ। ଗାଁର ବିକାଶରେ ରାଜ୍ୟର ବିକାଶ, ଏହା ଥିଲା ବିଜୁବାବୁଙ୍କ ମତ। ସେଥିପାଇଁ ସେ ନାରା ଦେଇଥିଲେ, ଗାଁକୁ କାମ, ମା'କୁ ସମ୍ମାନ। ଯଦି ବିଜୁବାବୁଙ୍କ ଏହି ଉକ୍ତି ଉପରେ ସଠିକ୍ କାମ ହୋଇଥାନ୍ତା, ତେବେ ଆମେ ନିଶ୍ଚିତ ଭାବେ ବହୁ ଆଗକୁ ଯାଇପାରିଥାନ୍ତେ ଏବଂ ଗାଁର ଅର୍ଥନୀତି ସୁଦୃଢ଼ ହୋଇପାରିଥାନ୍ତା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଯେଉଁମାନେ ବିଜୁ ବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ପ୍ରଚାର କରୁଥିଲେ, ସେମାନେ ଏହାକୁ ବାସ୍ତବରେ କାର୍ଯ୍ୟକାରୀ କଲେ ନାହିଁ । ଆଜି ଆମେ ଗାଁର ବିକାଶ ପାଇଁ ଯାହା ଆବଶ୍ୟକ, ତାକୁ ସବୁ କରୁଛୁ ଏବଂ ଆଗାମୀ ଦିନରେ ମଧ କରିବୁ । ଏଥିପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା କାର୍ଯ୍ୟକାରୀ କରାଯାଇ ୫ ବର୍ଷରେ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ଯୋଜନା ଜରିଆରେ ବିଜୁ ବାବୁଙ୍କ ଗାଁର ବିକାଶ ସ୍ୱପ୍ନ ପୂରଣ ହୋଇପାରିବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ଉତ୍କର୍ଷ ଓଡ଼ିଶା-ମେକ ଇନ୍ ଓଡ଼ିଶା କନକ୍ଲେଭରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ପାଇଛୁ । ଆଗାମୀ ଦିନରେ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବାକୁ ଆମର ଉଦ୍ୟମକୁ ଆହୁରି ଯୋରଦାର କରାଯାଇ ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରାଯିବ । ପଞ୍ଚାୟତିରାଜ ବ୍ୟବସ୍ଥାରେ ବିଜୁବାବୁଙ୍କ ଦୃଢ଼ ବିଶ୍ୱାସ ଥିଲା ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ବାବୁ ପଞ୍ଚାୟତ ପ୍ରତିନିଧି ବା ସରପଞ୍ଚମାନଙ୍କୁ ପଞ୍ଚାୟତର ମୁଖ୍ୟମନ୍ତ୍ରୀ ଦୃଷ୍ଟିରେ ଦେଖୁଥିଲେ।

ବିଜୁବାବୁଙ୍କ ପ୍ରତିମୂର୍ତ୍ତୀ ଭଙ୍ଗା ଘଟଣା ଉପରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ ଏ ଘଟଣା ଉପରେ ସରକାର ପଦକ୍ଷେପ ନେଇ ୩ ଜଣଙ୍କୁ ଗିରଫ ➾ପୃଷ୍ଠା-୬

### ପ୍ରଫୁଲ୍ଲ ହିଁ ପ୍ରକୃତ ଦାୟାଦ



ରାଜ୍ୟସ୍ତରୀୟ ବିଜୁ ଜୟନ୍ତୀ ସମାରୋହକୁ ନବୀନ ପଟ୍ଟନାୟକଙ୍କ ସମେତ ବିଜେଡିର କୌଣସି ନେତା ଗଲେନାହିଁ। ଯଦିଓ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ନିଜେ ଆମନ୍ତ୍ରଣ କରିଥିଲେ ତଥାପି ସେ ବିଜୁବାବୁଙ୍କ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଯୋଗ ଦେଲେନାହିଁ। ହେଲେ କେବଳ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଜୁବାବୁଙ୍କ ସହ ତାଙ୍କର ସବୁ ସ୍ମୃତି ଓ ଅନୁଭୂତିକୁ ବଖାଣିଛନ୍ତି। ଏପିରିକି ବିଜୁବାବୁଙ୍କ ଦ୍ୱାରା ➾ପୃଷ୍ଠା-୬

### ସ୍ମୃତିସଭାକୁ ନଆସି ପାପ କରିଛନ୍ତି ନବୀନ

ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀକୁ ନଆସି ବହୁତ ବଡ଼ ପାପ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନବୀନବାବୁଙ୍କ ସହ ଅନ୍ୟମାନେ ବି ଏହି ସଭାକୁ ଆସିଲେ ନାହିଁ। ସେମାନେ ଆସିଥିଲେ ଆଜିର କାର୍ଯ୍ୟକ୍ରମ ପୂର୍ଣ୍ଣାଙ୍ଗ ହୋଇଥାନ୍ତା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ବିଜୁବାବୁଙ୍କୁ ନେଇ ରାଜନୀତି କରିବା କଥା ନୁହେଁ। ସେ ଏଭଳି ଜଣେ ବ୍ୟକ୍ତିତ୍ୱ ଥିଲେ ଯାହାଙ୍କୁ ଦଳ ମତ ନିର୍ବିଶେଷରେ ସମସ୍ତେ ଭଲ ପାଆନ୍ତି। ଏଭଳି ସମୟରେ ମୂର୍ତ୍ତି ଭାଙ୍ଗିବାକୁ ନେଇ ରାଜନୀତି କରିବା ଠିକ ନୁହେଁ। ମୂର୍ତ୍ତିଭଙ୍ଗା ଘଟଣାରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କୁ ପୁଲିସ ଗିରଫ କରିଛି। ବିଜେଡି ୨୪ ବର୍ଷ ସମୟ ନେଇଥିଲା ବିଜୁବାବୁଙ୍କ ଅଧୁରା ସ୍ୱପ୍ନ 'ଗାଁକୁ କାମ ମା'କୁ ସମ୍ମାନ' ନାରାକୁ କାର୍ଯ୍ୟକାରୀ କରିବାକୁ। କିନ୍ତୁ ସେସବୁ କେବଳ ରାଜନୀତିରେ ସୀମିତ ହୋଇ ରହିଗଲା। ଆମେ କିନ୍ତୁ ବାସ୍ତବ ରୂପ ଦେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜି ପୂର୍ବାହ୍ନରେ ବିଧାନସଭାରେ ଆୟୋଜିତ ସଭାକୁ ମଧ ଆସିନଥିଲେ ନବୀନ। ମୁଖ୍ୟମନ୍ତ୍ରୀଙ୍କ ସହ ଭୁବନେଶ୍ୱର ମଧ ବିଧାୟକ ଆଉ ମେୟର ବି ଆସିଲେନି। ବିଜୁବାବୁଙ୍କ ନାଁରେ କେବଳ ଭୋଟ ବ୍ୟାଙ୍କ ତିଆରି କରୁଥିଲା ବିଜେଡି।

ବିଜୁ ପ୍ରତିମୂର୍ତ୍ତୀ ଭଙ୍ଗା ଘଟଣା

## ନିଜ ଜାଲରେ ଫସିଗଲେ ପ୍ରତାପ



● ଅଭିଯୁକ୍ତ ପ୍ରତାପଙ୍କ ସହଯୋଗୀ
● ମାହାଙ୍ଗାରେ ପ୍ରତାପଙ୍କୁ ଛି ଛି

**ଭୁବନେଶ୍ୱର,୫।୩(ସଂଚାର ବ୍ୟୁରୋ):** ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପୂର୍ବଦିନ ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନା ଯେଉଁ ଚାଲ ଖେଳିଥିଲେ ତାହା ତାଙ୍କ ପାଇଁ ବୁମେରାଂ ହେବାକୁ ଯାଉଛି। ମାହାଙ୍ଗା ନିର୍ବାଚନମଣ୍ଡଳୀର ଭଦରେଶ୍ୱର ଥାନା ଅନ୍ତର୍ଗତ ଉମର ଗାଁ ଉମର ହନୁମାନ ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରୁ କେହି ଜଣେ ଦୁର୍ବୃତ୍ତ ଗତକାଲି ସନ୍ଧ୍ୟାରେ ମୁଣ୍ଡ ଅଲଗା କରି ଅଳିଆଗଦାରେ ପକାଇଦେଇଥିଲା। ➾ପୃଷ୍ଠା-୬

# ଜଙ୍ଗଲ ଜମିରେ ରାଜାଙ୍କ ରଙ୍ଗଶାଳା

● ଶହେରୁ ଅଧିକ ଆକାଉଣ୍ଟ ଯାଞ୍ଚ କରୁଛି ଇଓଡବ୍ଲ୍ୟୁ
● ରାଜାଙ୍କ ଗାଡ଼ିର ଚଏସ୍ ନମ୍ବର ଥିଲା ୨୧
● ମୁଖ୍ୟମନ୍ତ୍ରୀଙ୍କ ଗାଡ଼ିକୁ ବୋମାମାଡ଼ କରିଥିଲେ
● କ୍ରୀତଦାସ ଚାପରେ ଫାଇଲ୍ ଚାପିଥିଲା ପୁଲିସ
● ରାଜା ଲିଙ୍କ୍‌ରେ ବିଜେଡି ନେତାଙ୍କୁ ହେବ ସମନ୍





**ଭୁବନେଶ୍ୱର,୫।୩(ସଂଚାର ବ୍ୟୁରୋ):** ବବି ଦାସଙ୍କ ବଳରେ ଓ ସହଯୋଗୀ ଭାବେ ଅମାପ ସମ୍ପତ୍ତି ସାଙ୍ଗକୁ ବିଶାଳ ସାମ୍ରାଜ୍ୟ ତିଆରି କରିଛନ୍ତି ରାଜା ଚକ୍ର। ଇଓଡବ୍ଲ୍ୟୁ ଯେତେ ଖୋଲୁଛି, ସେତେ ସମ୍ପତ୍ତି ବାହାରୁଛି। କେନ୍ଦୁଝର ଜିଲ୍ଲା ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନସିଂ ଆଣ୍ଡ ଟ୍ରାନ୍ସପୋର୍ଟ କୋଅପରେଟିଭ୍ ସୋସାଇଟି ଘୋଟାଲାର ଚେର ଖୋଜୁଥିବା କ୍ରାଇମବ୍ରାଞ୍ଚ୍ ଇଓଡବ୍ଲ୍ୟୁ ଆଜି ଦ୍ୱିତୀୟ ଦିନରେ ବିଜେଡି ନେତା ରାଜା ଚକ୍ରଙ୍କ ସମ୍ପତ୍ତି ତାଲିକା ଦେଖି ତାଜୁବ୍ ହୋଇଛି। ରାଜା ଚକ୍ର ଘରୁ ଜବତ ହୋଇଛି ଇମ୍ପୋର୍ଟେଡ୍ ହାର୍ଲି ଡାଭିଡସନ୍ ବ୍ରାଣ୍ଡ, ଯାହାର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା। କେନ୍ଦୁଝର ଜଗନ୍ନାଥପୁର ବାସଭବନରେ ଚଢ଼ାଉ ବେଳେ ମିଳିଛି ଆଉ ଏକ ଟୟୋଟା ଫର୍ଚୁନର ଗାଡ଼ି। ଖାଲି ସେତିକି ନୁହେଁ, ଖଣିଜ ପରିବହନରେ ନିୟୋଜିତ ୨୪ଟି ହାଇୱା ଗାଡ଼ିକୁ ବି ଜବତ କରିଛି ଇଓଡବ୍ଲ୍ୟୁ।

କେନ୍ଦୁଝର ସଦର ବ୍ଲକର ରଘୁନାଥପୁର ପଞ୍ଚାୟତରେ ଜଙ୍ଗଲ ଜମିରେ ରାଜାଙ୍କର ଥିଲା ଆଲିସାନ ଫାର୍ମହାଉସ। ଫାର୍ମ ହାଉସ ଭିତରେ ଆଲିସାନ ବଙ୍ଗଳା। ଅଣ୍ଡରଗ୍ରାଉଣ୍ଡ ଘରେ ପଡ଼ିଛି ତାଲା। ଦାମୀ ଦାମୀ ଗଛରେ ସଜାହୋଇଛି ଫାର୍ମହାଉସ। ଚଟାଣରେ ଲାଗିଛି ଦାମୀ ଟାଇଲ। ଦାମୀ ସୋଫାସେଟ ବି ପଡ଼ିଛି। ଅତିଥିଙ୍କୁ ସତ୍କାର କରିବା ପାଇଁ ରହିଛି ସମସ୍ତ ବ୍ୟବସ୍ଥା। ଫାର୍ମହାଉସ ନୁହେଁ ତ ରାଜାଙ୍କ ରଙ୍ଗଶାଳା। ଷ୍ଟାର ହୋଟେଲ ଭଳି ରହଣି ବ୍ୟବସ୍ଥା ରହିଛି ଏହି ଫାର୍ମହାଉସରେ। ସୁଇମିଂ ପୁଲ, ପାର୍କ ଓ ବହୁ ଦାମୀ ଆସବାବପତ୍ର ବି ରହିଛି।

କୁହାଯାଉଛି, ରାଜାଙ୍କ ମାଲିକାନାରେ ଥିବା ସବୁ ଗାଡ଼ିର ଶେଷ ନମ୍ବର ରହୁଥିଲା ୨୧। ଚଏସ୍ ନମ୍ବରରେ ରୁଚି ରଖୁଥିବା ରାଜାଙ୍କ ଆହୁରି ଅନେକ ଗାଡ଼ି ଅନ୍ୟମାନଙ୍କ ନାଁରେ ଥିବା କୁହାଯାଉଛି। ଏପଟେ କେନ୍ଦୁଝର ➾ପୃଷ୍ଠା-୬

## ସୁଲୋଚନାଙ୍କ ଅଣ୍ଡା କା ଫଣ୍ଡା





**ଭୁବନେଶ୍ୱର,୫।୩ (ସଂଚାର ବ୍ୟୁରୋ):** ମେୟର ସୁଲୋଚନା ଦାସଙ୍କ 'ଅଣ୍ଡା' ଶବ୍ଦ ଆଜି ଶଙ୍ଖଭବନର ଫଣ୍ଡା ବଦଳାଇ ଦେଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ ବିଜୁ ବାବୁଙ୍କ ଜୟନ୍ତୀ ପାଳନ ପାଇଁ ଦଳର ଶତାଧିକ ମହିଳା କର୍ମୀ ଶଙ୍ଖ ଭବନରେ ଉପସ୍ଥିତ ଥିଲେ। ପୁଷ୍ପମାଲ୍ୟ ପ୍ରଦାନ ପରେ ଜୟଦେବ ଭବନରେ ସନ୍ଧ୍ୟାରେ ହେବାକୁ ଥିବା ସଭା ଓ ନବୀନଙ୍କ ନିମନ୍ତ୍ରଣ ନେଇ ସରଗରମ ଆଲୋଚନା ଚାଲିଥିଲା। ସେଠାକୁ ନବୀନ ଯିବେ କି ନାହିଁ, ତା'କୁ ନେଇ କିଛି ନାରୀନେତ୍ରୀ ତର୍ଜମା କରୁଥିଲେ। ତେବେ କିଛି ନାରୀନେତ୍ରୀ ନବୀନ ସେଠାକୁ ଯିବା ଠିକ୍ ହେବନାହିଁ ବୋଲି କହିଲେ। ଆଉ କିଛି ଏହାକୁ ସମର୍ଥନ କଲେ ନାହିଁ। ଯେଉଁମାନେ ନଯିବା ସପକ୍ଷରେ ଥିଲେ ସେମାନଙ୍କ ସଂଖ୍ୟା ଅଧିକ ଥିଲା। ଜଣେ କହିଲେ ଯଦି ନବୀନ ଯିବେ, ତେବେ ଆମେ ଅଣ୍ଡାମାଡ଼ କରିବୁ। ଅଣ୍ଡାମାଡ଼ କଥା ଶୁଣି ସେଠାରେ ଉପସ୍ଥିତ ଥିଲା ମେୟର ସୁଲୋଚନା ହଠାତ୍ ଚିହିଁକି ଉଠିଲେ। କହିଲେ ଅଣ୍ଡାମାଡ଼ କଂଗ୍ରେସର ସଂସ୍କୃତି। ଅଣ୍ଡା ମାରିବା ଠିକ୍ ହେବନାହିଁ। ବାସ୍ ଏହାପରେ ଅଣ୍ଡାମାଡ଼ କରିବାକୁ ବାହାରିଥିବା ନାରୀନେତ୍ରୀଙ୍କ ମୁହଁରେ ବାଡ଼ବତା ରହିଲା ନାହିଁ। ସୁଲୋଚନା କିଭଳି କଂଗ୍ରେସକୁ ଆସିଥିଲେ ଓ ସେଠାରେ ➾ପୃଷ୍ଠା-୬

## କାମ ଦେଲା ୨୫ ଲକ୍ଷ ବାବୁଙ୍କ ବଦଳି ବାତିଲ

ବାବୁ ବଦଳି ବାତିଲ ପାଇଁ ୨୫ ଲକ୍ଷ ଟଙ୍କା ଧରି ବୁଲିଥିଲେ। ଉକ୍ତ ଟଙ୍କା କାମରେ ଲାଗିଯାଇଛି। ବାବୁଙ୍କ ବଦଳି ବାତିଲ ହୋଇଛି। ଧଉଳି ଶାନ୍ତିସ୍ତୂପ ବୋଲି ନିଜ ପରିଚୟ ସୃଷ୍ଟି କରିଥିବା ବାବୁ ଜଣଙ୍କ ଏତେ ବି ଲୁଟେରା ଯେ ତାହା ଏହି ଘଟଣାରୁ ଜଳଜଳ ଦେଖାଯାଉଛି। ଇନ୍ସପେକ୍ଟର ବାବୁଙ୍କ ମାସିକ ଦରମା ପ୍ରାୟ ୧ ଲକ୍ଷ ଟଙ୍କା। କଟି କାଟି ଯାହା ଆସୁଥିବ। ହେଲେ ବାବୁ ଜଣଙ୍କ ଭଦ୍ରକ ଯିବେ ନାହିଁ ବୋଲି ୨୫ ଲକ୍ଷ ଟଙ୍କା ଖର୍ଚ୍ଚ କଲେ। ଏଥିରୁ ଅନୁମାନ କରି ହେଉଛି ଯେ ବାବୁ ଜଣଙ୍କ କେତେ ପରିମାଣରେ କଳାଧନ ରୋଜାଗାର କରୁଛନ୍ତି। ବଦଳି ବାଲିଲ ପାଇଁ ୨୫ ଲକ୍ଷ ଟଙ୍କା ନଗଦ ଆକାରରେ ଦେଇଦେଲେ। ସେପଟେ କଟକରେ ୩ ମହଲା ଘର କାମ ବି ଚାଲିଛି। କେଉଁଠୁ ଏତେ ଟଙ୍କା ଆସୁଛି ତାକୁ ଜାଣିବାକୁ ହେଲେ ଭିଜିଲାନ୍ସ ତଦନ୍ତର ଅବଶ୍ୟକ ହେଉଛି। ବାବୁ ଏବେ 'ମାକେନା ହାତୀ' ଭଳି ହେଉଛନ୍ତି। ଯେଯେତୁ ୨୫ ଲକ୍ଷ ଟଙ୍କା ନିବେଶ କରିଛନ୍ତି, ତାକୁ ଆଦାୟ କରିବାକୁ ଲାଗିପଡ଼ିଛନ୍ତି। ଏବେ ଥାନାକୁ ଯିଏ ଜମିବାଡ଼ି ସମସ୍ୟା ନେଇ ପହଞ୍ଚୁଛନ୍ତି, ତାଙ୍କୁ ନିଜ ରୁମ୍‌କୁ ନେଇ ଡିଲ୍ କରୁଛନ୍ତି। ଥାନାରେ ଲୋକଙ୍କୁ ନ୍ୟାୟ ଦେବା କଥା ଦୂରେ ଥାଉ, କେମିତି ୨୫ ଲକ୍ଷ ରିକଭର୍ ହେବ, ସେ ଚିନ୍ତାରେ ବାବୁ ରୋଜଗାରର ନୂଆ ନୂଆ ତରିକା ଖୋଜିବାରେ ଲାଗିପଡ଼ିଛନ୍ତି। ଖାଲି ସେତିକି ନୁହେଁ ବାବୁ କଟକରେ ଘର ତିଆରି କରୁଥିବାରୁ କଟକ ଯିବାକୁ ବି ଲାଗିପଡ଼ିଛନ୍ତି। ବାବୁ ଏବେ ଖାଦ୍ୟ କମ୍ ଟଙ୍କା ଅଧିକ ଖାଉଛନ୍ତି।



# ଗଣେଶ୍ୱରଙ୍କ ଗ୍ୟାଙ୍ଗଷ୍ଟର୍ ରୂପ

● ସର୍ବସମ୍ମୁଖରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମାଡ଼
● ଜିଲ୍ଲା ବାହାର ଲୋକଙ୍କୁ ଭୋଟ ଦେଇ ଲୋକେ ପସ୍ତେଇଲେଣି



**କେନ୍ଦ୍ରାପଡ଼ା,୫।୩(ସଂଚାର ବ୍ୟୁରୋ):** ବିଜେଡି ବିଧାୟକ ଗଣେଶ୍ୱର ବେହେରା ଆଜି ସର୍ବସମ୍ମୁଖରେ ତାଙ୍କର ଗ୍ୟାଙ୍ଗଷ୍ଟର ରୂପ ଦେଖାଇଛନ୍ତି। ସାମାନ୍ୟ କଥାକୁ ନେଇ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ପିଟିଛନ୍ତି। ଗଣେଶ୍ୱରଙ୍କର ଏଭଳି ରୂପ ଏବେ କେନ୍ଦ୍ରାପଡ଼ାବାସୀଙ୍କୁ ତାଜୁବ କରିଛି। କ'ଣ ପାଇଁ ଜିଲ୍ଲା ବାହାରର ଲୋକକୁ ଭୋଟ ଦେଇଥିଲେ ଭାବି ଏବେ ସେମାନେ ପସ୍ତଉଛନ୍ତି।

ଆଜି କେନ୍ଦ୍ରାପଡ଼ା ଟାଉନ୍ ହଲ୍ ପରିସରରେ ବିଜୁବାବୁଙ୍କ ୧୦୯ ତମ ଜନ୍ମ ଜୟନ୍ତୀ ଜିଲ୍ଲା ବିଜେଡି ପକ୍ଷରୁ ପାଳନ କରାଯାଉଥିଲା। ସାମ୍ବାଦିକମାନେ ସେଠାରେ ଖବର ସଂଗ୍ରହ କରୁଥିଲେ। ଏତିକି ବେଳେ ଏକ ଘରୋଇ ଚ୍ୟାନେଲରେ କାର୍ଯ୍ୟରତ ଅଲେଖ ନାୟକ ନାମକ ସାମ୍ବାଦିକଙ୍କୁ ନିଜେ କେନ୍ଦ୍ରାପଡ଼ାର ବିଧାୟକ ଗଣେଶ୍ୱର ବେହେରା ଓ ତାଙ୍କ ସହିତ ଥିବା ସମ୍ବିତ ଶ୍ରୀଚନ୍ଦନ ନାମକ ଜଣେ ବ୍ୟକ୍ତି ଆକ୍ରମଣ କରିଥିଲେ।

ସାମାନ୍ୟ କଥା କଟାକଟି ଘଟଣାକୁ ନେଇ ଉକ୍ତ ସାମ୍ବାଦିକଙ୍କୁ ନିଜେ ବିଧାୟକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଧକ୍କା ଓ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏପରିକି ଗଣେଶ୍ୱର ବେହେରାଙ୍କ କିଛି ସହକର୍ମୀ ମଧ ସମସ୍ତ ସାମ୍ବାଦିକଙ୍କୁ ଉଲଗ୍ନ କରିଦେବା କଥା ସର୍ବସମ୍ମୁଖରେ ତାଚ୍ଛଲ୍ୟ କରି କହିବାରୁ କିଛି ସମୟ ପାଇଁ ବିଜେଡି ବିଧାୟକ ଏବଂ ତାଙ୍କ ସହକର୍ମୀଙ୍କ ସହିତ ପାଖାପାଖି ଏକ ଘଣ୍ଟା ପର୍ଯ୍ୟନ୍ତ ଉକ୍ତ ଗଣମାଧମ ପ୍ରତିନିଧିଙ୍କ ମଧରେ ଧସ୍ତାଧସ୍ତି ଏବଂ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା।

ବିଜେଡି ବିଧାୟକଙ୍କ ଏପରି ଗୁଣ୍ଡାଗର୍ଦ୍ଦି ଆଉ ଚଳିବ ନାହିଁ ବୋଲି ବହୁ ଗଣମାଧମ ପ୍ରତିନିଧି ମତ ଦେଇଛନ୍ତି। ଆସନ୍ତାକାଲି ଜିଲ୍ଲା କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକମାନଙ୍କୁ ସୁରକ୍ଷା ଦେବା ଓ ତୁରନ୍ତ ବିଜେଡିର ଏପରି ଗୁଣ୍ଡାରାଜ ଚଳାଇଥିବା ବିଧାୟକ ଏବଂ ତାଙ୍କ ସହଯୋଗୀମାନଙ୍କୁ ପୁଲିସ ଗିରଫ କରିବାକୁ ଦାବି କରାଯିବା ନେଇ ଚର୍ଚ୍ଚା ଜୋର୍ ଧରିଥିବା ଦେଖିବାକୁ ମିଳିଛି।

ଏହି ଘଟଣାକୁ ନେଇ ବିଜେଡି କର୍ମୀଙ୍କ ମଧରେ ଅସନ୍ତୋଷ ମଧ ବଢ଼ିବାରେ ଲାଗିଛି। କାରଣ ଗତ କିଛିଦିନ ହେଲା ଗଣେଶ୍ୱର ସେମାନଙ୍କୁ ଦୂରେଇଦେବା ସହିତ ନିଜର ପୁରୁଣା କଂଗ୍ରେସିଆ ସହଯୋଗୀ ଓ ଗ୍ୟାଙ୍ଗଷ୍ଟରମାନଙ୍କ ସହିତ ଯୋଡ଼ି ହେଉଛନ୍ତି। ଇତି ମଧରେ ବିଜେଡି ନେତାଙ୍କୁ ପାନେ ଦେବା ପାଇଁ ବିଜେପି ସହ ହାତ ମିଳାଇଥିବା ଅଭିଯୋଗ ମଧ ହେଉଛି। ତେବେ କାର୍ଯ୍ୟରତ ସାମ୍ବାଦିକଙ୍କୁ ବାଡ଼େଇବା ଏବେ ସବୁ ସୀମା ଟପିଥିବା ବେଳେ ମାଡ଼ଖାଇ ଅପମାନିତ ହୋଇଥିବା ସାମ୍ବାଦିକଙ୍କ ପରବର୍ତ୍ତୀ କାର୍ଯ୍ୟପନ୍ଥା ଉପରେ ସମସ୍ତଙ୍କ ନଜର ରହିଛି।

## ବିଜେଡି ପକ୍ଷରୁ ବିଜୁବାବୁଙ୍କ ଜୟନ୍ତୀ ପାଳିତ



ମାହାଙ୍ଗା,୫।୩(ସଂଚାର ବ୍ୟୁରୋ): ଆଧୁନିକ ଓଡିଶାର ବିନ୍ଧାଣି ଦୁଃଶାସିକ ଓ ତୁଙ୍ଗ ରାଷ୍ଟ୍ରନେତା ତଥା କୋଟି ଓଡ଼ିଆଙ୍କ ମଉଡମଣୀ ଓ ସମସ୍ତଙ୍କ ପ୍ରିୟ ରାଜନେତା ସ୍ୱାଭିମାନୀ ବିଜୁ ବାବୁଙ୍କ ତ୍ୟାଗ ଓ ଆଦର୍ଶକୁ ସ୍ମମାନ ଜଣାଇବା ଉର୍ଦ୍ଦେଶ୍ୱରେ ଆଜି ଗାଁରୁ ସହର ସବୁଠି ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମ ଜୟନ୍ତି ବେଶ୍ ଉତ୍ସାହର ସହକାରେ ପାଳନ କରାଯାଇଛି। ସେହିପରି ଭାବେ କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀର ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟା ଅର୍ପଣ କରିବା ସହିତ ସତାଧିକ ବିଜୁପ୍ରେମୀଙ୍କ ସମେତ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଜିଲ୍ଲା ପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ଜୋନ୍ ସଭାପତି ଯ୍ୟୋତିପ୍ରକାଶ ସ୍ୱାଇଁ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଖିରୋଦ ଚନ୍ଦ୍ର ପଣ୍ଡା, ଯୁବନେତା ପ୍ରିୟବ୍ରତ ସାହୁଙ୍କ ସମେତ ବହୁ ମୁରବି ପଂଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା ମାନେ ଯୋଗଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ସହିତ ବିଜୁ ବାବୁଙ୍କ ଯିବନି ଶୈଳୀ ଉପରେ ଆଲୋଚନା କରିଥିଲେ। ସେହିପରି ଭାବେ ମାହାଙ୍ଗା ବ୍ଲକ୍ ଅଫିସ୍ ସମ୍ମୁଖରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନା ପୁଷ୍ପମାଲ୍ୟା ଅର୍ପଣ କରି ବିଜୁ ବାବୁଙ୍କ ବହୁମୁଖି ପ୍ରତିଭା ବିଷୟରେ ଆଲୋକପାତ କରିଥିଲେ।

## ରାସ୍ତାକାମକୁ ନେଇ ଉଠିଲା ପ୍ରଶ୍ନ

# ପୂର୍ତ୍ତ ବିଭାଗର ନିମ୍ନମାନର କାମ ଗ୍ରାମବାସୀଙ୍କ ଅଭିଯୋଗ

ଆଳି,୫।୩(ସଂଚାର ବ୍ୟୁରୋ): ନଅ କୋଟି ଟଙ୍କାର ରାସ୍ତାକାମକୁ ନେଇ ପ୍ରଶ୍ନ ଉଠାଇଲେ ଗ୍ରାମବାସୀ। କେନ୍ଦ୍ରାପଡା ଜିଲ୍ଲା ଆଳି-ମହୁ ପୂର୍ତ୍ତ ବିଭାଗର ରାସ୍ତାକାମରେ ବ୍ୟାପକ ଅନିୟମିତତା ହେଉଥିବାର ଅଭିଯୋଗ କରିଛନ୍ତି। ପକ୍କା ରାସ୍ତାନିର୍ମାଣରେ ୪ଇଞ୍ଚ ଢ଼ଳେଇ ସ୍ଥାନରେ ୩ଇଞ୍ଚ ଢ଼ଳେଇ କରାଯିବା ସହ ନିମ୍ନମାନର ସିମେଣ୍ଟ ବ୍ୟବହୃତ ହେଉଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ୮କିମି ବିଶିଷ୍ଟ ରାସ୍ତାରେ ଗତ ବର୍ଷ ୬କିମି ଯାଏଁ ରାସ୍ତାକାମ ହୋଇଥିବା ବେଳେ ଆଉ ଏବେ ବଳକା ଥିବା ମହୁ ଝାଡେଶ୍ୱର ମନ୍ଦିର ଠାରୁ ଗାଁ ଶେଷ ଯାଏଁ ୨କିମି ରାସ୍ତାରେ କଂକ୍ରିଟ ରାସ୍ତା ନିର୍ମାଣ ହେଉଛି। ହେଲେ ରାସ୍ତା ନିର୍ମାଣ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ବେଳେ ଲୋ-କ୍ୱାଲିଟ ସିମେଣ୍ଟ ବ୍ୟବହୃତ ହେଉଛି। ଏମିତି କି ରାସ୍ତା ନିର୍ମାଣ ପରେ ଝାଡୁ ମାରିଲେ ସେମେଣ୍ଟ ବହାରିଯାଉଥିବା ମଧ୍ୟ ଲୋକେ କହିଥିବା ବେଳେ ଯନ୍ତ୍ରୀ ଓ ଠିକାଦାରଙ୍କ ମିଳିଭାଗତ ରେ ନିମ୍ନମାନର କାମ ହୋଉଛି ବୋଲି କୁହାଯାଉଛି । କାମ ବେଳେ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାରୁ ଠିକାଦାର ମନମାନିରେ କାମଚାଲୁ ଥିବା କୁହାଯାଉଛି। ଏମିତି କି ଯନ୍ତ୍ରୀ ମଠରେ ଖାଇ ଖଟରେ ଶୋଉ ଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ସରକାର ବଦଳି ଥିବା ବେଳେ କିନ୍ତୁ ପିସି ପ୍ରଥା ବଦଳି ନାହିଁ। ଏହି ରାସ୍ତାକାମର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି।ଏନେଇ ବିଭାଗୀୟ ଅଧିକାରୀ ସାମ୍ନାରେ କିଛି କହିବାକୁ ରୋକ ଠୋକ ମନା କରିଦେଇଛନ୍ତି।




## ୪କୋଟି ବ୍ୟୟରେ ନରଣପୁର ପାଟନାଳୀ ପୁନରୁଦ୍ଧାର ପ୍ରକଳ୍ପର ଶିଳାନ୍ୟାସ



ପଟ୍ଟାମୁଣ୍ଡାଇ,୫।୩(ସଂଚାର ବ୍ୟୁରୋ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପବିତ୍ର ଜୟନ୍ତୀ ଅବସରରେ ପଟ୍ଟାମୁଣ୍ଡାଇ ଅଂଚଳର ଚାଷୀମାନଙ୍କ ଦୀର୍ଘ ଦିନର ଦାବୀ ନରଣପୁର ପାଟନାଳୀ ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। କେନ୍ଦ୍ରାପଡ଼ା ଜଳ ନିକାସ ବିଭାଜନ ବିଭାଗ ପକ୍ଷରୁ ୪ କୋଟି ଟଙ୍କା ବ୍ୟୟ ଅଟକଳରେ ନରଣପୁର ପାଟନାଳୀ ପୁନଃରୁଦ୍ଧାର ପ୍ରକଳ୍ପ କାର୍ଯ୍ୟକାରୀ ହେବ । ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନରଣପୁର ପାଟନାଳୀ ପୁନଃରୁଦ୍ଧାର ପ୍ରକଳ୍ପ ଶିଳାନ୍ୟାସ କରିଥିଲେ । ଏହି ଉତ୍ସବରେ ୧୭ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ , ବ୍ଲକ ବିଜେଡି ସଭାପତି କିଶୋର ସାହୁ,୧୮ନଂ ଜୋନ ଜିଲ୍ଲା ପରିଷଦ ପ୍ରତିନିଧି ସମୀର ମଲିକ, ଖଣତା ସରପଞ୍ଚ ଅନିଲ ଲେଙ୍କା, ସମିତି ସଭ୍ୟ ସୁରେଶ ଜେନା, ପୂର୍ବତନ ସରପଞ୍ଚ ଦିବାକର ସେଠୀ ସଂସାରଫଳ ସରପଞ୍ଚ ପ୍ରତିନିଧି ସୁଶାନ୍ତ ସାମନ୍ତରାୟ, ସମିତି ସଭ୍ୟ ପର୍ଶୁରାମ ରାଉତରାୟ, ପୂର୍ବତନ ସରପଞ୍ଚ ମିନତୀ ପାତ୍ର, ସାନବଡ଼ ଗୋପାଳପୁର ସରପଞ୍ଚ ଗୋଲକ ସ୍ୱାଇଁ, ଓଉପଦା ପୂର୍ବତନ ସୁବାଷ ଖଟୁଆ,ସମାଜସେବୀ ସର୍ବେଶ୍ୱର ମହାନ୍ତି, ଟୁନିଆ ବେହେରା, ବିକାଶ ପାତ୍ର ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଲୋକପ୍ରତିନିଧି ଯୋଗ ଦେଇଥିଲେ । ବିଧାୟକଙ୍କୁ ମଦନପୁର କଲେଜ ଛକ ଠାରୁ ଏକ ଶୋଭାଯାତ୍ରାରେ ଶିଳାନ୍ୟାସ ସ୍ଥଳ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା ।

## ଜିଲ୍ଲା ଓକିଲ ସଂଘ ନିର୍ବାଚନ ନାମାଙ୍କନପତ୍ର ଦାଖଲ ଆରମ୍ଭ



କେନ୍ଦ୍ରାପଡା,୫।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ନିର୍ବାଚନ ଆସନ୍ତା ୫ ରୁ ୭ ତିନି ଦିନ ଧରି ନାମାଙ୍କନ ପତ୍ର ଦାଖଲ କରାଯିବ । ଏନେଇ ବୁଧବାର ଜିଲ୍ଲା ଓକିଲ ସଂଘ ସଭାପତି ପଦ ପାଇଁ ୨ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏମାନେ ହେଲେ ବରିଷ୍ଠ ଆଇନଜୀବି ରବି ନାରାୟଣ ମହାନ୍ତି ଓ ଗୋବର୍ଦ୍ଧନ ରାଉତ ଏମାନେ ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି । ନିର୍ବାଚନ ରେ ନିର୍ବାଚନ ଅଧିକାରୀ ଭାବେ ସଂଜୟ କୁମାର ପତ୍ରୀ, ସହକାରୀ ନିର୍ବାଚନ ଅଧିକାରୀ ଭାବେ କାର୍ତିକ ଚନ୍ଦ୍ର ତ୍ରିପାଠୀଙ୍କ ସହ ଦିଲିପ ମହାନ୍ତି, ବିରଂଚି ପଟ୍ଟନାୟକ, ସୁଶୋଭନ ଜଗଦିଶ, ନିଳମଣୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

## କୋର୍ଟ ପରିସରରେ ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କୁ ପୁଲିସ ଗାର୍ଡଙ୍କ ଦୁର୍ବ୍ୟବହାର ଅଭିଯୋଗ



କେନ୍ଦ୍ରାପଡା,୫।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡା କୋର୍ଟ ପରିସର ରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ବିଭିନ୍ନ ମକଦ୍ଦମା ରେ ଛନ୍ଦି ହୋଇ ଜେଲରେ ଥିବା ଅଭିଯୁକ୍ତ ମାନଙ୍କୁ ସେମାନଙ୍କ ତାରିଖରେ ହାଜିର କରାଇବା ପାଇଁ ସିକ୍ୟୁରିଟ ଗାର୍ଡ କୋର୍ଟକୁ ଆଣିଥିଲେ। କୋର୍ଟ ହାଜତରେ ଥିବାବେଳେ ଏହି ଅଭିଯୁକ୍ତ ମାନଙ୍କୁ ସେମାନଙ୍କ ମହିଳା ସଂପର୍କୀୟ ଦେଖା କରିବାକୁ ଅସିଥିବା ଓ ସେମାନଙ୍କ ପାଇଁ ଆଣିଥିବା କିଛି ଖାଦ୍ୟ ସେମାନଙ୍କୁ ଦେବାବେଳେ ଗାର୍ଡ ଏହାକୁ ବିରୋଧ କରି ମହିଳା ସଂପର୍କୀୟଙ୍କୁ ଦୁର୍ବ୍ୟବହାର କରିଥିଲେ। ଏଥିପାଇଁ ଅଭିଯୁକ୍ତ ମାନେ ଏହାର ବିରୋଧ କରି ପାଟିତୁଣ୍ଡ କରିଥିଲେ। ଦୀର୍ଘ କିଛି ସମୟ ଧରି କୋର୍ଟ ପରିସରରେ ଏଭଳି ଅପ୍ରତୀକର ପରିସ୍ଥିତି ସୃଷ୍ଟିହେବା ଫଳରେ କୋର୍ଟ ରେଜିଷ୍ଟାର ରମାଦେବୀ ସୋରେନ, ମୁଖ୍ୟ ପ୍ରଶାସନିକ ଅଧିକାରୀ ଶରତ କୁମାର ଦାସ ଏବଂ ଅନ୍ୟ ବିଚାରପତି ମାନେ ଘଟଣା ସ୍ଥଳରେ ପହଁଚି ଅଭିଯୁକ୍ତ ମାନଙ୍କୁ ବୁଝାସୁଝା କରିବା ପରେ ଘଟଣା ଶାନ୍ତ ପଡିଥିଲା । ଏନେଇ ଦୁର୍ବ୍ୟବହାର କରିଥିବା ଗାର୍ଡଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୁକ୍ତ ମାନେ ଦାବି କରିଛନ୍ତି ।

## ରାଧା ମାଧବ ମନ୍ଦିରରୁ ଚୋରି

ମହାକାଳପଡ଼ା,୫।୩(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଜୟଚନ୍ଦ୍ରପୁର ଗ୍ରାମପଞ୍ଚାୟତ ସାନ ଗାଁ ଗ୍ରାମର ରାଧା ମାଧବ ମନ୍ଦିରରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ୪ ଟି ମୁକୁଟ,୨ଟି ବଂଶୀ, ୪ଟି ଅଣ୍ଟା ପଟି ଓ ଗୋଟିଏ ସୁନା ଲକେଟ କେହି ଦୁର୍ବୃତ୍ତ ଚୋରି କରିଛି। ଏହି ଚୋରି ଘଟଣାରେ ତଦନ୍ତ କରି ଚୋରକୁ ଧରିବା ପାଇଁ ଯାଦବ ସଙ୍ଘ, ସାନ ଗାଁ ତରଫରୁ ମାର୍ଶାଘାଇ ଥାନାରେ ଲିଖିତ ଏତଲା ଦିଆଯାଇଛି। ପୋଲିସ ଏତଲା ଆଧାରରେ ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଇଛି।

## ଚାନ୍ଦୋଳ ପଞ୍ଚାୟତରେ ସୁଭଦ୍ରା ପଦଯାତ୍ରା



ଡେରାବିଶ,୫।୩(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ର ସମସ୍ତ ପଞ୍ଚାୟତ ରେ ସିଆରପି,ଏମବିକେ, ଅଙ୍ଗନବାଡ଼ି କର୍ମୀ ଓ ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀ ର ମହିଳା ମାନେ ସକାଳେ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପଦଯାତ୍ରା ଆରମ୍ଭ କରି ସୁଭଦ୍ରା ଯୋଜନା ବିଷୟରେ ଶ୍ଳୋଗାନ ଦେଇ ଶୋଭାଯାତ୍ରାରେ ଯାଇଥିଲେ। ଏହି କାର୍ଯ୍ୟକ୍ରମ ରେ ଚାନ୍ଦୋଳ ପଞ୍ଚାୟତ ର ସରପଞ୍ଚ ସୁରେନ୍ଦ୍ର ମଲ୍ଲିକ, ମିଶନ ଶକ୍ତି ମହିଳା ମାନେ ମାନେ ନିରୋଜ ନଳିନୀ ସାମଲ,ରଶ୍ମି ପ୍ରଭା ପାତ୍ର, ମମତା ମହାରଣା, ସଞ୍ଜୁଲତା ସାହୁ କଲ୍ୟାଣୀ ଦାସ, କବିତା ନାୟକ, ଅନ୍ନପୂର୍ଣ୍ଣା ଜେନା ଲିପ୍ସା ମହାନ୍ତି ପ୍ରମୁଖ ନେତୃତ୍ୱରେ ସେମାନଙ୍କ ପଞ୍ଚାୟତ ମାନଙ୍କ ରେ ସୁଭଦ୍ରା ପଦଯାତ୍ରା କରିଥିଲେ।

## ବରପୁତ୍ର ବିଜୁ ବାବୁଙ୍କ ଜୟନ୍ତୀ ପାଳନ

ଗରଦପୁର,୫।୩(ସଂଚାର ବ୍ୟୁରୋ): ଓଡିଶାର ବରପୁତ୍ର ପ୍ରବାଦ ପୁରୁଷ ,ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଙ୍କ ୧୦୯ ତମ ଜନ୍ମ ଜୟନ୍ତୀ ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତ ଚଁପୁର ଖେଳପଡିଆ ଠାରେ ପାଳନ ହୋଇ ଯାଇଛି । ଏହି ଅବସରରେ ସମୃଦ୍ଧ ଗଠନରେ ବିଜୁବାକୁ ଅବଦାନ ଶୀର୍ଷକ ଉପରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଶୈଳେନ୍ଦ୍ର ମହାନ୍ତି ଙ୍କ ସଭାପତିତ୍ୱରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁବାବୁଙ୍କ ସମୟରେ ବିତେଇଥିବା କିଛି ସ୍ମୃତି କୁ ମନେ ପକାଇ ତାହାର ଗୁଣଗାନ କରିଥିଲେ । ଏହି ସଭାରେ ଜିଲ୍ଲା ପରିଷଦ ସଭ୍ଯ ସତ୍ମାନନ୍ଦ ରାଉତ, ପ୍ରମୋଦ କୁମାର ରଥ, ଜିଲ୍ଲା ପରିଷଦ ସଭ୍ୟା ଏଲିଜା ସ୍ୱାଇ,ବ୍ଲକ ଉପାଧ୍ୟକ୍ଷା ସୌଦାମିନୀ ଆଚାର୍ଯ୍ୟ , ବିଜେଡ଼ି ନେତା କ୍ଷୀତିଶ୍ ଚନ୍ଦ୍ର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାସୁଦେବ ବେହେରା, ସମିତି ସଭ୍ଯ ରାକେଶ ମହାପାତ୍ର,ଅନ୍ନାଦା ପ୍ରସାଦ ତ୍ରୀପାଠୀ,ପୂର୍ବତନ ସରପଞ୍ଚ ତିର୍ଥାନନ୍ଦ ସ୍ୱାଇ,ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଜୁବାବୁ ଙ୍କ ଗୁଣଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସନ୍ତୋଷ ମାହାଳୀ, ପ୍ରଭାତ ନଳିନୀ ଜେନା, ଗୀତାଞ୍ଜଳି ମହାନ୍ତି,ଅନୁସୟା ବେହେରା, ବନଲତା ସ୍ୱାଇ,ସଞ୍ଜୁକ୍ତା ମହାପାତ୍ର, ପୂର୍ବତନ ସରପଞ୍ଚ ଅଶୋକ କୁମାର ଜେନା, ପ୍ରକାଶ କୁମାର ସାହୁ ଙ୍କ ସମେତ ହଜାର ହଜାର ସଂଖ୍ୟାରେ ବିଜୁପ୍ରେମୀ ଉପସ୍ଥିତ ଥିଲେ ।




## ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳିତ



ମହାକାଳପଡ଼ା,୫।୩ (ସଂଚାର ବ୍ୟୁରୋ): ମହାନ ଜନନାୟକ, ପ୍ରବାଦ ପୁରୁଷ ତଥା ଆଧୁନିକ ଓଡିଶା ର ନିର୍ମାତା ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜନ୍ମ ଜୟନ୍ତୀ ଉତ୍ସବ ବିଜୁ ଜନତାଦଳ କାର୍ଯ୍ୟାଳୟ,ମହାକାଳପଡା ଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ମହାକାଳପଡ଼ାର ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ବିଜୁ ପ୍ରେମୀ ମାନଙ୍କୁ ସ୍ୱାଗତ କରିବା ସହିତ ବିକଶିତ ଓଡିଶା ଗଠନ ଦିଗରେ ବିଜୁ ପଟ୍ଟନାୟକଙ୍କ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ବିଜୁ ପଟ୍ଟନାୟକ ଥିଲେ ଝଡର ଇଗଲ୍। ତାଙ୍କର ପ୍ରଚେଷ୍ଟା ଓଡ଼ିଶାର ସମସ୍ତ ବର୍ଗର ନାଗରିକମାନଙ୍କ ବିକାଶ ପାଇଁ ଉତ୍ସର୍ଗୀକୃତ ହୋଇଥିଲା। ଯାହା ପ୍ରତ୍ୟେକଙ୍କ ମନରେ ସ୍ଥାନିତ ଅଛି, ତାଙ୍କର ବୀରତ୍ୱର ଗାଥା କହିଲେ ଆଜି ବି ଛାତି ଥରିଉଠେ ବୋଲି ଅତନୁ କହିଥିଲେ।। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା,ବହୁ ପଞ୍ଚାୟତର ଲୋକପ୍ରତିନିଧି,ବିଜୁ ଜନତା ଦଳର କର୍ମକର୍ତ୍ତା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ବେଆଇନ୍ ଧାନକିଣାକୁ ବିରୋଧ କରିବାରୁଙ୍କୁ ମାଡ଼

● ସଭାପତିଙ୍କ ନାମରେ ସାଙ୍ଘାତିକ ଅଭିଯୋଗ

ମହାକାଳପଡ଼ା,୫।୩(ସଂଚାର ବ୍ୟୁରୋ): ସମବାୟ ସମିତିରେ ଅସାଧୁ ଉପାୟରେ ଧାନ କିଣାକୁ ବିରୋଧ କରିବାରୁ ଜଣେ ଡାଟା ଏଣ୍ଟ୍ରି ଅପରେଟର ଙ୍କୁ ସଭାପତି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ଚାକିରୀ ନେଇଯିବେ ଓ ତଳିତଳାନ୍ତ କରିବାକୁ ସଭାପତି ଧମକ ଦେଇଛନ୍ତି ବୋଲି ଡାଟା ଏଣ୍ଟ୍ରି ଅପରେଟର ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ମହାକାଳପଡ଼ା ବ୍ଲକ ତେର ଗାଁ ଗ୍ରାମର ଅକ୍ଷୟ କୁମାର ସାହାଣୀଙ୍କ ପୁଅ ଅମିତ କୁମାର ସାହାଣୀ ତେର ଗାଁ ସେବା ସମବାୟ ସମିତିରେ ଡାଟା ଏଣ୍ଟ୍ରି ଅପରେଟର ଭାବରେ କାର୍ଯ୍ୟ କରୁଛନ୍ତି। ସେଓ୍ୱା ସମବାୟ ସମିତିରେ ଅନିୟମିତତା ହେଉଥିବାର ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯୋଗ୍ୟ ଚାଷୀମାନଙ୍କ ଧାନ ଉଠିବାରେ ଅହେତୁକ ବିଳମ୍ବ କରାଯାଉଛି। ଯେଉଁ ଚାଷୀମାନଙ୍କ ଧାନ ନାହିଁ ଜାଲ୍ ଟୋକନ୍ ରେ ସ୍କାନ୍ କରିବାକୁ ତାଙ୍କୁ ଅସାଧୁ ବ୍ୟକ୍ତି ମାନେ ବାଧ୍ୟ କରୁଛନ୍ତି। ଏନେଇ ସେ ସମିତି ସଭାପତି ଅରକ୍ଷିତ ବେହେରାଙ୍କୁ ଜଣାଇବାରୁ ସେ ଅସାଧୁ ବ୍ୟକ୍ତି ମାନଙ୍କ କାମ କରିବାକୁ ବାଧ୍ୟ କରିଥିଲେ। ବେଆଇନ୍ କାମ କରିବାକୁ ମନା କରିବାରୁ ସଭାପତି ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ବିଧା, ଚାପୁଡ଼ା,ଗୋଇଠା ମାରିଥିଲେ। ଏନେଇ ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ବିଷୟରେ ଜାଣିବାକୁ ପାଇ ଡାଟା ଏଣ୍ଟ୍ରି ଅପରେଟର ଚାକିରିରୁ ହଟାଇବା ସହ ତଳିତଳାନ୍ତ କରିବାକୁ ଧମକ ଦେଇଥିବା ଅମିତ ଅଭିଯୋଗ କରିଛନ୍ତି। ତାଙ୍କ ସହିତ ଘଟିଥିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଜି ସେ ମାର୍ଶାଘାଇ ଥାନାରେ ଏତଲା ଦେବାକୁ ଯାଇଥିଲେ ହେଲେ ଏତେଦିନ ଧରି କାହିଁକି ଚୁପ୍ ଥିଲ ବୋଲି ଦର୍ଶାଇ ତାଙ୍କ ଏତଲା ରଖାଯାଇନଥିବା ସେ କହିଛନ୍ତି। ଏ ଘଟଣାରେ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଆକର୍ଷଣ କରି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅମିତ ଦାବି କରିଛନ୍ତି।

## ପୋଖରୀରୁ ୨ ଛାତ୍ରଙ୍କ ମୃତଦେହ ଉଦ୍ଧାର



କେନ୍ଦ୍ରାପଡା,୫।୩(ସଂଚାର ବ୍ୟୁରୋ): ସପ୍ତମ ଶ୍ରେଣୀର ଦୁଇ ଛାତ୍ର ପୁଅକୁ ହରାଇ ପରିବାର ଲୋକେ ଭାଙ୍ଗିପଡିଛନ୍ତି । ଏଭଳି ଅଭାବନୀୟ ଘଟଣା କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଖୁରୁସିଆ ଗ୍ରାମ ପଂଚାୟତ ବାନ୍ଧକୁଦ ଗ୍ରାମରେ ଘଟିଛି । ସଂଜୟ ମହାପାତ୍ରଙ୍କ ଏକମାତ୍ର ପୁଅ ଦୁର୍ଗାପ୍ରସାଦ ମହାପାତ୍ର ଓ ମନୋରଂଜନ ମହାପାତ୍ରଙ୍କ ଏକମାତ୍ର ପୁଅ ଦିପ୍ୟାଂଶୁ ମହାପାତ୍ର ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତ ଦୁଇ ଜଣଙ୍କ ବୟଷ ୧୨ ବର୍ଷ ହୋଇଥିବା ବେଳେ ଉଭୟ ସାଙ୍ଗ ହୋଇ ସପ୍ତମ ଶ୍ରେଣୀରେ ପାଠ ପଢୁଥିଲେ। ସୁଚନା ମୁତାବକ ମୃତ୍ୟୁବରଣ କରିଥିବା ଦୁଇ ଛାତ୍ର ମଙ୍ଗଳବାର ମଧ୍ୟାହ୍ନ ୪ଟା ସମୟରେ ସାଙ୍ଗହୋଇ ଟିଉସନକୁ ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରିନଥିଲେ । ପରିବାର ଲୋକ ଓ ଗ୍ରାମବାସି ମାନେ ବହୁତ ଖୋଜାଖୋଜି କରିବାପରେ ଗାଁ ନିକଟରେ ଥିବା ମା' ବ୍ରହ୍ମାଣିଙ୍କ ପିଠରେ ଥିବା ଗଡିଆ ତୁଠରେ ସାଇକେଲ ଓ ପାହାଚ ଉପରେ ବହି, ଯନ୍ତ୍ରବାକ୍ସ, ଘଣ୍ଟା ଓ ଚପଲ ପଡିରହିଥିବାର ଦେଖିବାକୁ ମିଳିଥିଲା । ସନ୍ଦେହରେ ଗ୍ରାମବାସି ମାନେ ଗଡିଆରେ ବହୁତ ଖୋଜାଖୋଜି କରିବା ପରେ ଦୁଇ ଜଣ ଛାତ୍ରଙ୍କୁ ଗୁରୁତର ଆହାତ ଅବସ୍ଥାରେ ଉଦ୍ଧାର କରି କେନ୍ଦ୍ରାପଡା ଜିଲ୍ଲା ମୁଖ୍ଯ ଚିକିତ୍ସାଳୟକୁ ପଠାଇ ଥିଲ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ କୁ ନେଇ ଦୁଇ ପରିବାର ଲୋକେ ସନ୍ଦେହ ପ୍ରକଟ କରିଥିବା ବେଳେ ବୁଧବାର ଦିନ ଘଟଣା ସ୍ଥଳରେ ମାର୍ଶାଘାଇ ଥାନା ପୋଲିସ ପହଁଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଯାହା ଫଳରେ ପୁରା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ଥଇଥାନ କଲେ ଆଇନସେବା ପ୍ରାଧିକରଣ



କେନ୍ଦ୍ରାପଡା,୫।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ଜଣେ ଅସହାୟ ମହିଳା ଥଇଥାନ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାଇ ପଟ୍ଟାମୁଣ୍ଡାଇ ଦେଉଳିପଡା ଗ୍ରାମର ସ୍ୱାମୀ ପରିତ୍ୟକ୍ତା ସୁମିତ୍ରା ବେହେରା ନାମକ ଏହି ମହିଳା ରୋଗାଗ୍ରସ୍ତ ଅସହାୟ ଅବସ୍ଥାରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଫିସରେ ପହଁଚି ସାହାଯ୍ୟ କରିବା ପାଇଁ ନିବେଦନ କରିଥିଲେ । ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ମହିଳାଙ୍କୁ ଚିକିତ୍ସା ବ୍ୟବସ୍ଥା କରିବା ସହ ରେସ୍ୱା ସ୍ୱଳ୍ପ ରହଣୀ କେନ୍ଦ୍ରରେ ତାଙ୍କୁ ନେଇ ଥଇଥାନ କରିଥିବା ଜଣାପଡିଛି । ଏଥି ସହିତ ଡିଏସଡବ୍ଲୁ ଓ ଚିକିତ୍ସାଳୟ କୁ ତାଙ୍କର ସ୍ୱାସ୍ଥ୍ୟ ସଂପର୍କରେ ଚିକିତ୍ସା କରିବା ପାଇଁ ନିର୍ଦ୍ଦେସ ଦେଇଛନ୍ତି।

## ନିମ୍ନମାନର ରାସ୍ତା କାମକୁ ନେଇ ତାତିଲେ ଲୋକେ



ମହାକାଳପଡ଼ା,୫।୩(ସଂଚାର ବ୍ୟୁରୋ): ଦେଉଳପଡା ପଞ୍ଚାୟତରେ ଦେଉଳପଡା ହରିଜନ ସାହି ଠାରୁ ବାଙ୍କି ଛନ୍ଦା ପର୍ଯ୍ୟନ୍ତ ରାସ୍ତା କାମ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କରାଯାଉଛି। ଏହି କାର୍ଯ୍ୟ ରେ ଜେଇ ଉପସ୍ଥିତ ରହୁ ନଥିବାରୁ କାମ ନିମ୍ନମାନର କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଢଳେଇ କାଛ ପାଇଁ କରାଯାଇଥିବା ବେସ୍ ରେ ସ୍ଥାନେ ସ୍ଥାନେ ମେଣ୍ଟାଲ ଦିଆନଯାଇ ବାଲି ମସଲାରେ କାମ କରାଯାଉଛି। ଯାହା ହାତରେ ଟାଣିଲେ ମାଟି ଭଳି ବାହାରି ଆସୁଛି। ଢଳେଇ ମସଲା ଠିକ୍ ଭାଗରେ ହେଉନି ଯାହା ରାସ୍ତାର ସ୍ଥାୟୀତ୍ୱ ଉପରେ ପ୍ରଭାବ ପକାଇବ ବୋଲି ଲୋକେ କହିଛନ୍ତି। କାମ ନିକଟରେ ଯନ୍ତ୍ରୀ ଉପସ୍ଥିତ ରହୁ ନଥିବାରୁ କାମରେ ମନମାନି କରାଯାଉଛି ବୋଲି ଅଭିଯୋଗ ଆଣି ଆଜି ରାସ୍ତା କାମକୁ ବନ୍ଦ୍ କରିଥିଲେ ଲୋକେ। ଘଟଣା ବିଷୟରେ ଜେଇଙ୍କୁ ଫୋନ୍ ଯୋଗେ ଜଣାଇ ଜେଇଙ୍କୁ ଘଟଣା ସ୍ଥଳରେ ପହଞ୍ଚିବାକୁ ଲୋକେ ଦାବି କରିଥିଲେ। ଲୋକଙ୍କ ବିରୋଧ ପରେ ଘଟଣା ସ୍ଥଳରେ ପହଞ୍ଚି ଜେଇ କାମ ବିଷୟରେ ତଦାରଖ କରି ଠିକ୍ ଭାବରେ କାମ କରିବାକୁ ଠିକାଦାରଙ୍କୁ ତାଗିଦ୍ କରିବା ସହିତ ଲୋକମାନଙ୍କୁ କାମ ସଠିକ୍ ଭାବରେ କରାଇବାକୁ ସହଯୋଗ ଲୋଡିଥିଲେ। ଠିକାଦାର ସଠିକ୍ ଢଙ୍ଗରେ କାମ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା କାମ ଆରମ୍ଭ ହୋଇଥିଲା।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା



ନିଶ୍ଚିନ୍ତକୋଇଲି,୫।୩(ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ପଞ୍ଚାୟତ ଗୋପୀନାଥପୁରସ୍ଥ ସିଦ୍ଧ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ୩୧ ତମ ବାର୍ଷିକ ତ୍ରୀଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା ବୁଧବାର ଅପରାହ୍ନରେ ହୋଇଯାଇଛି। ଦାଉଦପୁର ପଞ୍ଚାୟତର ଗୋପୀନାଥପୁର ନଇଗୁଆଁ, ଜଗନ୍ନାଥପୁର ଗ୍ରାମର ଶ୍ରଦ୍ଧାଳୁ ଭକ୍ତ ଓ ଶତାଧିକ ମହିଳା ମା ମାନେ ଗୋପୀନାଥପୁର ନଇଗୁଆଁ ନିକଟସ୍ଥ ଚିତ୍ରୋତ୍ପଳା ନଦୀରୁ କଳସିରେ ଜଳ ଆଣି ଏକ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ପହଂଚି ଥିଲେ। ସେଠାରେ ଉପସ୍ଥିତ ଥିବା ସୁବେଦୀ ବ୍ରାହ୍ମଣ ପଣ୍ଡିତ ଦାମୋଦର ଦାଶ ଓ ସାଥିମାନେ କଳସି ଗୁଡିକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ଗୋ-ପୂଜା, ସୂର୍ଯ୍ୟପୂଜା ପରେ ଅଗ୍ନିସ୍ଥାପନ କରାଯାଇ ବିଷ୍ଣୁ ସହସ୍ର ନାମରେ ଘୃତ ଯଜ୍ଞ ଆରମ୍ଭ ହୋଇଥିଲା। ଯଜ୍ଞରେ କର୍ତ୍ତାକର୍ତ୍ତୀ ଭାବେ ଆଲୋକ କୁମାର ବାରିକ ଓ ତାଙ୍କର ଧର୍ମପତ୍ନୀ ମିନିଲତା ବାରିକ କାର୍ଯ୍ୟଭାର ତୁଲାଉଥିବା ବେଳେ ୭ ତାରିଖ ଶୁକ୍ରବାର ଦିନ ଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ଯଜ୍ଞ କମିଟି ପକ୍ଷରୁ ସୂଚନା ମିଳିଛି। ପ୍ରତିଦିନ ସନ୍ଧ୍ୟାରେ ଭଜନ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିବା ବେଳେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ତ୍ରୀନାଥ ଶାନ୍ତି ସେବା କମିଟିର ମୁଖ୍ୟ କର୍ମକର୍ତ୍ତା ଦୋଳଗୋବିନ୍ଦ ନାୟକ, ମନ୍ଦିର ମୁଖ୍ୟ ପୂଜକ ଦୁର୍ଗାପ୍ରସାଦ ମିଶ୍ର,କର୍ମକର୍ତ୍ତା ଶରତ ଚନ୍ଦ୍ର ବାରିକ, ଦିଲୀପ କୁମାର ମହାନ୍ତି, ସୁବାସ ଚନ୍ଦ୍ର ସାହୁ ଓ ଗ୍ରାମବାସୀମାନେ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରୁଛନ୍ତି ।

## ମାଦଳୀ ମୁହାଣରେ ବଢୁଛି ଅନୁପ୍ରବେଶ

ମହାକାଳପଡ଼ା,୫।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ହୁକିଟୋଲା-ମାଦଳୀ ମୁହାଣରେ ବେଆଇନ ଭାବେ ସ୍ଥାନୀୟ କଙ୍କଡ଼ା ଧରାଳି ଓ ମତ୍ସ୍ୟଜୀବୀଙ୍କ ଆଡ୍ଡା ବଢୁଛି। ବନ ବିଭାଗ ପକ୍ଷରୁ ମାଦଳୀଠାରେ ଅସ୍ଥାୟୀ କ୍ୟାମ୍ପ୍ କରାଯାଇ ଅନୁପ୍ରବେଶଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ କର୍ମଚାରୀ ନିୟୋଜିତ କରାଯାଇଛି। ମାତ୍ର କ୍ୟାମ୍ପ୍ ନିକଟରେ କର୍ମଚାରୀ ଉପସ୍ଥିତ ରହିଥିଲେ ମଧ୍ୟ କିପରି ଓ କେଉଁ ପରିସ୍ଥିତିରେ ବଡ଼ ବଡ଼ ଡଙ୍ଗା, ଚାପା ଡଙ୍ଗା, ଟ୍ରଲରଗୁଡ଼ିକ ଏଠାରେ ଲଙ୍ଗର ପକାଇଛନ୍ତି ତାହା ପରିବେଶବିତ୍‌ଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ବାଲିଢିପରେ ଆଡ୍ଡା ଜମାଇବା ସହ ସମୁଦ୍ରରୁ ବିରଳ ପ୍ରଜାତିର ମାଛ, କଙ୍କଡ଼ା ଓ ଅନ୍ୟ ସାମୁଦ୍ରିକ ଜୀବ ଧରି ସିଧାସଳଖ ସମୁଦ୍ର ପଥଦେଇ ପାରାଦୀପକୁ ଚାଲାଣ କରାଯାଉଛି।

# ୮ରୁ ବଢ଼ିବ ତାପମାତ୍ରା

## ଦେଶର ଷଷ୍ଠ ଉତ୍ତପ୍ତ ସହର ଝାରସୁଗୁଡ଼ା




**ଭୁବନେଶ୍ୱର,୫।୩(ସଂଚାର ବ୍ୟୁରୋ):** ଚଳିତ ମାସ ପ୍ରାରମ୍ଭରୁ ରାଜ୍ୟରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇବା ପରେ ଏବେ ଏଥିରେ ସାମାନ୍ୟ ବ୍ରେକ୍ ଲାଗିଛି। କିନ୍ତୁ ଆସନ୍ତା ୮ ତାରିଖଠାରୁ ପୁଣିଥରେ ଜନସାଧାରଣଙ୍କୁ ତାତିରେ ବେହାଲ୍ ହେବାକୁ ପଡ଼ିବ। ଏପରି ପୂର୍ବାନୁମାନ କରିଛି ପାଣିପାଗ ବିଭାଗର ଆଞ୍ଚଳିକ କାର୍ଯ୍ୟାଳୟ। ଅନ୍ୟପକ୍ଷରେ ଆଜି ଅପରାହ୍ନ ୨ଟା ସୁଦ୍ଧା ଝାରସୁଗୁଡ଼ା ଦେଶର ୬ଟି ଉତ୍ତପ୍ତତମ ସହର ମଧ୍ୟରେ ଅନ୍ୟତମ ହୋଇଛି। ଏଠାରେ ତାପମାତ୍ରା ୩୯ ଡିଗ୍ରୀ ଉପରେ ରହିଥିଲା ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ କରାଯାଇଥିବା ପୂର୍ବାନୁମାନରେ କୁହାଯାଇଛି ଯେ ଆଗକୁ ଆହୁରି କଳବଳ କରିବ ଖରା। ୩ ଦିନ ପରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରାରେ ବୃଦ୍ଧି ଘଟିବ। ଅନ୍ୟପକ୍ଷରେ ଆଜି ଝାରସୁଗୁଡାରେ ତାପମାତ୍ରା ୩୯ ଡିଗ୍ରୀ ରେକର୍ଡ କରାଯାଇଛି। ଭାରତର ସର୍ବାଧିକ ଉତ୍ତାପ ଅନୁଭୂତ ହୋଇଥିବା ୬ଟି ସହର ମଧ୍ୟରେ ଏହା ଷଷ୍ଠ ସ୍ଥାନରେ ରହିଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ସ୍ୱାଭାବିକଠାରୁ ଆଜି ଦିନର ତାପମାତ୍ରା ୩ରୁ ୫ ଡିଗ୍ରୀ ଓ ଉପକୂଳ ଓଡ଼ିଶାରେ ୨ରୁ ୩ ଡିଗ୍ରୀ ଅଧିକ ରହିଛି। ତେବେ ଆସନ୍ତାକାଲି ଓ ୭ ତାରିଖରେ ପାଗରେ କୌଣସି ପ୍ରକାର ପରିବର୍ତ୍ତନ ହେବ ନାହିଁ ବୋଲି କହିଛନ୍ତି ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି। ଝାରସୁଗୁଡ଼ା, ସୁନ୍ଦରଗଡ଼, ବଲାଙ୍ଗୀର, ଟିଟିଲାଗଡ଼, ସମ୍ବଲପୁର, ପାରଳାଖେମୁଣ୍ଡି, ବୌଦ୍ଧ ସହରର ତାପମାତ୍ରା ୩୮ ଡିଗ୍ରୀ ଉପରେ ରହିବାର ସମ୍ଭାବନା ରହିଛି। ସେହିପରି ଭୁବନେଶ୍ୱର ବ୍ୟତୀତ ଉପକୂଳର ଅନ୍ୟାନ୍ୟ ସହରରେ ପାରଦ ୩୫ ଡିଗ୍ରୀ ମଧ୍ୟରେ ରହିବ।

# ବିଜେପି ଉପରେ ବର୍ଷିଲେ ନବୀନ

## ଲୋକଙ୍କ ଭଲ ପାଇବାକୁ ରୋକିପାରିବେନି ସରକାର

**ଭୁବନେଶ୍ୱର,୫।୩(ସଂଚାର ବ୍ୟୁରୋ):** ଆଜି ବିଜୁ ଜୟନ୍ତୀରେ ସ୍ଥାନୀୟ ଫରେଷ୍ଟ ପାର୍କସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ପଞ୍ଚାୟତିରାଜ ଦିବସ ପାଳନର ତାରିଖ ପରିବର୍ତ୍ତନ ନେଇ ବିଜେପି ଉପରେ ବର୍ଷିଛନ୍ତି। ସରକାରଙ୍କ ନିଷ୍ପତ୍ତିକୁ ଦୁର୍ଭାଗ୍ୟଜନକ ବୋଲି କହିବା ସହ ନବୀନ କହିଛନ୍ତି ଯେ କ୍ଷମତାକୁ ଆସିବା ପରେ ଏହି ଦଳ ପ୍ରଥମେ କ୍ରୀଡା ସମ୍ମାନ ଓ ପରେ ବିମାନବନ୍ଦରର ନାମ ପରିବର୍ତ୍ତନ ପାଇଁ ଚେଷ୍ଟା କରୁଛନ୍ତି। ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଥିଲେ ମଧ୍ୟ ଦୋଷୀକୁ ଅଦ୍ୟାବଧି ଧରାଯାଇପାରିନାହିଁ। ୧୯୯୩ରୁ ବିଜୁ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଇଆସୁଥିଲେ ହେଁ ଏବେ ଏହାକୁ ବିଜେପି ସରକାର ବନ୍ଦ କରିଦେଇଥିବାରୁ ନବୀନ କହିଛନ୍ତି ଯେ ସରକାର ନାଁ ବଦଳାଇ ଦେଇପାରିବେ, କିନ୍ତୁ ଲୋକଙ୍କ ହୃଦୟରେ ବିଜୁବାବୁଙ୍କ ପ୍ରତି ରହିଥିବା ଭଲ ପାଇବାକୁ କଦାପି ବଦଳାଇପାରିବେ ନାହିଁ। ସେ କହିଛନ୍ତି ଯେ ବିଜୁବାବୁ କୌଣସି ପଦ-ପଦବୀ ପାଇଁ ରାଜନୀତିକୁ ଆସିନଥିଲେ, ବରଂ ସେବା ମନୋଭାବ ତାଙ୍କୁ ରାଜନୀତିକୁ ଟାଣିଆଣିଥିଲା। ଇଣ୍ଡୋନେସିଆର ମୁକ୍ତି ସଂଗ୍ରାମ ହେଉ ଅବା ୟୁନେସ୍କୋ କଳିଙ୍ଗ ଆୱାର୍ଡ ହେଉ, ସେ ଓଡ଼ିଶାକୁ ଏକ ନୂଆ ସୋପାନରେ ପହଞ୍ଚାଇଥିଲେ। ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ମାଧ୍ୟମରେ ବିଜୁବାବୁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସଶକ୍ତ କରିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାରେ କଦାପି ତାଙ୍କ ଅବଦାନକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ନବୀନ କହିଛନ୍ତି।



‘ଅଙ୍କୁର’ ସଂକ୍ରାନ୍ତ ଉଚ୍ଚସ୍ତରୀୟ ବୈଠକ

# ସହରାଞ୍ଚଳ ବିକାଶ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୫।୩(ସଂଚାର ବ୍ୟୁରୋ):** ସ୍ଥାୟୀ ଓ ଭବିଷ୍ୟତ ପାଇଁ ସହର ପ୍ରସ୍ତୁତି ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅଟଲ ନେଟୱାର୍କ ଫର୍ ନଲେଜ୍, ଅର୍ବାଲାଇଜେସନ୍ ଆଣ୍ଡ୍ ରିଫର୍ମସ୍ (ଅଙ୍କୁର) ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହା ସହର ନବସୃଜନ, ସହଯୋଗ ଓ ସୁଶାସନକୁ ପ୍ରୋତ୍ସାହିତ କରିବା ସହ ଆଗେଇନେବା ଦିଗରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ ବୋଲି ମତ ବ୍ୟକ୍ତ କରାଯାଇଛି। ବୈଠକରେ ବରିଷ୍ଠ ଅଧିକାରୀ, ସହର ବିଶେଷଜ୍ଞ ଏବଂ ସହଭାଗୀ ସଂଗଠନମାନଙ୍କୁ ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ବ୍ୟାପକ ଦୃଷ୍ଟିକୋଣ ସହ ସମନ୍ୱୟ ରକ୍ଷା କରି ରାଜ୍ୟର ସହରାଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରିବା ନେଇ ରଣନୀତି ପ୍ରସ୍ତୁତି ପାଇଁ ଏକତ୍ରିତ କରାଯାଇଥିଲା। ଏଥିସହ ଭିତ୍ତିଭୂମି ସ୍ଥିରତାକୁ ସୁଦୃଢ଼ ଓ ଅନ୍ତର୍ଭୁକ୍ତ ଶାସନକୁ ପ୍ରୋତ୍ସାହିତ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା ଯାହାର ଶୀର୍ଷକ ଥିଲା ‘ସ୍ଥାୟୀ ସହରୀକରଣର ପ୍ରମୁଖ ସ୍ତମ୍ଭ’।

ଏହି ଅବସରରେ ଶ୍ରୀମତୀ ପାଢ଼ୀ ନୀତି ନବସୃଜନ ଓ ଜ୍ଞାନ-ବଣ୍ଟନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଶେଷଜ୍ଞତାକୁ ସଂଯୋଗ କରିବା, ସହଭାଗିତାକୁ ପ୍ରୋତ୍ସାହିତ କରିବା ଓ ଆଗୁଆ ଚିନ୍ତାଧାରା ଥିବା ସହର ସମାଧାନ କାର୍ଯ୍ୟକାରୀ କରିବାରେ ‘ଅଙ୍କୁର’ର ଭୂମିକା ଉପରେ ସେ ଆଲୋଚନା କରିଥିଲେ। ଏହି ପ୍ରୟାସ ଦ୍ୱାରା ତଥ୍ୟଚାଳିତ ନିଷ୍ପତ୍ତି ଗ୍ରହଣ, ସ୍ମାର୍ଟ ଶାସନ ଓ ଗୋଷ୍ଠୀ ଅଂଶଗ୍ରହଣକୁ ବୃଦ୍ଧି କରାଯାଇପାରିବ, ଯାହା ସହରଗୁଡ଼ିକୁ ଦକ୍ଷ, ସମାନ ଓ ଜଳବାୟୁସ୍ଥାପକ କରିପାରିବ। ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ସ୍କେଲିଂ କରିବା, ପ୍ରତିଷ୍ଠାନଗୁଡ଼ିକୁ ମଜବୁତ କରିବା ଓ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବା ପାଇଁ ଏକ ସ୍ପଷ୍ଟ ରୋଡମ୍ୟାପ୍ ସହ ଅଙ୍କୁର ପରିବର୍ତ୍ତନକାରୀ ସହରାଞ୍ଚଳ ସଂସ୍କାର ପାଇଁ ଏକ ବାହକ ହେବ। ଏହି ପ୍ରୟାସ କ୍ଷମତା ନିର୍ମାଣ, ସ୍ଥାୟୀ ଭିତ୍ତିଭୂମି ଓ ଡିଜିଟାଲ୍ ହସ୍ତକ୍ଷେପକୁ ପ୍ରେରଣା ଦେବ, ଯାହା ଓଡ଼ିଶାର ସହରାଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରିପାରିବ। ନବସୃଜନ-ନେତୃତ୍ୱାଧୀନ ସହରାଞ୍ଚଳ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃ ଦୃଢ଼ କରି ଓଡ଼ିଶା ପ୍ରଗତି, ଅନ୍ତର୍ଭୁକ୍ତି ଓ ସ୍ଥାୟିତ୍ୱର ଇଞ୍ଜିନ୍ ସହରଗୁଡ଼ିକ ପାଇଁ ପଥ ପ୍ରଶସ୍ତ କରୁଛି।

# ଭିସା ଷ୍ଟିଲ୍‌ରେ ବିପିଏନ୍‌ଏସ୍‌ଆଇ କର୍ମଶାଳା ଉଦ୍‌ଘାଟିତ




**କଳିଙ୍ଗନଗର,୫।୩ (ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନସ୍ଥ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନ୍‌ଏସ୍‌ଆଇ), ଭୁବନେଶ୍ୱର ଏହାର ବୃତ୍ତିଗତ ପ୍ରାକ୍-କାର୍ଯ୍ୟକ୍ରମର ଅଂଶ ଭାବେ ଗତକାଲି ସ୍ଥାନୀୟ ଭିସା ଷ୍ଟିଲ୍ ଲିମିଟେଡ୍‌ରେ ଉଦ୍‌ଘାଟିତ ହୋଇଛି। ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କର୍ମଶାଳାର ପ୍ରଥମ ଅଧିବେଶନରେ ଆଇଆଇଟି, ଭୁବନେଶ୍ୱରର ସହକାରୀ ପ୍ରଫେସର ଡକ୍ଟର ରାମକୃଷ୍ଣ ସାବତ କଳିଙ୍ଗନଗରର ଭିସା ଷ୍ଟିଲ୍‌ରେ କାର୍ଯ୍ୟରତ କାର୍ଯ୍ୟରତ ବୃତ୍ତିଗତମାନଙ୍କୁ ‘କୋକ୍ ତିଆରି ଓ ବିକୃତି ଏବଂ ଧାତୁର ଯାନ୍ତ୍ରିକ କାର୍ଯ୍ୟ’ ବିଷୟରେ ସୂଚନା ପ୍ରଦାନ କରିଥିଲେ। ସେହିପରି ଆଇଟିଆଇ ଭୁବନେଶ୍ୱରର ସହଯୋଗୀ ପ୍ରପ୍ରଫେସର ଶିବୈୟା ବାଥୁଲା ଦ୍ୱିତୀୟ ଅଧିବେଶନରେ ଭିସା ଷ୍ଟିଲ୍‌ର ସମସ୍ତ ଜିଇଟିଙ୍କୁ ‘ଇସ୍ପାତ କାରଖାନାରେ ସ୍ଥାୟିତ୍ୱ (ଶକ୍ତି ପରିଚାଳନା, ପରିବେଶ ପରିଚାଳନା)’ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଆଜିର କାର୍ଯ୍ୟକ୍ରମକୁ ଭିସା ଷ୍ଟିଲ୍‌ରୁ ପାୟଲ୍ ଶର୍ମା ଓ ବିପିଏନ୍‌ଏସ୍‌ଆଇରୁ ସତ୍ୟପ୍ରିୟ ଶତପଥୀ ସଂଯୋଜନା କରିଥିଲେ।

ପୁରୀ ବେଳାଭୂମିରେ ସଜାଯାଇଥିଲା ମଣ୍ଡପ

# ଭାଙ୍ଗିଦେଲା ପ୍ରଶାସନ, ସନ୍ଦେହରେ ପୌରସଂସ୍ଥାର ଭୂମିକା



**ଭୁବନେଶ୍ୱର,୫।୩(ସଂଚାର ବ୍ୟୁରୋ):** ପୁରୀ ବେଳାଭୂମିରେ ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଉଦ୍ୟମ ହୋଇଥିଲା। ଏଥିପାଇଁ ପ୍ରସ୍ତୁତ ମଣ୍ଡପର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ବିବାହ ମଣ୍ଡପଠାରୁ ଆରମ୍ଭ କରି ବିବାହ ଉତ୍ସବରେ ଯୋଗଦେବାକୁ ଥିବା ଅତିଥିଙ୍କ ବସିବା ପାଇଁ ବେଳାଭୂମିରେ ସମସ୍ତ ପ୍ରକାର ସାଜସଜା ହୋଇଥିଲା। ପୁରୀ ପୌରସଂସ୍ଥା ପକ୍ଷରୁ ଏହାକୁ ମଧ୍ୟ ଅନୁମତି ମିଳିଥିଲା। କିନ୍ତୁ ତହସିଲ କାର୍ଯ୍ୟାଳୟ, ସିଆରଜେଡ ଓ ବନ ବିଭାଗ ଅନୁମତି ମିଳିନଥିବାରୁ ଏହାକୁ ବେଆଇନ ଘୋଷଣା କରି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଏହାକୁ ଭାଙ୍ଗିଦେଇଥିବା ଜଣାପଡ଼ିଛି। ଏହି ଖବରକୁ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୀକାର କରିଥିବା ବେଳେ ପର୍ଯ୍ୟଟନର ବିକାଶ ପାଇଁ ଅନୁମତି ଦିଆଯାଇଥିବା କହିଛନ୍ତି। କିନ୍ତୁ ଜିଲ୍ଲାପାଳ ଏଭଳି ଆୟୋଜନକୁ ବେଆଇନ ବୋଲି କହିଛନ୍ତି। ତାଙ୍କ କହିବା କଥା ଯେ ବେଳାଭୂମିରେ କୌଣସି ବ୍ୟକ୍ତିଗତ କାର୍ଯ୍ୟ ବିବାହ ବ୍ରତଘର ଆଦି ଉତ୍ସବ ହୋଇପାରିବ ନାହିଁ। ତେଣୁ ଉଚ୍ଛେଦ କରାଯାଇଥିବା ଜିଲ୍ଲାପାଳ କହିଛନ୍ତି। ତେବେ ଏଭଳି ଉଚ୍ଛେଦ ପରେ ଏବେ ବିବାହ ଅପେକ୍ଷାରେ ଥିବା ପୁଅ ଝିଅଙ୍କ ପରିବାର ଲୋକ ଓ ଅତିଥିଙ୍କ ମନଦୁଃଖ ହୋଇଛି। ସେମାନେ ଅନ୍ତିମ ମୁହୂର୍ତ୍ତରେ କେଉଁଠି ବିବାହ କାର୍ଯ୍ୟ ସମ୍ପନ୍ନ କରିବେ, ତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ପୌରସଂସ୍ଥା ପକ୍ଷରୁ ଏହି ବିବାହ ଉତ୍ସବ ପାଇଁ ଦିଆଯାଇଥିବା ଅନୁମତି ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସଂସ୍ଥା ପକ୍ଷରୁ ଜାରି ଚିଠିରେ ହାଉସିଂ ବୋର୍ଡ କଲୋନୀ, ପୁରୀ ସି ବିଚ୍ ବୋଲି ଉଲ୍ଲେଖ ରହିଛି। ତେବେ କୌଣସି ବ୍ୟକ୍ତିଗତ କାର୍ଯ୍ୟକ୍ରମ ପାଇଁ ପୌର ସଂସ୍ଥା କିପରି ଅନୁମତି ଦେଲା, ତାହା ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଏପରି ଅନୁମତିକୁ ଇଭେଣ୍ଟ କମ୍ପାନୀ ମାଲିକମାନେ ବି ବିରୋଧ କରିଛନ୍ତି। ସେମାନେ କହିଛନ୍ତି ଯେ ସେମାନଙ୍କୁ ପୁରୀ ବେଳାଭୂମିରେ କୌଣସି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅନୁମତି ମିଳୁନଥିବା ବେଳେ ଏବେ ବିବାହ ଉତ୍ସବ ପାଇଁ କିପରି ଅନୁମତି ମିଳିଲା? ଏହି ବିବାହ ଉତ୍ସବ ଆୟୋଜନ ପାଇଁ ଅନୁମତି ଆଣିଥିବା ବ୍ୟକ୍ତି ଜଣଙ୍କ ସୁବାଷ ବାରିକ ହୋଇଥିବା ବେଳେ ତାଙ୍କ ଘର ରାଉରକେଲାରେ। ସେ ତାଙ୍କ ଝିଅର ବିବାହ ବେଳାଭୂମିରେ କରିବା ସକାଶେ ଇଚ୍ଛା କରିଥିଲେ। ତାଙ୍କ ଝିଅକୁ ବିବାହ କରିବାକୁ ଥିବା ପୁଅ ଜଣଙ୍କ ଗୁଜରାଟର ବାସିନ୍ଦା ବୋଲି ଜଣାପଡ଼ିଛି। ତେବେ ବିବାହ ଉତ୍ସବର ଆୟୋଜନ ଭଣ୍ଡୁର ହୋଇଥିବାରୁ ଏଥିରେ ଯୋଗଦେବା କରିବାକୁ ଥିବା ଅତିଥିମାନେ ଭାଙ୍ଗିପଡ଼ିଛନ୍ତି। ତେବେ ପୌରସଂସ୍ଥା କାହା ପ୍ରଭାବରେ ଏପରି ଅନୁମତି ଦେଇଥିବା ଆଲୋଚନା ହେଉଛି। ତେଣୁ ଏପରି ଅନୁମତି ପଛର ରହସ୍ୟ ଖୋଜି ବାହାର କରିବ ସକାଶେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଦାୟିତ୍ୱ ଗ୍ରହଣ କଲେ ଭୁବନେଶ୍ୱର ଡିସିପି



**ଭୁବନେଶ୍ୱର,୫।୩(ସଂଚାର ବ୍ୟୁରୋ):** କିଛିଦିନ ତଳେ ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ ହୋଇଥିବା ବେଳେ ଏଥିରେ ଆଇପିଏସ୍ ଜଗମୋହନ ମିନାଙ୍କୁ ଭୁବନେଶ୍ୱର ସହରାଞ୍ଚଳ ଡିସିପି ଭାବେ ଅବସ୍ଥାପିତ କରାଯାଇଥିଲା। ଏହି ଅନୁସାରେ, ଆଜି ଡିଆଇଜି ପିନାକ ମିଶ୍ରଙ୍କଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଅନ୍ୟ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଉପସ୍ଥିତ ଥିଲେ। ୨୦୧୩ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଶ୍ରୀ ମିନା ଜଣେ ଅଭିଜ୍ଞ, କ୍ଷମତାଶୀଳ ଓ ପ୍ରଭାବଶାଳୀ ପୁଲିସ୍ ଅଧିକାରୀ ଭାବେ ବେଶ୍ ପରିଚିତି ହାସଲ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ଅବସରରେ ସେ କହିଛନ୍ତି ଯେ ତାଙ୍କ ପୂର୍ବ ଦାୟିତ୍ୱ ଅନୁଭବ ଓ ଦକ୍ଷତା ଭୁବନେଶ୍ୱରର ଆଇନ-ଶୃଙ୍ଖଳା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାରେ ସହାୟତା କରିବ। ଏହି ନୂତନ ଦାୟିତ୍ୱରେ ସେ ଅପରାଧ ନିୟନ୍ତ୍ରଣ, ଟ୍ରାଫିକ୍ ପ୍ରବନ୍ଧନର ଆଧୁନିକୀକରଣ, ନିଶା ବ୍ୟବସାୟ ବିରୋଧୀ କାର୍ଯ୍ୟାନୁଷ୍ଠାନ ବୃଦ୍ଧି, ସାଇବର ସୁରକ୍ଷା ଓ ଭିଭିଆଇପି ସୁରକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ଶ୍ରୀ ମିନା ପୂର୍ବରୁ ମାଲକାନଗିରି, ଅନୁଗୁଳ, ଗଞ୍ଜାମ ଜିଲ୍ଲାରେ ଏସ୍‌ପି ଭାବେ କାର୍ଯ୍ୟ କରିବା ସହ କଟକ ସହରାଞ୍ଚଳ ଜିଲ୍ଲାରେ ଡିସିପି ଭାବେ କାର୍ଯ୍ୟ କରି ସଫଳ ହୋଇଛନ୍ତି। ଏବେ ଭୁବନେଶ୍ୱରର ନୂତନ ଡିସିପି ଭାବେ ସେ ଜନସାଧାରଣଙ୍କ ସୁରକ୍ଷା ଓ ଆଇନଶୃଙ୍ଖଳା ପ୍ରତି ଦୃଢ଼ ସଂକଳ୍ପ ନେଇ କାର୍ଯ୍ୟ କରିବେ ବୋଲି ଶ୍ରୀ ମିନା କହିଛନ୍ତି। ଏଥିସହ ପୁଲିସ୍ ବିଭାଗ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି କରି ଏକ ନିରାପଦ ଓ ଶାନ୍ତିପୂର୍ଣ୍ଣ ଭୁବନେଶ୍ୱର ଗଠନ ତାଙ୍କ ପ୍ରମୁଖ ଲକ୍ଷ୍ୟ ରହିବ ବୋଲି ସେ ମତ ଦେଇଛନ୍ତି।

**ନିରାପଦ ଓ ଶାନ୍ତିପୂର୍ଣ୍ଣ ଭୁବନେଶ୍ୱର ଗଠନ ଲକ୍ଷ୍ୟ**

● ବହୁଚର୍ଚ୍ଚିତ ଅପହରଣ ଓ ଗଞ୍ଜେଇ ଚାଷ ଘଟଣାର ପର୍ଦ୍ଦାଫାସ

# ୭ କୋର୍ଟ ଚାଲାଣ, ମୋଟ ୧୦ ଗିରଫ

**ପାତ୍ରପୁର,୫।୩(ସଂଚାର ବ୍ୟୁରୋ):** ଦୀର୍ଘ ମାସେରୁ ଊର୍ଦ୍ଧ୍ୱ ସମୟର ବ୍ୟବଧାନ ପରେ ବ୍ରହ୍ମପୁର ପୁଲିସ ଜିଲ୍ଲା କେ. ନୂଆଗାଁ ଥାନା ଚିକିଟିର ବହୁଚର୍ଚ୍ଚିତ ଅପହରଣ ଓ ଗଞ୍ଜେଇ ଚାଷ ଘଟଣାର ପର୍ଦ୍ଦାଫାସ ହୋଇଛି। ବ୍ରହ୍ମପୁର ପୁଲିସର ସ୍ୱତନ୍ତ୍ର ଟିମ ସହ କେ. ନୂଆଗାଁ ପୁଲିସ ଓ ଚିକିଟି ଫାଣ୍ଡି ପୁଲିସର ଏକାଧିକ ଯାଗାରେ ଚଢ଼ଉ ପରେ ୮ ଜଣ ଅଭିଯୁକ୍ତ ଧରାପଡ଼ିଛନ୍ତି। ସେମାନେ ହେଲେ ଘଟଣାର ମାଷ୍ଟରମାଇଣ୍ଡ ବ୍ରହ୍ମପୁରର ଦଣ୍ଡ ମହାରଣା, କାର୍ତ୍ତିକ ବେହେରା ଓରଫ ଆନ୍ନା, କେ. ସୁନୀଲ ରାଓ, କାର୍ତ୍ତିକ ବେହେରା, ଟି. ଗଣେଶ ରାଓ, ଚିକିଟିର ନୂତନ ପାତ୍ର, ସାଗର ସାହୁ ଓ ରବୀନ୍ଦ୍ର ମହାନ୍ତି। ତେବେ ଏମାନଙ୍କ ମଧ୍ୟରୁ ଆନ୍ନା ଓ ଫେରାର ଥିବା ଚିକିଟିର ଆୟୁଷ୍ମାନ ସୁବୁଦ୍ଧି ହାଇକୋର୍ଟରୁ ଅନ୍ତରୀଣ ଜାମିନ ପାଇଥିବାରୁ ସେମାନେ ପୁଲିସ୍ ଗିରଫଦାରୀରୁ ବର୍ତ୍ତିଯାଇଛନ୍ତି। ଗିରଫ ୭ ଅଭିଯୁକ୍ତଙ୍କୁ କେ. ନୂଆଗାଁ ପୁଲିସ ଆଜି କୋର୍ଟ ଚାଲାଣ କରିଛି। ଦିଲ୍ଲୀର ଫାଇନାନ୍ସ କମ୍ପାନୀ ଏଜେଣ୍ଟ ଓ ରାଜ୍ୟର ଅନ୍ୟ ୩ ଜଣ ବ୍ୟକ୍ତିଙ୍କୁ ଅପହରଣ କରି ନେବା ପରେ ଅଭିଯୁକ୍ତମାନେ ଲୁଟିଥିବା ନଗଦ ୨ ହଜାର ଟଙ୍କା ଜବତ କରାଯାଇଛି। ଏହାଛଡ଼ା ଅପହୃତ ୪ ଜଣଙ୍କଠାରୁ ଲୁଟ୍ ହୋଇଥିବା ମୋବାଇଲ ଫୋନକୁ ଟାମଣା ଘାଟିସ୍ଥିତ ଘାଟି କାଳୁଆ ମନ୍ଦିର ନିକଟରୁ ଜବତ କରାଯାଇଥିବା ଜଣାପଡ଼ିଛି। ଆହୁରି ଅଭିଯୁକ୍ତମାନଙ୍କଠାରୁ ଅନ୍ୟାନ୍ୟ ୧୧ଟି ମୋବାଇଲ ଓ ଅପହରଣରେ ବ୍ୟବହୃତ ହୋଇଥିବା ୩ଟି ଚାରିଚକିଆ ଗାଡ଼ିକୁ ମଧ୍ୟ ପୁଲିସ ଜବତ କରିଛି। ଘଟଣାରେ ପୂର୍ବରୁ ପୃଥ୍ୱୀ ସାହୁ, ଶଶିକାନ୍ତ ବେହେରା ଓ ପ୍ରବୀର ସାହୁ ଓରଫ ପପୁଙ୍କୁ କେ. ନୂଆଗାଁ ପୁଲିସ ଗିରଫ କରିଥିବା ବେଳେ ଏବେ ୭ ଅଭିଯୁକ୍ତଙ୍କ ଗିରଫଦାରୀ ପରେ ମୋଟ ସଂଖ୍ୟା ୧୦ରେ ପହଞ୍ଚିଛି। ଅପହୃତଙ୍କୁ ରଖିଥିବା ଚିକିଟିର ନୂତନ ପାତ୍ରଙ୍କ ବାଡ଼ି ପଛପଟେ ହୋଇଥିବା ଗଞ୍ଜେଇ ଚାଷ ମାମଲାରେ ପୂର୍ବରୁ ନୂତନ ପାତ୍ର ସ୍ତ୍ରୀ ସୁନିତା ବେହେରା ଜେଲ ଯାଇଥିବାବେଳେ ବର୍ତ୍ତମାନ ଉଭୟ ଅପହରଣ ଓ ଗଞ୍ଜେଇ ଚାଷ ମାମଲାରେ ନୂତନ ଜେଲ୍‌ରେ ପଶିଛି। ତେବେ ଏହି ହାଇପ୍ରୋଫାଇଲ ଅପହରଣ ଘଟଣାରେ ଅଭିଯୁକ୍ତଙ୍କୁ ଧରିବାରେ ଅହେତୁକ ବିଳମ୍ବ ହୋଇଥିବା ବେଳେ ପୁଲିସ ବହୁ କଷ୍ଟରେ ଗିରଫ କରିଥିବା ଆନ୍ନାକୁ ଜେରା ପରେ ଛାଡ଼ିଦେଇଛି। ଅନ୍ୟପକ୍ଷରେ ଚିକିଟିପେଣ୍ଠର ଆୟୁଷ୍ମାନ ଘଟଣା ପରଠାରୁ ପୁଲିସ ଭୟରେ ରାଜ୍ୟ ବାହାରକୁ ଚାଲିଯିବା ସହ ପରେ ହାଇକୋର୍ଟରୁ ଅନ୍ତରୀଣ ଜାମିନ ହାତେଇବାରେ ସକ୍ଷମ ହୋଇଛି। କେ.ନୂଆଗାଁ ଥାନା ଆଇଆଇସି କିଶୋର ସାମଲ ଦେଇଥିବା ସୂଚନାନୁସାରେ, ବ୍ରହ୍ମପୁରର ଦଣ୍ଡ ମହାରଣା ଓ ରମ୍ଭାର ପ୍ରବୀର ସାହୁ ଓରଫ ପପୁ ହିଁ ଘଟଣାର ମୁଖ୍ୟ ଆସାମୀ। ଦିଲ୍ଲୀର ଫାଇନାନ୍ସ ଏଜେଣ୍ଟ ଓ ଅନ୍ୟ ତିନି ଜଣଙ୍କୁ ବ୍ରହ୍ମପୁର ଡକାଇ ବିନା କାଗଜପତ୍ରରେ ଏକ କୋଟିଏ ଟଙ୍କା ଋଣ ହାତେଇବା ସକାଶେ ଅପହରଣ ଯୋଜନା ହୋଇଥିଲା। ବ୍ରହ୍ମପୁର ପୁଲିସର ସ୍ୱତନ୍ତ୍ର ଟିମର ବିଭିନ୍ନ ଜାଗାରେ ଚଢ଼ଉ ପରେ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ପରେ ଜଣେ ଧରାପଡ଼ିଥିଲେ।



# ପ୍ରସିଦ୍ଧ ଲେଖକ ନିଶାମଣି କରଙ୍କ ଦେହାନ୍ତ



**ଭୁବନେଶ୍ୱର,୫।୩(ସଂଚାର ବ୍ୟୁରୋ):** ସ୍ୱନାମଧନ୍ୟ ଇଂରାଜୀ ଅଧ୍ୟାପକ, ଜଣାଶୁଣା ଲେଖକ, ଗବେଷକ, ଅନୁବାଦକ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଭୀମ ଭୋଇ ଚେୟାରର ପ୍ରଫେସର ଡକ୍ଟର ନିଶାମଣି କର (୬୪)ଙ୍କର ଗତକାଲି ସନ୍ଧ୍ୟାରେ ପୋଖରୀପୁଟସ୍ଥିତ ବାସଭବନରେ ଦେହାନ୍ତ ହୋଇଛି। ପୂର୍ବରୁ ସେ ଭାରତ ସରକାରଙ୍କ ଜାତୀୟ ପ୍ରତିରକ୍ଷା ଏକାଡେମୀର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିବା ସହ କିଛି ବର୍ଷ ତଳେ ପ୍ରଫେସର ଭାବେ ଅବସର ନେଇଥିଲେ। ସେ ଭାରତୀୟ ଭାଷା ସମିତିର ମଧ୍ୟ ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ପ୍ରସନ୍ନ କୁମାର ସ୍ୱାଇଁ, ସୁଲେଖକ, ବାଗ୍ମୀ ତଥା ପିଆଇବିର ବରିଷ୍ଠ ଅଧିକାରୀ ଡ. ପ୍ରଦୀପ କୁମାର ଚୌଧୁରୀ ଶୋକ ପ୍ରକାଶ କରିଛନ୍ତି। ପ୍ରଫେସର କର ଏକା ଧାରରେ ଜଣେ ବରିଷ୍ଠ ଶିକ୍ଷାବିତ୍, ସାହିତ୍ୟିକ ଓ ସ୍ତମ୍ଭକାର ଥିଲେ। ତାଙ୍କ ଗଭୀର ଜ୍ଞାନ ଓ ଗବେଷଣା ତାଙ୍କ ଲିଖିତ ପୁସ୍ତକ ଓ ନିବନ୍ଧଗୁଡ଼ିକରେ ପ୍ରତିଫଳିତ ହୋଇଥିଲା। ଇଂରାଜୀ ସାହିତ୍ୟରେ ତାଙ୍କର ଦକ୍ଷତା ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା ବୋଲି କୁଳପତି ଶ୍ରୀ ସ୍ୱାଇଁ ମତ ଦେଇଥିଲେ। କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ନିଶାମଣି କରଙ୍କ ଭଳି ଜଣେ ବିଜ୍ଞ ବ୍ୟକ୍ତିତ୍ୱଙ୍କ ବିୟୋଗ ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତବ୍ୟକ୍ତ କରିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଫେସର କରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ସହ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁତ୍ର ସତ୍ୟଶୀଳଜିତ ମୁଖାଗ୍ନି ଦେଇଥିଲେ।

# ପୀଡ଼ିତାଙ୍କୁ ଭେଟିଲେ ପିସିସି ତଥ୍ୟ ଅନୁଧ୍ୟାନକାରୀ କମିଟି



**ଭୁବନେଶ୍ୱର,୫।୩(ସଂଚାର ବ୍ୟୁରୋ):** ଓଡ଼ିଶାରେ ମହିଳାଙ୍କ ଉପରେ ନିର୍ଯାତନା ଘଟଣା କ୍ରମାଗତ ଭାବେ ବଢୁଥିବା ବେଳେ ଏନେଇ କଂଗ୍ରେସର ନୂଆ ପିସିସି ସଭାପତି ଭକ୍ତଚରଣ ଦାସ ଏକ ରାଜ୍ୟସ୍ତରୀୟ ତଥ୍ୟ ଅନୁସନ୍ଧାନକାରୀ ଦଳ ଗଠନ କରିଛନ୍ତି। ଏହି ଦଳ ପୀଡ଼ିତାମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ବୁଝିବା ସହ ସୁରକ୍ଷା ପ୍ରଦାନ ଦିଗରେ ପଦକ୍ଷେପ ନେବ। ଏହି କ୍ରମରେ ଆଜି ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱାଧୀନ ଏହି କମିଟି କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ପର୍ଡିଗୁଡ଼ା ଗ୍ରାମରେ ପହଞ୍ଚିଥିଲେ। ଉକ୍ତ ଗ୍ରାମର ଜନୈକା ନାବାଳିକାଙ୍କୁ ୪ ଜଣ ଦୁର୍ବୃତ୍ତ ଗତ ଫେବୃଆରୀ ୮ ତାରିଖ ରାତିରେ ଦୁଷ୍କର୍ମ କରିଥିଲେ। ଉକ୍ତ ପୀଡ଼ିତା ନାବାଳିକାଙ୍କ ପରିବାର ଲୋକଙ୍କୁ କମିଟି ସଦସ୍ୟମାନେ ଭେଟିବା ସହ ଅଘଟଣ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ସେଠାରୁ ତଥ୍ୟ ସଂଗ୍ରହ କରିବା ପରେ କମିଟିର ସଦସ୍ୟମାନେ ଜୟପୁର ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ତାରା ପ୍ରସାଦ ବାହିନୀପତି ଓ ସ୍ଥାନୀୟ ଲକ୍ଷ୍ମୀପୁର ବିଧାୟକ ପବିତ୍ର ଶାଉନ୍ତାଙ୍କ ଉପସ୍ଥିତିରେ କୋରାପୁଟ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ଅବସରରେ ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତି ନ ହେବ, ସେନେଇ ଧ୍ୟାନ ଦେବେ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ।

ଏହି ଗସ୍ତରେ ଶ୍ରୀ ପ୍ରଧାନଙ୍କ ବ୍ୟତୀତ ଆଇନଜୀବୀ ସୁଜିତ୍ କୁମାର ପାଢ଼ୀ , ଆଇନଜୀବୀ ମାନସ କୁମାର ମଲ୍ଲିକ , ପିଙ୍କି ହିମରିକା, ରୋଜି କୁମାର , କୈଳାଶ ଖୋସଲା , ମହେନ୍ଦ୍ର ମାଡିଙ୍ଗା, ମଣ୍ଟୀ ଖରା ପ୍ରମୁଖ ଉପସ୍ଥିତ ଥିଲେ।

# ବଢୁଛି ଜମା ସଂଗ୍ରହ, ବଢୁନି ଋଣ ପ୍ରଦାନ

**ଭୁବନେଶ୍ୱର,୫।୩:** ରାଜ୍ୟର କାର୍ଯ୍ୟ କରୁଥିବା ବ୍ୟାଙ୍କ୍‌ମାନଙ୍କର ଜମା ସଂଗ୍ରହ ପରିମାଣ ବର୍ଷକୁ ବର୍ଷ ଯେଉଁ ପରିମାଣରେ ବୃଦ୍ଧି ପାଉଛି, ସେହି ହାରରେ ଋଣ ପ୍ରଦାନ ପରିମାଣ ବୃଦ୍ଧି ପାଉନାହିଁ। ମୋଟ ଜମା ସଂଗ୍ରହର ସିଂହଭାଗ ରାଜ୍ୟରେ ଥିବା ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ଖାତାକୁ ଯାଉଛି।

୨୦୨୧-୨୨ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ଗୁଡିକ ରାଜ୍ୟରୁ ପ୍ରାୟ ୨.୯୮ ଲକ୍ଷ କୋଟି ଟଙ୍କାର ଜମା ସଂଗ୍ରହ କରିଥିବା ବେଳେ ୨୦୨୨-୨୪ ବର୍ଷରେ ଜମା ସଂଗ୍ରହ ପରିମାଣ ୩.୫୧ ଲକ୍ଷ କୋଟି ଟଙ୍କାକୁ ଟପିଯାଇଛି। ଏହି ସମୟ ମଧ୍ୟରେ ରାଷ୍ଟ୍ରାୟତ ବ୍ୟାଙ୍କ୍‌ଗୁଡ଼ିକ ଦେଉଥିବା ଋଣ ପରିମାଣ ୬୦.୬୩ ପ୍ରତିଶତରୁ ୬୮.୬୯ ପ୍ରତିଶତକୁ ବଢ଼ିଛି। ଚଳିତ ଆର୍ଥିକ ବର୍ଷରେ ଡିସେମ୍ବର ଶେଷ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ଗୁଡିକର ଜମା ସଂଗ୍ରହ ପରିମାଣ ୩.୮୪ ଲକ୍ଷ କୋଟି ଟଙ୍କାକୁ ଟପିଯାଇଛି। ସେହିଭଳି ରାଜ୍ୟରେ ଥିବା ସମସ୍ତ ବ୍ୟାଙ୍କ୍‌ର ଜମା ସଂଗ୍ରହ ପରିମାଣ ଚଳିତ ଆର୍ଥିକ ବର୍ଷରେ ଡିସେମ୍ବର ଶେଷ ସୁଦ୍ଧା ୫.୭୧ ଲକ୍ଷ କୋଟି ଟଙ୍କାକୁ ଅତିକ୍ରମ କରିଛି।

ରାଜ୍ୟରେ ମୋଟ୍ ଜମା ସଂଗ୍ରହର ସିଂହଭାଗ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ମାନଙ୍କ ନିକଟକୁ ଯାଉଥିବାବେଳେ ଗତ ୫ ବର୍ଷର ଋଣ ପ୍ରଦାନ ହାରକୁ ଦେଖିଲେ କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ନିୟମ ମୁତାବକ ବ୍ୟାଙ୍କ୍‌ମାନେ ସଂଗ୍ରହ କରୁଥିବା ଜମାର ୬୦ ପ୍ରତିଶତ ଋଣ ଆକାରରେ ପ୍ରଦାନ କରିବେ। ହେଲେ କାନାରା ବ୍ୟାଙ୍କ୍, ସେଣ୍ଟ୍ରାଲ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ଇଣ୍ଡିଆନ ବ୍ୟାଙ୍କ୍, ଇଣ୍ଡିଆ ଓଭରସିଜ୍ ବ୍ୟାଙ୍କ୍, ଭାରତୀୟ ଷ୍ଟେଟ ବ୍ୟାଙ୍କ୍, ୟୁକୋ ବ୍ୟାଙ୍କ୍ ଓ ୟୁନିୟନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଋଣ ପ୍ରଦାନ ହାର ଏହି ସୀମା ଭିତରେ ରହିଛି। ଅନେକ ବ୍ୟାଙ୍କ୍ ସଂଗ୍ରହ କରିଥିବା ଜମାର ୪୦ ପ୍ରତିଶତ ବି ଋଣ ପ୍ରଦାନ କରିନାହାନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ଗୁଡ଼ିକର ହାରାହାରି ଋଣ ପ୍ରଦାନ ୪୮.୪୩ ପ୍ରତିଶତ ରେକର୍ଡ ହୋଇଛି।



ଘରୋଇ ବ୍ୟାଙ୍କ୍‌ଗୁଡିକ କିନ୍ତୁ ଋଣ ପ୍ରଦାନ କ୍ଷେତ୍ରରେ ରହିଛନ୍ତି। ଏମାନଙ୍କର ଋଣ ପ୍ରଦାନ ହାର ୭୮ ପ୍ରତିଶତରୁ ଅଧିକ ରହିଛି। ଅବଶ୍ୟ ଷ୍ଟାଣ୍ଡାର୍ଡ ଚାର୍ଟର୍ଡ ଭଳି ବ୍ୟାଙ୍କ୍ ଗତ ୫ ବର୍ଷରେ ରାଜ୍ୟରେ ଟଙ୍କାଟିଏ ବି ଋଣ ପ୍ରଦାନ କରିନାହାନ୍ତି। ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ସଂଗ୍ରହ କରିଥିବା ଜମା ତୁଳନାରେ ୧୬୩୯ ପ୍ରତିଶତ ଅଧିକ ଋଣ ପ୍ରଦାନ କରିଥିବା ବେଳେ ଆରବିଏଲ ବ୍ୟାଙ୍କ୍ ୪୦୭ ପ୍ରତିଶତ ଋଣ ପ୍ରଦାନ କରିଛି ।

ତେବେ ଏହିସବୁ ବ୍ୟାଙ୍କ୍ ବିଭିନ୍ନ ଶିଳ୍ପସଂସ୍ଥା, ଘର ତିଆରି ଓ ଯାନବାହାନ ଖରିଦ ପାଇଁ ଋଣ ପ୍ରଦାନ ଲାଗି ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ଇଲେକ୍‌ଟ୍ରୋନିକ ସାମଗ୍ରୀ ଖରିଦ ପାଇଁ ମଧ୍ୟ ପ୍ରତିଯୋଗିତା ଭିତ୍ତିରେ ଋଣ ଯୋଗାଉଛନ୍ତି। ଏହିସବୁ ବ୍ୟାଙ୍କ୍‌ଗୁଡିକ ଲୋକଙ୍କୁ ଆକର୍ଷଣୀୟ ଅଫର ସହ ଅଧିକ ପରିମାଣରେ କ୍ରେଡିଟ୍ କାର୍ଡ ଯୋଗାଣ କରୁଥିବାରୁ ଋଣ ପ୍ରଦାନ କ୍ଷେତ୍ରରେ ଆଗରେ ରହୁଛନ୍ତି। ଯଦିଓ ଏମାନେ ଅଧିକ ପରିମାଣରେ ସୁଧ ଆଦାୟ କରୁଛନ୍ତି, କିନ୍ତୁ ସହଜରେ ଋଣ ପ୍ରଦାନ କରୁଥିବାରୁ ଲୋକେ ଏମାନଙ୍କଠାରୁ ଋଣ ଅଧିକ ନେଉଛନ୍ତି।

ତେବେ କୃଷି କ୍ଷେତ୍ରକୁ ଋଣ ଯୋଗାଇବା କ୍ଷେତ୍ରରେ ରାଜ୍ୟରେ ଥିବା ସମବାୟ ବ୍ୟାଙ୍କ୍ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ଗୁଡିକ ଆଗରେ ରହୁଛନ୍ତି। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ୍ ଜମା ସଂଗ୍ରହ ତୁଳନାରେ ୧୨୪ ପ୍ରତିଶତରୁ ଅଧିକ ଋଣ ପ୍ରଦାନ କରିଥିବାବେଳେ ଏଥିରେ ସିଂହଭାଗ ରହିଛି କୃଷିଋଣ । ତେବେ ରାଜ୍ୟରେ ଥିବା ବିଭିନ୍ନ କିସମର ମୋଟ୍ ୩୯ଟି ବ୍ୟାଙ୍କ୍ ଯେତିକି ଋଣ ସଂଗ୍ରହ କରିଛନ୍ତି ସେଥି ମଧ୍ୟରୁ ରାଜ୍ୟରେ ୫୬.୪୫ ପ୍ରତିଶତ ଋଣ ପ୍ରଦାନ କରିଛନ୍ତି। (ତଥ୍ୟ)

# ନୀତୀଶଙ୍କ ଉପରେ ନଜର

ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱାଧିନ ସଂଯୁକ୍ତ ଜନତା ଦଳ (ଜେଡିୟୁ) ବିଜେପି ନେତୃତ୍ୱାଧିନ ଏନଡିଏର ଏକ ବଡ଼ ଅଂଶୀଦାର ଦଳ। ଲୋକସଭାରେ ଏହାର ୧୨ ଜଣ ସଦସ୍ୟ ଅଛନ୍ତି। ଏନଡିଏ ଗଠିତ ହେବା ପରଠାରୁ ଏହା ମେଣ୍ଟରେ ରହିଛି। ଅବଶ୍ୟ ବିଭିନ୍ନ କାରଣରୁ, ବିଭିନ୍ନ ପରିସ୍ଥିତିରେ ଏହା ଏନଡିଏରୁ ଓହରିଛି, ପୁଣି କିଛି ଦିନ ବ୍ୟବଧାନରେ ପୁନର୍ବାର ଏନଡିଏକୁ ପ୍ରତ୍ୟାବର୍ତ୍ତନ କରିଛି। କାରଣ ଜେଡିୟୁ ଏକ ଆଞ୍ଚଳିକ ଦଳ ଏବଂ କଂଗ୍ରେସ ନେତୃତ୍ୱଧିନ ବା କଂଗ୍ରେସର ସମର୍ଥକ ଦଳ ସହ ଏହା କେବେ ବି ଅଧିକ ଦିନ ରହିପାରିବ ନାହିଁ। ବିହାରରେ ଲାଲୁ ଏବଂ ନୀତିଶ ଏକାଠି ଗୋଟିଏ ଦଳରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ ମଧ ପରବର୍ତ୍ତୀ ସମୟରେ ଉଭୟେ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ପାଲଟିଛନ୍ତି। ତେଣୁ ନୀତିଶ କୁମାର କେବେ ଅଧିକ ଦିନ ବିରୋଧୀ ମେଣ୍ଟରେ ରହିପାରିବେ ନାହିଁ। କିନ୍ତୁ ଦଳରେ କିଛି ନେତା ଅନେକ ସମୟରେ ବିଜେପି ସହ ବନ୍ଧୁତା ଏବଂ ମଧୁର ସମ୍ପର୍କକୁ ନେଇ ବିଭ୍ରାନ୍ତିକର ବିବୃତି ଦେଉଛନ୍ତି। ନିକଟରେ ଅରୁଣାଚଳ ପ୍ରଦେଶର ଜେଡିୟୁ ରାଜ୍ୟ ସଭାପତି ରାଜ୍ୟପାଳଙ୍କୁ ପତ୍ର ଲେଖି ବିଜେପି ସରକାରକୁ ଦଳର ସମର୍ଥନ ପ୍ରତ୍ୟାହାର ସମ୍ପର୍କରେ ସୂଚନା ଦେଇଛନ୍ତି। ରାଜ୍ୟ ବିଧାନସଭାରେ ଜେଡିୟୁର ମାତ୍ର ଜଣେ ବିଧାୟକ ଅଛନ୍ତି। ତେଣୁ ତାଙ୍କ ସମର୍ଥନ ପ୍ରତ୍ୟାହାର କୌଣସି ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ନୁହେଁ ବା ଏହାର କୌଣସି ପ୍ରଭାବ ନାହିଁ। କିନ୍ତୁ କେନ୍ଦ୍ରୀୟ ନେତାଙ୍କ ସହ ପରାମର୍ଶ ନକରି, କେନ୍ଦ୍ରୀୟ ନେତାଙ୍କ ଅନୁମତି ବିନା ଅରୁଣାଚଳ ପ୍ରଦେଶ ଜେଡିୟୁ ସଭାପତି ବିଜେପି ସରକାରରୁ ସମର୍ଥନ ପ୍ରତ୍ୟାହାର କରିବା ଦଳୀୟ ଶୃଙ୍ଖଳା ଭଙ୍ଗ କରୁଛି। ସେଥିପାଇଁ ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି। ସମର୍ଥନ ପ୍ରତ୍ୟାହାରର ମାତ୍ର ଦୁଇଘଣ୍ଟା ଭିତରେ ଜେଡିୟୁ ହାଇକମାଣ୍ଡ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏଥିରୁ ବିଜେପି ସହ ବନ୍ଧୁତା ବଜାୟ ରଖିବାକୁ ଜେଡିୟୁ କେତେ ଆଗ୍ରହୀ ତାହା ପ୍ରମାଣିତ ହେଉଛି। ୨୦୨୨ରେ ଅନୁଷ୍ଠିତ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନରେ ଜେଡିୟୁ ୭ଟି ଆସନ ଦଖଲ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହାର ୫ଜଣ ବିଧାୟକ ଦଳବଦଳ କରି ବିଜେପିରେ ସାମିଲ ହୋଇଗଲେ। ଏହା ସତ୍ତ୍ୱେ ରାଜ୍ୟରେ ବିଜେପି ଓ ଜେଡିୟୁ ମଧ୍ୟରେ ସମ୍ପର୍କ ସ୍ୱାଭାବିକ ରହିବା ଆଶ୍ଚର୍ଯ୍ୟଜନକ। ଏହାର କାରଣ ହେଲା ଜେଡିୟୁ ସୁପ୍ରିମୋ ନୀତିଶ କୁମାର ବିଜେପି ସହ ଶତ୍ରୁତା ଚାହୁଁନାହାଁନ୍ତି। ବିହାରରେ ତାଙ୍କ ପଦ କେବଳ ବିଜେପି ସମର୍ଥନରେ ଟିକି ରହିଛି। ଲାଲୁଙ୍କ ଆରଜେଡି ତୁଳନାରେ ବିଜେପି ଅଧିକ ବିଶ୍ୱାସଯୋଗ୍ୟ, ଭରସାଯୋଗ୍ୟ ବୋଲି ନୀତିଶ ବିଚାର କରୁଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ହେବ। ଏହି ନିର୍ବାଚନରେ ନୀତିଶ ପୁଣି ଏନଡିଏର ନେତୃତ୍ୱ ନେବେ। କିନ୍ତୁ ବିଜେପି ବା ନରେନ୍ଦ୍ର ମୋଦିଙ୍କ ସହଯୋଗ ବିନା ସେ ମୁଖ୍ୟମନ୍ତ୍ରୀ ହୋଇପାରିବେ। ଏଥିପାଇଁ ସେ ବିଜେପିକୁ ଅସନ୍ତୁଷ୍ଟ କରିବାକୁ ଚାହୁଁନାହାଁନ୍ତି। ସେଥିପାଇଁ ଅରୁଣାଚଳ ପ୍ରଦେଶରେ ଦଳର ରାଜ୍ୟ ସଭାପତିଙ୍କୁ ତତ୍କାଳ ବିଦା କରାଗଲା। ଉଲ୍ଲେଖ ଯୋଗ୍ୟ ଯେ, ପ୍ରତ୍ୟେକ ରାଜନୈତିକ ଦଳର ନୀତି, ଆଦର୍ଶ ଭିନ୍ନ। ଯଦିଓ ରାଜନୈତିକ ଦଳମାନେ ନୀତି ଆଧାରରେ ଚାଲନ୍ତି ନାହିଁ, କିନ୍ତୁ ନୀତିଗତ ଦୃଷ୍ଟିରୁ ଅନେକ ଦଳରେ ପାର୍ଥକ୍ୟ ରହିଛି। ସମସ୍ତଙ୍କ ଲକ୍ଷ୍ୟ ମଧ କ୍ଷମତା ଦଖଲ ବା ନିର୍ବାଚନୀ ସଫଳତା। ତେଣୁ ଏକାଧିକ ଦଳ ଅଧିକ ଦିନ ପରସ୍ପର ସହ ହାତ ମିଳାଇ ଚାଲିବା ଅସମ୍ଭବ ଏବଂ ଏହା ମଧ ନିଜର ନୀତି ଆଦର୍ଶ ସହ ସାଲିସ। କେବଳ ସାମୟିକ ଲାଭ ବା ଏକ ବୃହତ୍ତର ସ୍ୱାର୍ଥ ହାସଲ ପାଇଁ କିଛି ରାଜନୈତିକ ଦଳ ଏକାଠି ହୋଇଥାଆନ୍ତି। କିନ୍ତୁ ତାହା ଦୀର୍ଘସ୍ଥାୟୀ ହୋଇନଥାଏ। ଭାରତୀୟ ରାଜନୀତିରେ ଏହା ବାରମ୍ବାର ପ୍ରମାଣିତ ହୋଇଛି। ନିକଟରେ ମୁଖ୍ୟ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକର ବରିଷ୍ଠ ନେତା ଶରଦ ପାୱାର ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି ଯେ, ଜାତୀୟ ରାଜନୈତିକ ଲକ୍ଷ୍ୟ ବା ଲୋକସଭା ନିର୍ବାଚନ ନିମନ୍ତେ ଇଣ୍ଡିଆ ବ୍ଲକ ଗଠନ କରାଯାଇଥିଲା। ବିଧାନସଭା ନିର୍ବାଚନରେ ଏହି ମେଣ୍ଟ ରହିବ ବୋଲି କିଛି ଗ୍ୟାରେଣ୍ଟି ନାହିଁ। ଏଥିରୁ ସ୍ପଷ୍ଟ ହେଉଛି ଯେ, ଇଣ୍ଡିଆ ବ୍ଲକ ଆଉ ବେଶୀ ଦିନ ତିଷ୍ଠିବ ନାହିଁ। ସତୁରୀ ଦଶକରେ ଯେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦ ଏବଂ ଅଗଣତାନ୍ତ୍ରିକ କାର୍ଯ୍ୟ ଅସହ୍ୟ ହେଲା ସେତେବେଳେ ତାଙ୍କୁ କ୍ଷମତାଚ୍ୟୁତ କରିବା ଜରୁରୀ ହୋଇପଡ଼ିଥିଲା। ୧୯୭୫ରେ ଜରୁରୀ ପରିସ୍ଥିତି ଜାରି କରି ଇନ୍ଦିରା ଗଣତନ୍ତ୍ରକୁ ହତ୍ୟା କରିଥିଲେ, ଦେଶସେବା ନୁହେଁ କ୍ଷମତା ପାଇଁ ସେ ରାଜନୀତି କରୁଥିବା ପ୍ରମାଣିତ ହୋଇଥିଲା। ପାରିବାରିକ ଶାସନର ସେ ଥିଲେ ଜନ୍ମଦାତା। ତାଙ୍କୁ କ୍ଷମତାଚ୍ୟୁତ କରିବା ନିମନ୍ତେ ଲୋକନାୟକ ଜୟପ୍ରକାଶ ନାରାୟଣ ଦେଶରେ ଜନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ତାଙ୍କ ଆହ୍ୱାନ କ୍ରମେ ଦେଶର ପ୍ରମୁଖ ବିରୋଧୀ ଦଳମାନେ ଏକାଠି ହୋଇ ୧୯୭୭ରେ ଇନ୍ଦିରାଙ୍କ ନେତୃତ୍ୱରେ କଂଗ୍ରେସକୁ କ୍ଷମତାଚ୍ୟୁତ କରିଥିଲେ। ଏହା ଥିଲା ଭାରତୀୟ ଗଣତନ୍ତ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା। ସ୍ୱାଧୀନତାର ୩୦ ବର୍ଷ ପରେ ଦେଶବାସୀ କଂଗ୍ରେସକୁ କ୍ଷମତଚ୍ୟୁତ କରିଥିଲେ। ଏକ ବୃହତ୍ତର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ନେଇ, ଦେଶର ସ୍ୱାର୍ଥ ପାଇଁ ନୀତି ଏବଂ ଆଦର୍ଶଗତ ପାର୍ଥକ୍ୟ ସତ୍ତ୍ୱେ ପରସ୍ପର ବିରୋଧୀ ରାଜନୈତିକ ଦଳମାନେ ଏକାଠି ହୋଇପାରିବେ ଏବଂ ଦେଶରେ ସୁଶାସନ ପ୍ରତିଷ୍ଠା କରିପାରିବେ , ଏହା ଜେପି ପ୍ରମାଣିତ କରିଥିଲେ। ଏହି ପରୀକ୍ଷଣ ସମ୍ପୂର୍ଣ୍ଣ ସଫଳ ହୋଇନଥିଲା ଏବଂ ୩ ବର୍ଷ ପରେ କଂଗ୍ରେସ ପୁଣି କ୍ଷମତାକୁ ଫେରିଥିଲା। ନେତାଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଏବଂ ସଂକୀର୍ଣ୍ଣତା ଯୋଗୁ ଜେପିଙ୍କ ଜନତା ପରୀକ୍ଷଣ ବିଫଳ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବାରମ୍ବାର ଏହାର ପରୀକ୍ଷଣ ହୋଇଥିଲା ଏବଂ ଶେଷରେ ଏହା ସଫଳ ମଧ ହେଲା। କେନ୍ଦ୍ର ଏବଂ ଦେଶର ଅଦ୍ଧାଧିକ ରାଜ୍ୟରେ ଏବେ ମେଣ୍ଟ ସରକାର ଚାଲିଛି। ଯେଉଁ କଂଗ୍ରେସ ଅନ୍ୟ କୋ÷ଣସି ଦଳ ସହ ବୁଝାମଣା ନକରିବାକୁ ଦୀର୍ଘ ବର୍ଷ ହେବ ନିଷ୍ପତ୍ତି ନେଇଥିଲା, ସେହି କଂଗ୍ରେସ ଶେଷରେ ମେଣ୍ଟ ରାଜନୀତିର ଆଶ୍ରୟ ନେବାକୁ ବାଧ ହେଲା। ଏବେ ଜାତୀୟ ରାଜନୀତିରେ ବିଜେପି ନେତୃତ୍ୱାଧିନ ଏନଡିଏ ଏବଂ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡି ମେଣ୍ଟ (ପୂର୍ବରୁ ୟୁପିଏ)ମଧରେ ମୁକାବିଲା ହେଉଛି। ଏହା ବ୍ୟତିତ ବାମପନ୍ଥୀ ମେଣ୍ଟ ଏବଂ ରାଜ୍ୟ ସ୍ତରରେ କିଛି ଆଞ୍ଚଳିକ ଦଳ ମଧରେ ବି ମେଣ୍ଟ ହୋଇଛି। ନବେ ଦଶକରେ ଜନତା ଦଳ ନେତୃତ୍ୱରେ ନ୍ୟାସନାଲ ଫ୍ରଣ୍ଟ ଏବଂ ପରେ ୟୁନାଇଟେଡ ଫ୍ରଣ୍ଟ ଗଠିତ ହୋଇଥିଲା ଏବଂ ତାହା କିଛି ବର୍ଷ କ୍ଷମତାସୀନ ମଧ ହୋଇଥିଲା। ଅସ୍ପଷ୍ଟ ଜନାଦେଶ ଯୋଗୁ ଦେଶରେ ମେଣ୍ଟ ରାଜନୀତି ସୃଷ୍ଟି ହୋଇଥିଲା। ବିଭିନ୍ନ ରାଜ୍ୟରେ ବହୁ ସଂଖ୍ୟାରେ ଆଞ୍ଚଳିକ ଦଳ ଜନ୍ମ ନେବା ଏବଂ ରାଜନୈତିକ ସ୍ତରରେ ପ୍ରଭାବୀ ସାବ୍ୟସ୍ତ ହେବା ଫଳରେ ଜାତୀୟ ଦଳ ଗୁଡ଼ିକ ଦୁର୍ବଳ ହେଲେ। ତେଣୁ ସେମାନେ ଏହିସବୁ ଆଞ୍ଚଳିକ ଦଳମାନଙ୍କ ସହ ଆସନ ବୁଝାମଣା ବା ମେଣ୍ଟ କରିବାକୁ ବାଧ ହେଲେ। କିନ୍ତୁ ଅନେକ ସମୟରେ ଏହି ମେଣ୍ଟ ସ୍ଥାୟୀ ହୋଇପାରୁନି। ଅନେକ ଦଳ ଆଜି ଏହି ମେଣ୍ଟରେ ତ କାଲି ସେହି ମେଣ୍ଟରେ। ଟିଡିପି, ଜେଡିୟୁ କେତେଥର ଏନଡିଏରୁ ଓହରିଛି, ପୁଣି ସାମିଲ ହୋଇଛି ତାହା କହିବା ଅନାବଶ୍ୟକ। ଅକାଳି ଦଳ ଏକଦା ଏନଡିଏର ମୁଖ୍ୟ ଅଂଶୀଦାର ଦଳ ଥିଲା। ବିଜେଡି, ଟିଏମସି ପ୍ରମୁଖ ଏକଦା ଏନଡିଏରେ ଥିଲେ। ଭାରତୀୟ ରାଜନୀତିରେ ଘଡ଼ିକେ ଘଡ଼ି ଛୁଟୁଛି। ବିରୋଧୀ ମେଣ୍ଟରେ ଏଭଳି ଅସ୍ଥିରତା ଶାସକ ଦଳ ବିଜେପିକୁ ଅନ୍ତତଃ ପକ୍ଷେ ବର୍ତ୍ତମାନ ପାଇଁ ନିଶ୍ଚିନ୍ତ କରିଥିବ। ବିହାର ରାଜନୀତିରେ ଏବେ ସ୍ଥିରତା ପରିଲକ୍ଷିତ ହେଉଛି। ନୀତିଶ ଏନଡିଏର ନିର୍ବିବାଦୀୟ ନେତା। ତେଣୁ ଆସନ୍ତା ବିଧାନସଭା ନିର୍ବାଚନରେ ଏନଡିଏ ସୁବିଧାଜନକ ସ୍ଥିତିରେ ରହିବ।

# ଓଳକଣା ମେଲଣ ଏକ ଅନନ୍ୟ ପରମ୍ପରା



ବଟକୃଷ୍ଣ ସାମଲ

ଓଡ଼ିଶାର ପାରମ୍ପରିକ ମୁଖ୍ୟ ଯାତ୍ରା ଭାବରେ ଲୋକ ମୁଖରେ ଶୁଣାଯାଉ ଥିବା ମଧରୁ.. ଓଳକଣା ମେଲଣ ଆଳିରାଜା ଝୁଲଣ ଅସୁରେଶ୍ୱର ରାମ ନବମୀ, ଶ୍ରୀକ୍ଷେତ୍ରରେ ଚନ୍ଦନ। ଓଳକଣା ମେଲଣ ଅନୁଷ୍ଠିତ ହେଉଥିବା ପଡ଼ିଆଟି କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଅରାଖଣ୍ଡ ଓ ନୀଳକଣ୍ଠପୁର ଏବଂ କଟକ ଜିଲ୍ଲା ମାହାଙ୍ଗା ଅର୍ନ୍ତଗ ଓଳକଣା ଗ୍ରାମର ମଧ ସ୍ଥଳିରେ ଅବସ୍ଥିତ। ପଡ଼ିଆର ୯୦ ଭାଗ କେନ୍ଦ୍ରାପଡ଼ା ଜିଲ୍ଲାରେ ରହିଥିବା ବେଳେ ମାହାଙ୍ଗାର ଓଳକଣା ଗ୍ରାମରେ ୧୦ ଭାଗ ରହିଅଛି। ମେଲଣ ସୃଷ୍ଟି କେବେ ଠାରୁ ଆରମ୍ଭ ତାହା ଏ ପର୍ଯ୍ୟନ୍ତ ସଠିକ ଭାବେ ନିର୍ଣ୍ଣୟ କରାଯାଇ ପାରିନାହିଁ। ମୋ ଅନୁମାନ ଏହାର ଦୁଇଟି ପ୍ରକାର ହୋଇପାରେ ଏଠାରେ ମୁଁ ପ୍ରଥମେ ପୌରାଣିକ ଏବଂ କିମ୍ବଦନ୍ତୀ ତଥା ପ୍ରଚଳିତ ଲୋକକଥାଟିକୁ ଆପଣ ମାନଙ୍କ ଦୃଷ୍ଟିକୁ ଆଣିବାକୁ ଉଚିତ ମନେ କରୁଛି। ହୋଲି ଉତ୍ସବ ଓ ମେଲଣ ମାନଙ୍କରେ ବିମାନରେ ପ୍ରାୟତଃ ରାଧାକୃଷ୍ଣ ମୂର୍ତ୍ତି ବିରାଜମାନ ହୋଇ ଆସିଥାନ୍ତି, କିନ୍ତ ଉକ୍ତ ଓଳକଣା ମେଲଣ ବିଶିଷ୍ଟତା ଏହି ଯେ ଏଠାରେ ହରିହର ଅର୍ଥାତ୍ ଭଗବାନ ଶ୍ରୀକୃଷ୍ଣ ଓ ଶିବଶମ୍ଭୁଙ୍କ ମିଳନ ହୋଇଥାଏ। ପ୍ରତ୍ୟେକ ବିମାନରେ ରାଧାକୃଷ୍ଣଙ୍କ ମୂର୍ତ୍ତି ଆସିଥିବା ବେଳେ ଭଦ୍ରେଶ୍ୱରରୁ ବୀରଭଦ୍ରଶ୍ୱରଙ୍କ ପ୍ରତୀକ ସ୍ୱରୂପ ଆଜ୍ଞା ଚୁଳମାଳ ବିମାନରେ ମେଲଣକୁ ଆସି ହରିହର ଭେଟ ବା ମେଲଣ ଅନୁଷ୍ଠିତ ହୋଇଥାଏ। କିମ୍ବଦନ୍ତୀ ଓ ଲୋକସ୍ମୃତି କୁହେ, ଦ୍ୱାପର ଯୁଗରେ ପାଣ୍ଡବ ମାନଙ୍କ ଅଜ୍ଞାତବାସ ସମୟରେ ପାଣ୍ଡବମାନେ କିଛି ଦିନ ପାଇଁ ନିକଟସ୍ଥ ଏକ ସ୍ଥାନରେ ଡେରା ପକାଇ ରହିଥିବାରୁ ସେହି ଗ୍ରାମଟିର ନାମ ଡେରାଡିହ ନାମରେ ନାମିତ ହୋଇଛି। ବର୍ତ୍ତମାନ ଯାହା ପଞ୍ଚୁପାଣ୍ଡବ ଛକ ନାମରେ ପ୍ରଚାରିତ। ପାଣ୍ଡବମାନଙ୍କ ହିତୌଷୀ ଯଥା ମହାତ୍ମା ବିଦୂର, ଭକ୍ତ ଉଦ୍ଧବ, ପିତାମହ ଭୀଷ୍ମ ଇତ୍ୟାଦି ତାଙ୍କର ପ୍ରିୟ ପାଣ୍ଡବ ମାନଙ୍କୁ ସାକ୍ଷାତ କରିବା ନିମନ୍ତେ ଆସି ସେ ସମୟରେ ବୋଧେ ପାଣ୍ଡବ ମାନେ ଅବସ୍ଥାନ କରୁଥିବା ଅନତି ଦୂରରେ ଅରାଖଣ୍ଡ ଠାରେ କିଛି ଦିନ ଅବସ୍ଥାନ କରି ଥିବାରୁ ସେଠାରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ମନ୍ଦିର ମାନଙ୍କରେ ତାଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ଅଦ୍ୟାବଧି ପୂଜାର୍ଚ୍ଚନା କରାଯାଉଅଛି।

ହରିହର ମେଲଣର ତାତ୍ପର୍ଯ୍ୟ ସମ୍ପର୍କରେ ନିକଟସ୍ଥ ଗୋପାଳପୁର ଗ୍ରାମର କବି ଦ୍ୱିତୀୟ ଉପେନ୍ଦ୍ରଭଞ୍ଜ ସ୍ୱର୍ଗତ ଗୋଲକଚନ୍ଦ୍ର ପ୍ରଧାନ ତାଙ୍କ ତୁଳସୀ କାବ୍ୟରେ ଉଲ୍ଲେଖ କରି ଲେଖିଛନ୍ତି ଯେ, ପ୍ରଭୁ ବଳରାମ ବ୍ରହ୍ମହତ୍ୟା ପାପରୁ ମୋକ୍ଷ ହେବା ନିମନ୍ତେ ଭାରତ ବର୍ଷର ବିଭିନ୍ନ ତୀର୍ଥ ପର୍ଯ୍ୟଟନ ସମୟରେ ଓଁ କାର କ୍ଷେତ୍ର ଓଳକଣାରେ ପ୍ରବେଶ କରିଛନ୍ତି। କବି ଲେଖିଛନ୍ତି ଯେ. "ନୈମିଷ୍ୟା ଅରଣ୍ୟେ ବଲ୍କଳ ନିଧନେ, ମନେ ଭରି ମହା ଦୁଃଖ, ବ୍ରହ୍ମହତ୍ୟା ପାପ ବିମୋଚନେ ଅବା, ସେ ପାପୁ ହେବାକୁ ମୋକ୍ଷ।। ଧରି ମହାଙ୍ଗଳ ଘୁରେ ମହାକାଳ, ଭାରତ ତୀର୍ଥ ସକଳ, ଭୟେ ବୈତକୂଳେ ଲୁଚନ୍ତି ଆକୁଳେ, ଭେଟିବ କି କାମପାଳ।। ବୈଦ୍ୟନାଥ ଧାମ ଅଗସ୍ତି ଆଶ୍ରମ, ସେମାନାଥ ରାମେଶ୍ୱର। ଭରଦ୍ୱାଜଶ୍ରମ ତ୍ରେବେଣୀ ସଙ୍ଗମ, ବଦ୍ରୀନାଥ ହରିଦ୍ୱାର।। ଗୋକର୍ଣ୍ଣ ତୀର୍ଥରେ କରି ମହାସ୍ନାନ, ଗୟାରେ କରି ତର୍ପଣ। ଉତ୍କଳର ତୀର୍ଥ ପର୍ଯ୍ୟଟନ ଲାଗି, ଧାଇଁ ଅଛି ଶଙ୍କର୍ଷଣ।। ସର୍ବତୀର୍ଥ ଘୁରି ଘୁରି ମହାବଳୀ, ଓଳକଣାରେ ପ୍ରବେଶ। ଗ୍ରାମ୍ୟ ଆଦ୍ୟ ପ୍ରାନ୍ତ ଆରମ୍ଭ ସମାପ୍ତ, ଜାଣି ନପାରି ବିଶେଷ।। ଗୁପ୍ତ ତୀର୍ଥ ଠାରୁ ଭଦ୍ରେଶ୍ୱର ଯାଏ, ସର୍ବ ଓଳକଣା ପୁର। ଗ୍ରାମ ମଧେ ଗଣା ଅଗ୍ରେ ଓଳକଣା, ସର୍ବ ଦେବାଦେବୀ ଠୁଳ।। ବିଦୂରଙ୍କ ଶୁଭ ଆର୍ବିଭାବେ ସର୍ବ, ଦେବା ଦେବୀ ଯହିଁ ଖ୍ୟାତି। ମାଳିକା ପ୍ରସିଦ୍ଧ ଗ୍ରାମ ସିଦ୍ଧୋସିଦ୍ଧ, ଯେଣୁ ତୁହି ପୂଣ୍ୟ ବତୀ।। ବିଦୂର ବିରହ ଦଗ୍ଧ ଯୁଧିଷ୍ଠିର, ସଙ୍ଗେ ଘେନି ମାତା ଭ୍ରାତା। ଦ୍ୱାପର ଯୁଗରୁ ଡେରାଡିହ ଗ୍ରାମେ, ହୋଇଛନ୍ତି ଉପଗତ।। ଅଜ୍ଞାତବାସରେ ପକାଇଲେ ଡେରା, ପାଣ୍ଡବ ଯେ ପାଞ୍ଚଭାଇ। ପଞ୍ଚୁପାଣ୍ଡବଙ୍କ ଡେରା ପଡ଼ିବାରୁ, ଗ୍ରାମ ନାମ ଡେରାଡିହି।। ଅରାଖଣ୍ଡ ଗ୍ରାମେ ଗୁରୁ ଦ୍ରୋଣାଚାର୍ଯ୍ୟ, ସନ୍ନିକଟେ ମହାବୀର। ଉତ୍କଳ ଦୁର୍ଦ୍ଦଶା ମୋଚନେ ଦ୍ୱାପରୁ, ଆସି ସୁମତି ବିଦୂର।। ଅରାଖଣ୍ଡ ଗ୍ରାମେ ସାଧଲେ ସାଧନା, ରଚିଲେ ତହିଁ ସମାଧି। ଚାରି ପାରୁଶରେ ଦେବା ଦେବୀ ଛନ୍ତି, ଗୁପ୍ତ କ୍ଷେତ୍ର ମନେ ଭାବି।। ଗୁପ୍ତେ ସୁବଳୟା ନଦୀ ବହୁଅଛି, ଗୁପ୍ତ ମାଳିକା ପ୍ରମାଣ। ପୂର୍ବ ଦିଗେ ରହିଛନ୍ତି ମହାକାଳୀ, ବାସନ୍ତୀ ଯାହାଙ୍କ ନାମ।। ବାମ ପାଶ୍ୱର୍ ଉଦ୍ଧବ ଗାଦୀ ବିରାଜେ, ଦକ୍ଷୀଣେ ଶ୍ରୀଜଗନ୍ନାଥ। କ୍ଷେତ୍ର ତିନି ଦିଗେ ସମ୍ମୁଖେ ଗରୁଡ଼, ଜଗିଛନ୍ତି ତିନିପଥ।। ପାଶେ ଅଷ୍ଟଶମ୍ଭୁ ଧାନେ ମଗ୍ନ ଛନ୍ତି, ଉତ୍ତରେ ସ୍ୱୟଂ ବିଦୂର। ଗୁପ୍ତେ କେତେ ଦେବା ଦେବୀ ରହିଛନ୍ତି ବର୍ଣ୍ଣିବାକୁ ଶକ୍ତି କାର।। ଭକ୍ତ ଜନ ମାନ ତୁହି ଏକା କାମ୍ୟ, ପୁଣ୍ୟବତୀ ଓଳକଣା। ତୋ ତତ୍ତ୍ୱ ନପାଇ କେତେ ମୁନିଋଷି, ଜ୍ଞାନୀ ହେଉଛନ୍ତି ବଣା।। ବ୍ରହ୍ମହତ୍ୟା ପାପୁ ହୋଇବାକୁ ମୋକ୍ଷ, ନିଜେ ଶ୍ରୀକୃଷ୍ଣ ସତୋର, ଭ୍ରମୁ ତୋର ପୁରେ ଉପଗତ, ମହାକୋପି ହଳଧର।। ନପାଇ ତୋ ଭେଦ ମନେ ବହି ଖେଦ, ବାହୁଡ଼ନ୍ତି କାମପାଳ।। ଏ କାଳେ ମିଳିଲେ ଅଗ୍ରେ ଉଭା ହେଲେ, ଆସି ସୁମତି ବିଦୂର।। ମାଗନ୍ତେ ବିଦାୟ ନେତ୍ରୁ ଝାରି ଲୁହ, କହନ୍ତି ଭକ୍ତ ବିଦୂର! ଦର୍ଶନ ନିମନ୍ତେ ମୋ ପ୍ରାଣ ଲାଳସା, ପୂର୍ଣ୍ଣ କର ହଳଧର!! ତବ ଶମ୍ଭୁ ରୂପ ସଙ୍ଗେ ହରି ରୂପ, ଦେଖିବାକୁ ମୋର ମନ! ବରଷକେ ଥରେ କରିବି ଦର୍ଶନ ହରି ହରଙ୍କ ମିଳନ!! ତବ ମନୋବାଞ୍ଛା କରିବି ପୂରଣ, ତବା ଦେଶ ଶିରୋଧାର୍ଯ୍ୟ! ହରି ହର ଭାବେ ଦେବୁ ଆମ୍ଭେ ଦେଖା, ବର୍ଷକରେ ହେବ କାର୍ଯ୍ୟ।, ସେହି ଦ୍ୱାପରରୁ ଫଗୁ ଚର୍ତ୍ତୁଦଶୀ, ରାତ୍ରରେ ହୁଏ ମିଳନ! ଯୁଗ ଯୁଗ ଧରି ହୋଇ ଆସୁଅଛି, ଏ ଓଳକଣାର ମେଲଣ।।'

ମେଲଣ ଯାତ୍ରାର ବର୍ଣ୍ଣନା କରି କବି ଲେଖିଛନ୍ତି ଯେ, "ବିନା ନିମନ୍ତ୍ରଣେ ଠାକୁରେ ଆସନ୍ତି ଶୋଭାରେ ନେତ୍ର ଝଲକେ ଅଗଣିତ ବିମାନ ହୁଅନ୍ତି ଠୁଳ, ଚାହୁଁ ଚାହୁଁ ଅପଲକେ।। କାହିଁ ନୃତ୍ୟ କାହିଁ ସଂକ୍ରୀର୍ତ୍ତନ ହୁଏ, ଢ଼ୋଲ ମୃଦଙ୍ଗ କଂସାଳ।। ଭେରୀ ତୁରୀ ଘଣ୍ଟା ନାଦରେ କମ୍ପାଏ, ପକାଇ ରାତ୍ରେ ଚହଳା, ବସ୍ତ୍ର କେଳା କେଲୁଣି ନାଚନ୍ତି, ଫୁଟଇ ଆତସ ବାଜି।। ଗହ ଗହ ନାଦେ ବିରାଟ ଶବଦେ, ଆଲୋକ ମାଳାରେ ସାଜି।। କେ ମାଇଲ ପିଚକାରୀ କେ ଅବିର, ଫିଙ୍ଗୁଥାନ୍ତି ନିରନ୍ତର। ଗୁରୁ ଲଘୁ ଭେଦା ଭାଦ ଭାବ ନାହିଁ, ହୋଲିରେ ସର୍ବେ ବିଭୋର।। ଉଦଣ୍ଡ କୀର୍ତ୍ତନେ ନାଚେ ଚନ୍ଦ୍ର ତାରା, ଆନନ୍ଦେ ନାଚେ ବାସୁକି।। ବିଦୂର ଘରର ଶାଗ ଭାତ ପାଇଁ, ଭକ୍ତ ରହିଥାନ୍ତି ଟାକି।। କି ବର୍ଣ୍ଣିବି ତୋର ମହିମା ଅପାର, ତତ୍ତ୍ୱଜ୍ଞାନ ଗନ୍ତାଘର। ବାରମ୍ବାର ତୋତେ ପ୍ରଣାମ ଜଣାଏ, ଏ ଅଜ୍ଞାନ ମୁକ ଛାର।।'

ମହାତ୍ମା ବିଦୂର ପ୍ରଭୁ ବଳରାମଙ୍କୁ ବର ମାଗିଥିଲେ ଯେ ମୁଁ ଏହି କ୍ଷେତ୍ରରେ ପ୍ରତ୍ୟେକ ବର୍ଷ ଫାଲଗୁନ ଚତୁର୍ଦ୍ଦଶୀ ରାତ୍ରୀ ବ୍ରାହ୍ମ ମୁହୂର୍ତ୍ତରେ ଆପଣଙ୍କ ଶିବଶମ୍ଭୁ ଓ ଭଗବାନ ଶ୍ରୀକୃଷ୍ଣଙ୍କ ମିଳନ ରାହାସ ଦେଖିବା ପାଇଁ ମୋତେ ବର ପ୍ରଦାନ କରନ୍ତୁ। ବିଦୁରଙ୍କ ଅନୁରୋଧ ରକ୍ଷା କରି ପ୍ରଭୁ ବଳରାମ ବିଦୁରଙ୍କୁ ବର ପ୍ରଦାନ କରି ଏଠାରେ ହରିହର ଭେଟ ବା ମେଲଣ ଅନୁଷ୍ଠିତ ହେବାକୁ ବର ପ୍ରଦାନ କରିଥିବା ହେତୁ ଏହି ମେଲଣ ଅନୁଷ୍ଠିତ ହୋଇ ଆସୁଥିବା ଲୋକ ମାନଙ୍କ ମୁଖରୁ ଶୁଣିବାକୁ ମିଳେ। ଏହା ବ୍ୟତୀତ ଅନ୍ୟ ଏକ ଐତିହାସିକ ତଥ୍ୟ ଅନୁଯାୟୀ ଆଳି ରାଜାଙ୍କ ଦ୍ୱାରା ଉକ୍ତ ମେଲଣ ସୃଷ୍ଟି ହୋଇ ଥିବାର ଅନୁମାନ କରାଯାଏ। ଉକ୍ତ ମେଲଣର ନୀତି ନିୟମ, ପାରିପାଶ୍ୱିର୍କ ଅବସ୍ଥା ଓ ପରମ୍ପରାରୁ ଦୃଢ଼ ବିଶ୍ୱାସ ହୁଏ ଯେ, ମୋଗଲବନ୍ଦୀ ଓ ରାଜଯୋଡ଼ା ଅଞ୍ଚଳକୁ ସଂଗଠିତ କରି ରଖି ଦେଶୀୟ ରାଜ୍ୟ ମାନଙ୍କୁ ମୋଗଲ ମାନଙ୍କ ଆକ୍ରମଣ ଏବଂ ଦଖଲ କରିବା ଉଦ୍ଦେଶ୍ୟକୁ ପ୍ରତିହତ କରେଯିବା ନିମନ୍ତେ ଏହି ମେଲଣ ମାଧମରେ ମୋଗଲ ମାନଙ୍କ ଦେଶୀୟ ରାଜ୍ୟ ଦଖଲକୁ ରୋକିବା ବା ବାଧା ଦେବା ନିମନ୍ତେ ଏହାକୁ ଆଳି ରାଜାଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବାର ଅନୁମାନ କରାଯାଏ। ତାର ପ୍ରମାଣ ସ୍ୱରୂପ ଉକ୍ତ ମେଲଣକୁ ହାରାହାରି ୨୦୦ରୁ ଉର୍ଦ୍ଧ୍ୱ ବିମାନରେ ଠାକୁରମାନେ ଆସୁଥିଲେ ମଧ କେବଳ ଆଳି ରାଜାଙ୍କ ବିମାନରେ ଆସୁଥିବା ମା' ଲକ୍ଷ୍ମୀଙ୍କ ବିମାନ ବିଜେ କରୁଥିବା ସ୍ଥାନରେ ବେଦୀ ବନ୍ଧା ଯାଇ କଦଳୀ ଗଛ ପୋତା ହୋଇ ବେଦୀ ଉପରେ ଚାନ୍ଦୁଆ ବା ଚନ୍ଦ୍ରାତପ ଟଙ୍ଗା ଯାଇଥାଏ। ଅନ୍ୟ କୌଣସି ବିମାନ ପାଇଁ ଏ ବ୍ୟବସ୍ଥାନ ନଥାଏ। ପରମ୍ପରା ଅନୁଯାୟୀ ସର୍ବ ପ୍ରଥମେ ଆଳି ରାଜାଙ୍କ ବିମାନ ପଡ଼ିଆ ମଧକୁ ପ୍ରବେଶ କରିଥାନ୍ତି। ନିୟମ ରହିଛି ଯେ ରାଜାଙ୍କ ବିମାନ କୌଣସି କାରଣ ବଶତଃ ଯଦି ପଡ଼ିଆକୁ ପ୍ରବେଶ ନକରି ପାରିଥାନ୍ତି ଏବଂ ଯଦି ଅନ୍ୟ କୌଣସି ବିମାନ ପଡ଼ିଆକୁ ଆସି ଯାଇଥାନ୍ତି ତାହାହେଲେ ସେମାନେ ବିମାନ ବସାଇ ପାରିବେ ନାହିଁ। ରାଜାଙ୍କ ବିମାନ ଆସି ସ୍ଥାନ ଗ୍ରହଣ ନକରିବା ପର୍ଯ୍ୟନ୍ତ ବିମାନ ଗୁଡ଼ିକ ସ୍ଥାନ ଗ୍ରହଣ ନକରି ପୂର୍ବବତ କାନ୍ଧରେ ରହିବେ। ପ୍ରଚାରିତ ହୁଏ ଯେ ବିନା ନିମନ୍ତ୍ରଣରେ ଠାକୁରମାନେ ବିମାନରେ ମେଲଣକୁ ଆସିଥାନ୍ତି କିନ୍ତୁ ତାହା ମଧ ଠିକ୍ କଥା ନୁହେଁ। ମେଲଣ କାର୍ଯ୍ୟକ୍ରମ ଶେଷ ହେବା ପରେ ଆଳି ରାଜାଙ୍କ ବିମାନ ତରଫରୁ ତାଙ୍କର ତତ୍ତ୍ୱାବଧାରକମାନେ ପ୍ରତ୍ୟେକ ବିମାନ ମାନଙ୍କୁ ଚନ୍ଦନ ଓ ଫୁଲମାଳ ଦେଇ ଆସନ୍ତା ବର୍ଷ ମେଲଣକୁ ଆସିବାକୁ ନିମନ୍ତ୍ରଣ କରିଥାନ୍ତି। ଏଥିରୁ ବିଶ୍ୱାସ କରାଯିବା ସ୍ୱାଭାବିକ ଯେ, ପ୍ରଥମେ ମେଲଣ ଆରମ୍ଭ କରାଯିବା ସମୟରେ ଆଳି ରାଜାଙ୍କ ଦ୍ୱାରା ଠାକୁର ମାନଙ୍କୁ ନିମନ୍ତ୍ରଣ କରାଯାଇଅଛି। ଭବିଷ୍ୟତରେ କାଳେ ରାଜାଙ୍କ ଆଗାମୀ ଉତ୍ତରାଧିକାରୀଙ୍କ ତରଫରୁ ପ୍ରତ୍ୟେକ ବର୍ଷ ବିମାନ ମାନଙ୍କୁ ନିମନ୍ତ୍ରଣ ଦେବାର ଅବହେଳା ଜନିତ ତ୍ରୁଟି ସୃଷ୍ଟି ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖାଯାଇ ଆଗାମୀ ବର୍ଷ ମେଲଣକୁ ଆସିବା ପାଇଁ ମେଲଣ ଶେଷର ପ୍ରତ୍ୟେକ ଠାକୁରଙ୍କୁ ଏହିଭଳି ଫୁଲ ଚନ୍ଦନ ଦିଆଯାଇ ନିମନ୍ତ୍ରଣ କରାଯାଇଥାଏ। ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ ଯେ ଏହି ପବିତ୍ର ଆଧାତ୍ମିକ ସ୍ୱାକ୍ଷର ବହନ କରୁଥିବା ଓଳକଣା ମେଲଣଟି ଆଳି ରାଜାଙ୍କ ଦ୍ୱାରା ସୃଷ୍ଟି ହୋଇଥାଇପାରେ। (ଜୟ ଓଁ କାରକ୍ଷେତ୍ର ଓଳକଣା ଧାମ)

ଅରାଖଣ୍ଡ, ଓଳକଣା, ଡେରାବିଶ, କେନ୍ଦ୍ରାପଡ଼ା, କଟକ
ମୋବାଇଲ୍: ୯୪୩୯୧୭୫୫୨୯



# ଧବଳ ପାଗୋଡ଼ା ଧଉଳି



ଡ଼ଃ.ଅରୁନ୍ଧତୀ ଦେବୀ

ଧଉଳି ପାହାଡ଼ ଧଉଳି ପାହାଡ଼, କାହିଁକି ମଉନେ ରହିଛ ଆଜି। ଦୟା ବାଲିରେ କେତେ ଖୋଜୁଥିବ, ଅତୀତ ଗୌରବ ଗରବ ରାଜି।" ବିଂଶ ଶତାବ୍ଦୀର କବି ପଦ୍ମଚରଣ ପଟ୍ଟନାୟକଙ୍କ ଏ କବିତା ଧଉଳିର ଗୌରବମୟ ଅତୀତକୁ ମନେ ପକାଇଦିଏ। ଯେଉଁଥିରେ ମଗଧ ସମ୍ରାଟ ଅଶୋକଙ୍କ ରାଜ୍ୟ ଜୟର ପିପାସା ଓ ପରେ ପରିବର୍ତ୍ତନ କଳିଙ୍ଗ ବୀରଙ୍କ ବଳିଦାନର ଗାଥା ରହିଛି। ଧଉଳି ଓଡ଼ିଶାରେ ଥିବା ଏକ ପ୍ରମୁଖ ବୌଦ୍ଧ ବିହାର ଓ ସ୍ତୁପ। ସତୁରି ଦଶକରେ କଳିଙ୍ଗ ନିପ୍ପନ ବୁଦ୍ଧ ସଂଘ ଏହି ଧବଳ ପାଗୋଡ଼ା ତିଆରି କରିଥିଲେ। ଏହା ସମ୍ରାଟ ଅଶୋକଙ୍କର ହୃଦୟର ପରିବର୍ତ୍ତନ କାହାଣୀକୁ ମଧ ମନେ ପକାଇ ଦିଏ। ସବୁଜିମା ଘେରା ଧଉଳି ପାହାଡ଼ ଦୂରଦୂରାନ୍ତରୁ ପର୍ଯ୍ୟଟକମାନଙ୍କୁ ଏଠାକୁ ଆକୃଷ୍ଟ କରି ଆସୁଛି। ଶାନ୍ତିସ୍ତୁପର ଚତୁଃପାଶ୍ୱର୍ରେ ଥିବା ବୌଦ୍ଧ ମୂର୍ତ୍ତିଗୁଡ଼ିକୁ ଦେଖିଲେ ମନ ପ୍ରଶାନ୍ତିରେ ଭରିଯାଏ। ପିପ୍ପଳ ଗଛର ଛାଇ ମନରେ ପୁଲକ ଭରିଦିଏ। ପାହାଡ଼ର ଶିଳାକୁ ଭେଦି ମାଡ଼ି ଥିବା ବ୍ଲୁଗେନଭିଲ୍ଲା ବା କାଗଜଫୁଲର ରଙ୍ଗ ଆକର୍ଷିତ କରେ। ପାହାଡ଼ର ପାଦ ଛୁଇଁ ବହି ଯାଉଥିବା ଦୟା ନଦୀ ଏହାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଦିଏ। ଏ ନଦୀ ସହ ଯୋଡ଼ି ହୋଇଛି କିମ୍ବଦନ୍ତୀ ଓ ଇତିହାସ। ମଗଧ ସମ୍ରାଟ ଅଶୋକଙ୍କ ସହ କଳିଙ୍ଗର ଯୁଦ୍ଧ କାଳରେ ଏ ନଦୀର ଜଳ ରକ୍ତରଂଜିତ ହୋଇଥିବା କୁହାଯାଏ। ନଦୀର ଅପରପାଶ୍ୱର୍ରେ ଏକ ସ୍ଥାନ ରହିଛି ଯାହାକି ରଣ ଗୋହିରୀ ନାମରେ ପରିଚିତ। ମଗଧ-କଳିଙ୍ଗର ଅନ୍ତିମ ପର୍ଯ୍ୟାୟ ଯୁଦ୍ଧ ସେଠାରେ ସଂଘଟିତ ହୋଇଥିବା କୁହାଯାଏ। ଯୁଦ୍ଧର ସ୍ମାରକ ସ୍ୱରୂପ ମାମୁଁ ଭଣଜା ଶିଳା ସହ ଆଉ କିଛି ଶିଳା ସ୍ମାରକ ଏଠାରେ ଦେଖିବାକୁ ମିଳିଥାଏ। ତେବେ ଏମିତି ଏକ ଭୟଙ୍କର ଯୁଦ୍ଧର କରୁଣ ପରିଣତି ଯାହାକି ସମ୍ରାଟ ଅଶୋକଙ୍କ ହୃଦୟକୁ ତରଳାଇ ଦେଇଥିଲା ତାଙ୍କୁ ବୁଦ୍ଧଙ୍କ ଅନୁଗାମୀ କରାଇଥିଲା। ଚଣ୍ଡାଶୋକରୁ ଧର୍ମାଶୋକ ସେ ପାଲଟି ଯାଇଥିଲେ। ତାଙ୍କର ପ୍ରଚେଷ୍ଟାରେ ବୌଦ୍ଧ ଧର୍ମର ବିସ୍ତାର ଘଟିଥିଲା। ସମ୍ରାଟ ଅଶୋକଙ୍କ ଅନୁଶାସନର ବାର୍ତ୍ତା ଖୋଦିତ ହୋଇ ରହିଛି ଧଉଳିର ହାତୀଗୁମ୍ଫାରେ। ଘୋଷଣାନାମା ଗୁଡ଼ିକ ପ୍ରାକୃତ ଭାଷା ଏବଂ ବ୍ରାହ୍ମୀଲିପିରେ ଲିପିବଦ୍ଧ ହୋଇଛି। ଅଶୋକଙ୍କ ଧର୍ମାନୁଶାସନ ବହନ କରିଥିବା ଦକ୍ଷିଣ ପୂର୍ବ ସୀମାନ୍ତବର୍ତ୍ତୀ ପାହାଡ଼ରେ ପ୍ରିୟଦର୍ଶୀ ଅଶୋକଙ୍କ ରାଜତ୍ୱର ମୁକସାକ୍ଷୀ ରୂପେ ବିଦ୍ୟମାନ ଶିଳାହସ୍ତୀକୁ ମହାଭାରତ ସମୟର ଅଶ୍ୱତ୍ଥାମା ହସ୍ତୀ ନାମରେ ଓ ପାହାଡ଼ଟିକୁ ଅଶ୍ୱତ୍ଥାମା ପାହାଡ଼ ନାମରେ ନାମିତ କରାଯାଇଛି। କତୁଗୃହରୁ ଆତ୍ମରକ୍ଷା ପାଇଁ ମାତା କୁନ୍ତୀଙ୍କ ସହ ପଞ୍ଚୁପାଣ୍ଡବ ଏଠାରେ ରହିଥିବାରୁ ଏହାର ଗୁମ୍ଫା ସମୁହକୁ ପଞ୍ଚୁପାଣ୍ଡବ ଗୁମ୍ଫା ନାମରେ ନାମିତ କରାଯାଇଥିବା କୁହାଯାଏ। ଏହି ଶିଳା ଲେଖ ଓ ଗୁମ୍ଫା ସମୂହ ମଧ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏଠାରୁ ଅନ୍ୟତମ ପ୍ରସିଦ୍ଧ ସ୍ଥଳ ଖଣ୍ଡଗିରିକୁ ଏକ ଗୁମ୍ଫାର ସଂଯୋଗ ରହିଥିବା 



ଲୋକବିଶ୍ୱାସ ରହିଛି। କୁହାଯାଏ ଏକଦା ଧଉଳି ପାହାଡ଼ ସୁରଭିଗିରି ନାମରେ ଐତିହାସିକ ସ୍ୱାକ୍ଷର ବହନ କରିଥିଲା। ଏହାର ଶିଖର ଦେଶରେ ଏକ ଭେଷଜ ଉପବନ ଓ ପ୍ରମୋଦ ଉଦ୍ୟାନ ମଧ ଥିଲା।

ଭୈରଙ୍ଗେଶ୍ୱର ଓ ଧବଳେଶ୍ୱର ନାମରେ ଏଠାରେ ଦୁଇଟି ଶିବ ମନ୍ଦିର ରହିଛି। ଗୋଟିଏ ପାହାଡ଼ର ପାଦଦେଶରେ ରହିଥିବାବେଳେ ଅନ୍ୟଟି ରହିଛି ପାହାଡ଼ର ଉପରଭାଗରେ। ଭୈରଙ୍ଗେଶ୍ୱର ମନ୍ଦିରକୁ ଲାଗି ରହିଛି ଏକ ଗଣେଶ ମନ୍ଦିର। ରଜ ସମୟରେ ଏଠାରେ ରଜ ଉତ୍ସବ ପାଳିତ ହୋଇଥାଏ। ଶୀତ ଋତୁରେ ଏଠାରେ ବଣଭୋଜିର ମଜା ନେବା ପାଇଁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଆସିଥାନ୍ତି। ବଣଭୋଜି ପାଇଁ ପାହାଡ଼ର ପାଦ ଦେଶରେ ପିଣ୍ଡିର ବ୍ୟବସ୍ଥା ମଧ କରାଯାଇଛି। ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ ଧଉଳି କଳିଙ୍ଗ ମହୋତ୍ସବ ଯାହାକି ତିନିଦିନ ଧରି ଚାଲିଥାଏ। ଓଡ଼ିଶା ପର୍ଯ୍ୟଟନ ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଏବଂ ଆର୍ଟ ଭିଜନ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଶୀ ବ୍ୟତୀତ କଥକ, ଭାରତ ନାଟ୍ୟମ, କୁଚୁପୁଡ଼ି ଓ ସାମାରିକ ନୃତ୍ୟ ଛଉ ପରିବେଷଣ କରାଯାଇଥାଏ। ତେଣୁ ବିଦେଶରୁ ଖ୍ୟାତିସମ୍ପନ୍ନ କଳାକାରମାନେ ଏଠାରେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥାନ୍ତି। ବୁଦ୍ଧ ସମ୍ମାନ ଦୀର୍ଘ ୧୪ ବର୍ଷ ଧରି ଧଉଳି କଳିଙ୍ଗ ମହୋତ୍ସବ ମଞ୍ଚରେ ପ୍ରଦାନ କରାଯାଉଅଛି। ପ୍ରତିବର୍ଷ ଜଣେ ପ୍ରଥିତ ଯଶା ଶିଳ୍ପୀ ଓ କଳାକାରଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯାଇଥାଏ। ଏହି ପୁରସ୍କାରରେ ଏକ ଲକ୍ଷ ଟଙ୍କା, ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥାଏ। ସେହିପରି ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ପ୍ରତିଷ୍ଠାତା ଗୁରୁ ଗଙ୍ଗାଧର ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨୦୧୬ ମସିହାରୁ ଓଡ଼ିଶୀ ନୃତ୍ୟ, ସଙ୍ଗୀତ, ନାଟକ, ଯନ୍ତ୍ର ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟ ସହ ଯୋଡ଼ି ହୋଇ ରହିଥିବା ଅନ୍ୟାନ୍ୟ ସୃଜନାତ୍ମକ କ୍ଷେତ୍ରରେ ବିଶିଷ୍ଟ ଶିଳ୍ପୀ ତଥା ଓଡ଼ିଶୀ ନୃତ୍ୟକୁ ଦେଶ ବିଦେଶରେ ପ୍ରଚାର ଓ ପ୍ରସାର କରିବାରେ ଗୁରୁ ଦାୟିତ୍ୱ ତୁଲାଇଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରାଯାଉଛି। ଏହି ପୁରସ୍କାର ସହ ପ୍ରତ୍ୟେକଙ୍କୁ ସମ୍ମାନ ସ୍ୱରୂପ ୨୫୦୦୦ ଟଙ୍କା ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥାଏ। ପାଖ ବିମାନ ବନ୍ଦର ହେଉଛି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର, ଏଠାରୁ ଟ୍ୟାକ୍ସିରେ ଆପଣ ଧଉଳି ଯାଇପାରିବେ। ପାଖ ରେଳ ଷ୍ଟେସନ ରହିଛି ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ। ଏଠାରୁ ଧଉଳି ପ୍ରାୟ ୨୦ କି.ମି. ଦୂରରେ ଅବସ୍ଥିତ। କଲିକତାରୁ ଜାତୀୟ ରାଜପଥରେ ୪୮୦ କି.ମି. ଏବଂ ଚେନ୍ନାଇରୁ ୧୨୨୫ କି.ମି. ଦୂର। ମୁଖ୍ୟ ରାସ୍ତା ଦେଇ ଅନେକ ବସ ଚଳାଚଳ କରୁଥିବାବେଳେ ଯେ କେହି ବ୍ୟକ୍ତିଗତ କାର କିମ୍ବା ଟ୍ୟାକ୍ସି ଯୋଗେ ଭୁବନେଶ୍ୱରରୁ ଧଉଳି ଆସିପାରିବେ।

ନିର୍ଦ୍ଦେଶିକା-ସମ୍ପାଦିକା
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ
ମୋବାଇଲ୍: ୯୯୩୭୧୭୨୮୧୦

# ତାରକସି ଶିଳ୍ପୀଙ୍କ ଦୁଃଖ ଯିବ କେବେ ?



ଡକ୍ଟର ତପନ କୁମାର ପାଳ

କଟକର ଅନ୍ୟନ୍ୟ ରୂପା ତାରକାସୀ ଗହଣା ପାଇଁ ହିଁ କଟକକୁ ରୌପ୍ୟ ସହର କୁହାଯାଏ। ସୁନାଠାରୁ ରୂପାର ଦାମ କମ ହେଲେ ମଧ ରୂପା ଯେତେବେଳେ ତାରକସି ଗହଣରେ ରୂପାନ୍ତରିତ ହୁଏ, ସେତେବେଳେ ଏହାର ଦାମ ସୁନା ଠାରୁ ମଧ ବଳିଯାଏ। ଆଦର ସୁନା ଠାରୁ ଅଧିକ ହୁଏ। ଏତେ ସୂକ୍ଷ୍ମକାମ ବୋଧେ ଆଉ କେଉଁ ଧାତୁରେ କରିହେବନି, ଏହି କାରଣରୁ ତାରକସି ଶିଳ୍ପୀମାନେ ରୂପାକୁ ବାଛିଥିଲେ। ଏଥିରେ ରୂପାର ସୂକ୍ଷ୍ମାତି ସୂକ୍ଷ୍ମ ତାରର ବ୍ୟବହାର କରାଯାଉଥିବାରୁ ଏହାର ନାଁ ବୋଧେ ତାରକସି ହୋଇଛି। ଅତୀତରୁ ଆଜିଯାଏ ଓଡ଼ିଶାକୁ ବାହାର ଦେଶରୁ ଆସୁଥିବା ଅତିଥିମାନଙ୍କୁ ତାରକସି ଶୈଳୀରେ ଗଢ଼ାଯାଇଥବା କୋଣାର୍କ ଚକ କିମ୍ବା ତାରକସି ବୋଇତ ଉପହାର ଦିଆଯାଏ। ଏଥିରେ ଓଡ଼ିଶାର କଳା, ଭାସ୍କର୍ଯ୍ୟ ସହିତ ନୌବାଣିଜ୍ୟ ଏବଂ ମନ୍ଦିର ପରମ୍ପରାର ଏକ ଝଲକ ଥାଏ। ଅନ୍ୟ ରାଜ୍ୟର ଅତିଥିମାନଙ୍କୁ ପରିଚିତ କରେଇହୁଲ ଆମ ରାଜ୍ୟରେ ଐତିହ୍ୟ ସହିତ। ଡେରିରେ ହେଲେ ବି କଟକର ତାରକସି ଶିଳ୍ପକଳା ଏବଂ ଗହଣାକୁ ଜିଆଇ ଟ୍ୟାଗ ବା ଭୌଗୋଳିକ ମାନ୍ୟତା ମିଳିବା ନିଶ୍ଚିତ ଭାବରେ ଗର୍ବ ଏବଂ ଖୁସିର ଖବର ଆମ ପାଇଁ। ଆଜିର ଫ୍ୟାଶନ ଜଗତରେ ମଧ ତାରକସି ଗହଣାର ଆଦର ବଢ଼ିଛି। ଆଜିକାଲି ସୁନାଦର ଆକାଶ ଛୁଆଁ ହେବାକୁ ବସିଲାଣି। ତେଣୁ ସୁନା ବଦଳରେ ରୂପାର ଗହଣ ପ୍ରତି ମଧ ଆଗ୍ରହ ବଢ଼ୁଛି ଫ୍ୟାଶସନ ପ୍ରିୟ ମହିଳା ମାନଙ୍କର। ଆମ ରାଜ୍ୟ ଅପେକ୍ଷା ବାହାର ରାଜ୍ୟ ଏବଂ ବିଦେଶରେ ମଧ ତାରକସି ଗହଣାର ଏକ ମର୍ଯ୍ୟାଦା ଏବଂ ଗ୍ରହଣୀୟତା ରହିଛି। ତାରକସି ଗହଣାଟିଏ ଦେଖିଲେ ମନକୁ ସ୍ୱତଃ ଯେଉଁ ପ୍ରଶ୍ନଟି ଚାଲିଆସେ ତାହାହେଲା ଏତେ ସୂକ୍ଷ୍ମ କାମ ସମ୍ଭବ ହେଲା କେମିତି ? କେତେ ଦିନ ଲାଗିଥିବ ଏଥିପାଇଁ ? କେତେ ପଇସା ପାଇଥିବ ଶିଳ୍ପୀଜଣକ ? ତାରକସି ଶିଳ୍ପୀଙ୍କ ପ୍ରତି ଏକ ଦରଦ ସୃଷ୍ଟି ହୁଏ ସେତେବେଳେ। ଅନ୍ୟ କୌଣସି ଗହଣା ଦେଖିଲେ ଏହାର ଶିଳ୍ପୀଙ୍କ ବିଷୟରେ ହୁଏତ ଭାବନ୍ତିନି କେହି। ଏଭଳି ଭାବନା ମନକୁ ଆସେନି ସୁନାର ଗହଣାଟିଏ ଦେଖିଲେ। ତାରକସି କାମଟିଏ ଦେଖିଲେ ଏଥିରେ ପ୍ରାଚୁର୍ଯ୍ୟ ଭରି ରହିଥିବା ଭଳି ଲାଗେ। କିନ୍ତୁ ଆଜି ବି କ'ଣ ତାରକସି ଗହଣା ଗଢ଼ୁଥିବା କାରିଗରମାନେ ବେଶ ଭଲରେ ଅଛନ୍ତି ? ଅୟସ ଆରାମର ଜୀବନ ବଞ୍ଚୁଛନ୍ତି ? କିଛି ନିଅଣ୍ଟ ନାହିଁ ସେମାନଙ୍କ ପାଖରେ ? ଯେତିକି ସମୟ ସେମାନେ ଦିଅନ୍ତି ଗୋଟେ ଗୋଟେ ଗହଣା ଗଢ଼ିବା ପାଇଁ ସେତିକି ପ୍ରାପ୍ୟ କ'ଣ ପାଆନ୍ତି ? ପ୍ରାଚୁର୍ଯ୍ୟର ପରିଭାଷା ଏମାନଙ୍କ ପାଇଁ କ'ଣ ? ତାରକସି ଗହଣାର ଆଦର ବଢ଼ୁଛି। ତେଣୁ ଏବେ ଏହାର ଏକ ବ୍ୟବସ୍ଥିତ ମାର୍କେଟିଂ ସହିତ ପ୍ରଚାର ପ୍ରସାରର ମଧ ଆବଶ୍ୟକତା ରହିଛି। ସରକାରଙ୍କ ତରଫରୁ ପ୍ରତିଟି ରାଜ୍ୟରେ ଏବଂ ବଡ଼ ବଡ଼ ସହରଗୁଡ଼ିକରେ ତାରକସି ଗହରଣାର ଶୋ ରୁମ ଯଦି ଖୋଲଯାଇପାରନ୍ତା। ତାହାହେଲେ ଲୋକେ ଓଡ଼ିଶାର ତାରକସି ଶିଳ୍ପ କଳାକୁ ଦେଖିବାର ସୁଯୋଗ ପାଆନ୍ତେ। ଥରେ ଦେଖିଲେ ହିଁ କେହି ଏହାକୁ କିଣିବାର ଲୋଭ ଯେ ସମ୍ବରଣ କରିପାରନ୍ତେ ନି ଏଥିରେ ସନ୍ଦେହ ନାହିଁ। ଆଜିକାଲି ବଡ଼ ବଡ଼ ନାମୀ କମ୍ପାନୀମାନେ ଉଦାହରଣ ସ୍ୱରୂପ ଟାଟା ଏବଂ ରିଲାଏନ୍ସ ଭଳି କମ୍ପାନୀମାନେ ମଧ ଗହଣା ତିଆରି ଏବଂ ବିକ୍ରି କରୁଛନ୍ତି। ସେମାନେ ଯଦି ତାରକସି ଶିଳ୍ପକୁ ପ୍ରୋତ୍ସାହିତ କରିନ୍ତେ ଏବଂ ଏହାର ବିପଣନ ପ୍ରତି ଗୁରୁତ୍ୱ ଦିଅନ୍ତେ ତାହାହେଲେ ଯେଉଁମାନେ ଏହାକୁ କୌଳିକ ବୃତ୍ତି ହିସାବରେ ଆଜିଯାଏଁ ଛାଡ଼ି ପାରିନାହାନ୍ତି ସେମାନେ ହୁଏତ ଏ କାମ ଆଡ଼ୁ ମୁହଁ ଫେରାଇବାକୁ ଆଉ ଚାହଁନ୍ତେନି। ସେମାନଙ୍କ ମୁହଁରେ ହସ ଫୁଟିପାରନ୍ତା।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ
ଦେଉଳ ସାହି, ତୁଳସୀପୁର, କଟକ

## ଜୁଲାଇ ୩ରୁ ଅମରନାଥ ଯାତ୍ରା ଆରମ୍ଭ

**ନୂଆଦିଲ୍ଲୀ, ୫।୩:** ଅମରନାଥ ଯାତ୍ରା ପାଇଁ ଅପେକ୍ଷା କରି ରହିଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଖୁସି ଖବର। ଅମରନାଥ ଯାତ୍ରା ପାଇଁ ତାରିଖ ଘୋଷଣା ହୋଇଯାଇଛି। ଶ୍ରୀ ମାତା ବୈଷ୍ଣୋଦେବୀ ମନ୍ଦିର ବୋର୍ଡର ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଅମରନାଥ ଯାତ୍ରା ଜୁଲାଇ ୩ ରୁ ଆରମ୍ଭ ହୋଇ ଅଗଷ୍ଟ ୯ ପର୍ଯ୍ୟନ୍ତ ଚାଲିବ। ଏଥର ଟ୍ରଷ୍ଟ ଏବଂ ସରକାରଙ୍କ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସେମାନଙ୍କ ସୁରକ୍ଷା ପ୍ରତି ବିଶେଷ ଯତ୍ନ ନିଆଯିବ। ଶ୍ରଦ୍ଧାଳୁଙ୍କ ରହିବାର ବ୍ୟବସ୍ଥା କରାଯିବା ସହିତ ଲଙ୍ଗରର ସୁବିଧା ବି ରହିବ। ପ୍ରତିବର୍ଷ ଅମରନାଥ ଯାତ୍ରା ପ୍ରାୟ ୪୫ ରୁ ୬୦ ଦିନ ପର୍ଯ୍ୟନ୍ତ ଚାଲିଥାଏ। ଗତବର୍ଷ ଏହି ଯାତ୍ରା ଜୁନ୍ ୨୯ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୧୯ରେ ଶେଷ ହୋଇଥିଲା। ପହଲଗାମ୍ ରୁଟ୍ ଦେଇ ୪୮କିଲୋମିଟର ଯାତ୍ରା କରିବା ସହଜ ହୋଇଥିବା ବେଳେ ବାଲତାଲ୍ ରୁଟ୍ ଦେଇ ଦେଇ ମାତ୍ର ୧୪ କିଲୋମିଟର ଯାତ୍ରା କରିବାରେ ଶ୍ରଦ୍ଧାଳୁଙ୍କୁ କଷ୍ଟ ହୋଇଥାଏ। ଗତବର୍ଷ ଅମରନାଥ ଯାତ୍ରା ପାଇଁ ପଞ୍ଜୀକରଣ ଏପ୍ରିଲ ୧୭ ତାରିଖରୁ ଆରମ୍ଭ ହୋଇଥିଲା। ପଞ୍ଜୀକରଣ ଉଭୟ ଅନଲାଇନ୍ ଏବଂ ଅଫ୍ଲାଇନ୍ ମାଧ୍ୟମରେ କରାଯାଇଥିଲା। ଏଥର ମଧ୍ୟ ସମାନ ପ୍ରସ୍ତୁତି କରାଯାଉଛି। ଏହି ବୈଠକ ଅମରନାଥ ଶ୍ରାଇନ୍ ବୋର୍ଡର ଅଧ୍ୟକ୍ଷ ଏବଂ ଜମ୍ମୁ କଶ୍ମୀରର ଏଲଜି ମନୋଜ ସିହ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଜମ୍ମୁ କଶ୍ମୀରର ଡିଜିପି ନଳିନ ପ୍ରଭାତ, ମୁଖ୍ୟ ସଚିବ ଅଟଳ ଡୁଲୁ ସମେତ ଅନେକ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ୟୁପି ବିଧାନସଭା ପରିସରରେ ପାନଛେପ ପକାଇଲେ ହେବ ଜରିମାନା

**ଲକ୍ଷ୍ନୌ, ୫।୩:** ଉତ୍ତରପ୍ରଦେଶ ବିଧାନସଭାର ଅଧିବେଶନ ଚାଲିଛି। ଏଭଳି ସମୟରେ ଗତ ମଙ୍ଗଳବାର ଦିନ ଉତ୍ତରପ୍ରଦେଶ ବିଧାନସଭାରେ ଜଣେ ବିଧାୟକ ପାନ ଖାଇ ବିଧାନସଭାର ମୁଖ୍ୟ ଦ୍ୱାରରେ ଛେପ ପକାଇଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲିଥିଲା। ଭିଡିଓ ସାମ୍ନାକୁ ଆସିବା ପରେ ୟୁପି ବିଧାନସଭାର ବାଚସ୍ପତି କହିଥିଲେ,' ମୁଁ ସକାଳେ ଏଠାକୁ ଆସିବା ପରେ ଜାଣିବାକୁ ପାଇଲି କିଛି ସଦସ୍ୟ ବିଧାନସଭା ଭିତରେ ପାନ ମସଲା ଖାଇ ମଇଳା ପ୍ରସାର କରିଛନ୍ତି। ମୁଁ ବ୍ୟକ୍ତିଗତ ଭାବରେ କୌଣସି ସଦସ୍ୟଙ୍କ ନାମ ନେବି ନାହିଁ କି ଅପମାନିତ କରିବି ନାହିଁ କିନ୍ତୁ ମୁଁ ସେମାନଙ୍କୁ ସିସିଟିଭିରେ ଦେଖିଛି। ଯିଏ ଏହା କରିଛନ୍ତି ସେ ନିଶ୍ଚିତ ଭାବେ ଭୁଲ କରିଛନ୍ତି।' ଏହି ଘଟଣାକୁ ନେଇ ବାଚସ୍ପତି ବିଧାନସଭାରେ ଆଲୋଚନା ମଧ୍ୟ କରିଥିଲେ। ଏହି ଘଟଣାପରେ ବିଧାନସଭା ପରିସରରେ ପାନ ମସଲା ଏବଂ ଗୁଟକାକୁ ନିଷିଦ୍ଧ କରାଯାଇଛି। ଏଥିସହିତ ବିଧାନସଭା ପରିସରରେ ଗୁଟଖା ଖାଉଥିବା ସମୟରେ ଯଦି କେହି ଧରାପଡ଼ନ୍ତି ତେବେ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗୁ କରାଯାଇପାରେ ବୋଲି କଡ଼ା ସୂଚନା ଜାରି କରାଯାଇଛି।

## ଫ୍ଲୋରିଡାରେ ଭାରତୀୟ ନର୍ସଙ୍କୁ ମରଣାନ୍ତକ ଆକ୍ରମଣ

**ଫ୍ଲୋରିଡା, ୫।୩:** ଫ୍ଲୋରିଡାରେ ଭାରତୀୟଙ୍କୁ ମାରଣାତ୍ମକ ଆକ୍ରମଣ। ୱାଲିଂଟନରେ ରହୁଥିବା ପ୍ରବାସୀ ଭାରତୀୟ ନର୍ସଙ୍କୁ ଆକ୍ରମଣ କରିବା ସହ ତାଙ୍କୁ ଲହୁଲୁହାଣ କରିଛନ୍ତି ଜଣେ ଦୁର୍ବୃତ୍ତ। ଆକ୍ରମଣ କରିଥିବା ଯୁବକଙ୍କୁ ଗିରଫ କରିଛି ପୁଲିସ କିନ୍ତୁ ନର୍ସ ଷ୍ଟିପେନଙ୍କ ଅବସ୍ଥାର ଗମ୍ଭୀର ରହିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ପୁଲିସର ସୂଚନା ଅନୁସାରେ ଷ୍ଟିପେନ କାମ ସାରି ଫେରୁଥିବା ସମୟରେ ହଠାତ ଯୁବକ ତାଙ୍କ ନିକଟକୁ ପହଁଚି ତାଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ବର୍ଣ୍ଣବୈଷମ୍ୟତାକୁ ନେଇ ଟିପ୍ପଣୀ ଦେଇଥିଲେ। ଷ୍ଟିପେନ ଏହାକୁ ବିରୋଧ କରିବାରୁ ଲୁହାରଡରେ ପିଟିବା ସହ ତାଙ୍କ ମୁହଁ ହାଡକୁ ଭାଙ୍ଗିଥିଲେ ଦୁର୍ବୃତ୍ତ। ବିଦେଶରେ ବିଶେଷ କରି ଆମେରିକାରେ ଭାରତୀୟଙ୍କ ଉପରେ ବଢ଼ୁଛି ଆକ୍ରମଣ ଘଟଣା। ୨୦୨୩ରେ ୧୮ଜଣ ଭାରତୀୟଙ୍କୁ ହତ୍ୟା କରାଯାଇଥିବାବେଳେ ୨୦୨୪ ଆରମ୍ଭରୁ ମଧ ସମାନ ଘଟଣା ପୁଣି ଘଟିବା ଚିନ୍ତାର ବିଷୟ ହୋଇଛି।

## ଯୋଗୀ ସରକାରଙ୍କ ନିଆରା ପ୍ରୟାସ ଘରେ ଘରେ ପହଞ୍ଚିବ ପ୍ରୟାଗରାଜର ପବିତ୍ର ସଙ୍ଗମ୍ ଜଳ

**ପ୍ରୟାଗରାଜ, ୫।୩:** ଘରେ ଘରେ ପହଞ୍ଚିବ ସଙ୍ଗମ୍ ଜଳ। ପ୍ରୟାଗରାଜର ପବିତ୍ର ସଙ୍ଗମ ଜଳ ସବୁ ଲକୋ ପାଇବେ। ପ୍ରତି ଘରେ ତ୍ରିବେଣୀ ସଙ୍ଗମର ଏବି ଜଳକୁ ପହଞ୍ଚାଇବାକୁ ଆରମ୍ଭ ହୋଇଛି ପ୍ରୟାସ। ଯେଉଁମାନେ ମହାକୁମ୍ଭରେ ସାମିଲ ହୋଇ ପାରି ନାହାନ୍ତି କିମ୍ବା ସଙ୍ଗମ ଘାଟରେ ବୁଡ ପକାଇ ପାରି ନାହାନ୍ତି ସେମାନଙ୍କ ପାଇଁ ଯୋଗୀ ସରକାର କରିଛନ୍ତି ଘରେ ଘରେ ସଙ୍ଗମ ଜଳ ବ୍ୟବସ୍ଥା। ଆଉ ଯୋଗୀଙ୍କ ଘୋଷଣା ପରେ ଏହି କାମରେ ଲାଗି ପଡିଛି ଅଗ୍ନିଶମ ବିଭାଗ। ମହାକୁମ୍ଭ ସରିଥିଲେ ବି ମହାକୁମ୍ଭକୁ ନେଇ କିନ୍ତୁ ସରୁନି ଚର୍ଚ୍ଚା ସବୁଦିନ ନୂଆ ନୂଆ ରୋଚକ ଖବର ଆସୁଥିବା ବେଳେ ଆଜି ଏବେ ସଙ୍ଗମ ଜଳ ଘରେ ଘରେ ଦେବା ନେଇ ଆସିଛି ନୂଆଏକ ଖବର ଯାହା ଆଧାତ୍ମିକ ଲୋକଙ୍କ ପାଇଁ ଏକ ସୁନ୍ଦର ଖବର ପାଲଟିଛି। ତେବେ ପ୍ରୟାଗରାଜର ହରଦୋଇ ଜିଲ୍ଲାରେ ଅଗ୍ନିଶମ ବିଭାଗ ପକ୍ଷରୁ ଘରେ ଘରେ ପହଞ୍ଚାଇବାର ବ୍ୟବସ୍ଥା ଆରମ୍ଭ ହୋଇଛି। ଏହି ପବିତ୍ର ଜଳକୁ ପାନ କରିବାକୁ ଲୋକ ଉତ୍ସୁକତାର ସହ ଗ୍ରହଣ କରୁଥିବା ବେଳେ ଏହା ଭିନ୍ନ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଛି।

## ବାଇକକୁ ପିଟିଲା ସ୍କର୍ପିଓ, ୨ ମୃତ, ୯ ଆହତ

**ଜୟପୁର, ୫।୩:** ରାଜସ୍ଥାନ ଚୁରୁ ଜିଲ୍ଲାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଚୁରୁ ଜିଲ୍ଲାର ଏନଏଚ-୫୨ରେ ମର୍ମନ୍ତୁଦ ଦୁର୍ଘଟଣାରେ ୨ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୯ ଜଣ ଆହତ ହୋଇଛନ୍ତି। ଏକ ସ୍କର୍ପିଓ ବାଇକକୁ ଧକ୍କା ଦେବା ପରେ ସ୍କର୍ପିଓ ଅନିୟନ୍ତ୍ରିତ ହୋଇ ଓଲଟିପଡିଥିଲା। ପୋଲିସ ଖବର ମୁତାବକ, ଚୁରୁ ଜିଲ୍ଲାର ଏନଏଚ-୫୨ର ଉଟବାଲିୟା ଛକ ନିକଟରେ ଦୁର୍ଘଟଣା ଘଟିଛି। ଏମାନେ ଚଣ୍ଡୀଗଡ଼ରୁ ସ୍କର୍ପିଓରେ ସାଲାସର ବାଲାଜୀଙ୍କୁ ଦର୍ଶନ କରିବାକୁ ଯାଇଥିଲେ। ଉଟବାଲିୟା ଛକ ନିକଟରେ ଦ୍ରୁତଗାମୀ ଏକ ସ୍କର୍ପିଓ ବାଇକକୁ ଧକ୍କା ଦେବା ପରେ ସ୍କର୍ପିଓ ଅନିୟନ୍ତ୍ରିତ ହୋଇ ଓଲଟିପଡିଥିଲା। ଦୁର୍ଘଟଣାରେ ବାଇକରେ ଥିବା ଜଣଙ୍କର ଜୀବନ ଚାଲିଯାଇଥିଲା। ସେହିପରି କାରଟି ଓଲଟି ପଡିଥିଲା। ଦୁର୍ଘଟଣାରେ ୩ଟି ଯାକ ଗାଡି ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଆହତଙ୍କୁ ତୁରନ୍ତ ଡିବି ହସପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଛି। ଦୁର୍ଘଟଣାରେ ବିସାଓ ନିବାସୀ ବରକତ(୩୫) ଏବଂ ସିକରର ରାମନଗର ନିବାସୀ ରମେଶ କଓ୍ୱର(୭୫)ଙ୍କ ଜୀବନ ଚାଲିଯାଇଛି। ଦୁଘର୍ଟଣାରେ ୯ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଚୁରର ଡିବି ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଆହତଙ୍କ ମଧ୍ୟରେ ୧୪ ବର୍ଷରୁ ୭୮ ବର୍ଷୀୟ ବ୍ୟକ୍ତି ରହିଛନ୍ତି।

## ପରିଚୟ ଲୁଚାଇ ଦିଲ୍ଲୀରେ ଚାକିରି କରୁଥିବା ନକ୍ସଲକୁ ଧରିଲା ପୁଲିସ

ନୂଆଦିଲ୍ଲୀ,୫।୩: ଦିଲ୍ଲୀ ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ଦିଲ୍ଲୀ ପୋଲିସ କ୍ରାଇମବ୍ରାଞ୍ଚ ଏକ ସ୍ୱତନ୍ତ୍ର ଅପରେସନରେ ଜଣେ ନକ୍ସଲଙ୍କୁ ଗିରଫ କରିଛି। ଏହି ମହିଳା ନକ୍ସଲ ଏତେ ବିପଦପୂର୍ଣ୍ଣ ଯେ ଝାଡ଼ଖଣ୍ଡ ପୁଲିସ ସହ ତିନିଥର ଗୁଳିବିନିମୟ କରିଥିଲେ । ପୋଲିସ କହିଛି ଯେ ଆମେ ସୂଚନା ପାଇଲୁ ଯେ ଜଣେ ନକ୍ସଲ ମହିଳା ଦିଲ୍ଲୀରେ ପରିଚୟ ବଦଳାଇ କାମ କରୁଛନ୍ତି। ଏହା ପରେ, ଆମେ ଏକ ଅପରେସନ କରି ଏହି ନକ୍ସଲ ମହିଳାଙ୍କୁ ଗିରଫ କରିଥିଲୁ। ପୋଲିସ କହିଛି ଯେ ୪ ମାର୍ଚ୍ଚ, ୨୦୨୫ରେ କ୍ରାଇମବ୍ରାଞ୍ଚ ସୂଚନା ପାଇଥିଲା ଯେ ସିପିଆଇ (ମାଓବାଦୀ) ସଂଗଠନର ଜଣେ ସକ୍ରିୟ ସଦସ୍ୟ ଦିଲ୍ଲୀର ପିତମପୁରା ଅଞ୍ଚଳରେ ରହୁଛନ୍ତି ଏବଂ ମହାରାଣା ପ୍ରତାପ ଏନକ୍ଲେଭରେ କାମ କରୁଛନ୍ତି। ଏହା ପରେ, ପିତମପୁରାରେ ଏକ ଚଢାଉ କରାଯାଇଥିଲା ଏବଂ ମହିଳା ନକ୍ସଲଙ୍କୁ ଗିରଫ କରାଯାଇଥିଲା। ଏହି ୨୩ ବର୍ଷୀୟା ମହିଳା ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମି ଜିଲ୍ଲାର କୁଡାବୁରୁ ଗାଁର ବାସିନ୍ଦା। ସେ ନିଜର ପ୍ରକୃତ ପରିଚୟ ଲୁଚାଇ ଦିଲ୍ଲୀରେ ରହୁଥିଲେ ଏବଂ ଏଠାରେ ଏକ ନକଲି ନାମରେ କାମ କରୁଥିଲେ। ପୋଲିସ ପଚରାଉଚରା ସମୟରେ, ମହିଳା ଜଣକ ସ୍ୱୀକାର କରିଛନ୍ତି ଯେ ସେ ୫ ବର୍ଷ ଧରି ଅତ୍ୟନ୍ତ କଠୋର ତାଲିମ ନେଇଛନ୍ତି ଏବଂ ଏସଏଲଆର, ଇନସାସ, ଏଲଏମଜି, ହ୍ୟାଣ୍ଡ ଗ୍ରେନେଡ ଭଳି ଘାତକ ଅସ୍ତ୍ରଶସ୍ତ୍ର ପରିଚାଳନା କରିବାରେ ଦକ୍ଷତା ହାସଲ କରିଛନ୍ତି।

### ଆମେରିକାକୁ ଭାରତ ମାଗିଲା ସହଯୋଗ

# ୪୦ ବର୍ଷ ପରେ ବୋଫର୍ସ ଦୁର୍ନୀତିର ହେବ ଯାଞ୍ଚ



ନୂଆଦିଲ୍ଲୀ,୫।୩: ଭାରତରେ ସବୁଠାରୁ ଚର୍ଚ୍ଚିତ ଦୁର୍ନୀତି ମଧ୍ୟରୁ ଗୋଟିଏ, ବୋଫର୍ସ ତୋପ ଦୁର୍ନୀତି ପୁଣି ଥରେ ଚର୍ଚ୍ଚାର ଶିରୋନାମାରେ। ଏହି ମାମଲାର ତଦନ୍ତକୁ ଆଗକୁ ବଢ଼ାଇବା ପାଇଁ ସିବିଆଇ ଆମେରିକାକୁ ଏକ ଲେଟର ରୋଗାଟୋରୀ ପଠାଇଛି। ଏହାର ଅର୍ଥ ହେଉଛି ଏହି ଠକେଇ ସହିତ ଜଡିତ ଜଣେ ପ୍ରମୁଖ ସାକ୍ଷୀ ମାଇକେଲ ହର୍ସମ୍ୟାନଙ୍କୁ ପଚରାଉଚରା କରିବା ପାଇଁ ଭାରତ ଆମେରିକାଠାରୁ ସାହାଯ୍ୟ ଲୋଡ଼ିଛି। ମାଇକେଲ ହର୍ସମ୍ୟାନ୍ ହେଉଛନ୍ତି ଏକ ଆମେରିକୀୟ ଘରୋଇ ତଦନ୍ତ ସଂସ୍ଥା ଫେୟାରଫାକ୍ସର ମୁଖ୍ୟ। ୨୦୧୭ ମସିହାରେ ଏକ ସାକ୍ଷାତକାର ସମୟରେ ସେ ଦାବି କରିଥିଲେ ଯେ ୧୯୮୬ ମସିହାରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ତାଙ୍କୁ ବିଦେଶୀ ବ୍ୟାଙ୍କରେ ଜମା ହୋଇଥିବା କଳାଧନ ଏବଂ ମନି ଲଣ୍ଡରିଂର ତଦନ୍ତ ପାଇଁ ନିଯୁକ୍ତ କରିଥିଲେ। ଏହି ତଦନ୍ତ ସମୟରେ ସେ ବୋଫର୍ସ ଦୁର୍ନୀତି ସହ ଜଡିତ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ପାଇଥିଲେ। ହର୍ସମ୍ୟାନ୍ କହିଛନ୍ତି ଯଦି ତାଙ୍କୁ ସୁଯୋଗ ମିଳେ, ତେବେ ସେ ଭାରତୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ସାହାଯ୍ୟ କରିପାରିବେ ଏବଂ ଏହି ମାମଲାରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିପାରିବେ। ବୋଫର୍ସ ଦୁର୍ନୀତିର ତଦନ୍ତକୁ ଆଗକୁ ବଢ଼ାଇବା ପାଇଁ ସିବିଆଇକୁ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ସାକ୍ଷୀଙ୍କ ବୟାନ ଆବଶ୍ୟକ। କାରଣ ମାଇକେଲ ହର୍ସମ୍ୟାନ୍ ଆମେରିକାରେ ଅଛନ୍ତି। ତେଣୁ ଭାରତ ଆମେରିକୀୟ ଏଜେନ୍ସିଗୁଡ଼ିକଠାରୁ ସାହାଯ୍ୟ ଲୋଡ଼ିଛି। ପୂର୍ବରୁ ସିବିଆଇ ଅର୍ଥ ମନ୍ତ୍ରଣାଳୟଠାରୁ ଏହି ମାମଲା ସହିତ ଜଡିତ କାଗଜପତ୍ର ମାଗିଥିଲା। କିନ୍ତୁ ମାମଲାଟି ଏତେ ପୁରୁଣା ହୋଇଥିବାରୁ, ମନ୍ତ୍ରଣାଳୟ ପାଖରେ ଏହି ରେକର୍ଡ ନଥିଲା। ଇଣ୍ଟରପୋଲ୍ ଠାରୁ ମଧ୍ୟ ସାହାଯ୍ୟ ଲୋଡାଯାଇଥିଲା। କିନ୍ତୁ ସେଠାରୁ କୌଣସି ଉତ୍ତର ଆସିଲା ନାହିଁ। ଏବେ ଚିଠି ରୋଗେଟୋରୀ ମାଧ୍ୟମରେ ଆମେରିକୀୟ କର୍ତ୍ତୃପକ୍ଷଙ୍କଠାରୁ ସିଧାସଳଖ ସାହାଯ୍ୟ ଲୋଡାଯାଇଛି। ଭାରତୀୟ ସେନାକୁ ସୁଦୃଢ଼ କରିବା ପାଇଁ, ୧୯୮୬-୮୭ ମସିହାରେ, ସରକାର ସ୍ୱିଡିସ୍ କମ୍ପାନୀ ଏବି ବୋଫୋର୍ସ ଠାରୁ ୬୪ଟି ବନ୍ଧୁକ କିଣିବା ପାଇଁ ଏକ ଚୁକ୍ତି କରିଥିଲେ। ଏହି ଚୁକ୍ତିର ମୋଟ ମୂଲ୍ୟ ପ୍ରାୟ ୧୪୩୭ କୋଟି ଟଙ୍କା ଥିଲା। କିନ୍ତୁ ପରେ ଅଭିଯୋଗ ଆସିଥିଲା ଯେ ଏହି ଚୁକ୍ତିରେ ବିପୁଳ କମିଶନ ଦିଆଯାଇଥିଲା ଏବଂ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିଲା। ସେତେବେଳେ ଭାରତର ପ୍ରଧାନମନ୍ତ୍ରୀ ଥିଲେ ରାଜୀବ ଗାନ୍ଧୀ।

## ଶୁଣାଣି ପାଇଁ ହାଜର ହେଲେନି ରାହୁଲ୍

### କୋର୍ଟ ଲଗାଇଲେ ୨ଶହ ଟଙ୍କାର ଜରିମାନା



**ନୂଆଦିଲ୍ଲୀ,୫।୩:** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଉପରେ ଲକ୍ଷ୍ନୌର ଏକ କୋର୍ଟ ୨ଶହ ଟଙ୍କା ଜରିମାନା ଲଗାଇଛନ୍ତି। ବୀର ସାବରକରଙ୍କ ଉପରେ ଦେଇଥିବା ବୟାନର ଶୁଣାଣି ସମୟରେ ସେ କୋର୍ଟରେ ହାଜର ହୋଇନଥିଲେ, ଯେଉଁ କାରଣରୁ ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ କୋର୍ଟ ତାଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ ରାହୁଲ ଗାନ୍ଧୀ ଯେକୌଣସି ମୂଲ୍ୟରେ ୧୪ ଏପ୍ରିଲ୍ ୨୦୨୫ରେ କୋର୍ଟରେ ହାଜର ହେବା ଉଚିତ। ଆଉ ଏହା ମଧ୍ୟ କହିଛନ୍ତି ଯେ, ଯଦି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ୧୪ ଏପ୍ରିଲ୍ ୨୦୨୫ରେ କୋର୍ଟରେ ହାଜର ନ ହୁଅନ୍ତି, ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାହୁଲ ଗାନ୍ଧୀ ଅକୋଲାରେ ଏକ ସାମ୍ବାଦିକ ସମ୍ମିଳନୀରେ ବୀର ସାବରକରଙ୍କ ଉପରେ ଏକ ବିବାଦୀୟ ବୟାନ ଦେଇଥିଲେ। ସେ ସାବରକରଙ୍କୁ ବ୍ରିଟିଶ ମାନଙ୍କର ଜଣେ ସେବକ ଏବଂ ପେନସନଭୋଗୀ ବୋଲି କହିଥିଲେ। ରାହୁଲ ଗାନ୍ଧୀଙ୍କ ଏହି ବୟାନ ବିରୋଧରେ ନୃପେନ୍ଦ୍ର ପାଣ୍ଡେ ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚରେ ପହଞ୍ଚିଥିଲେ। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପକ୍ଷରୁ ଓକିଲ ପ୍ରାଂଶୁ ଅଗ୍ରୱାଲ କୋର୍ଟରେ ହାଜର ହୋଇଥିଲେ। ସେ କୋର୍ଟରେ ହାଜର ହେବାରୁ ରହିତାଦେଶ ପାଇଁ ଆବେଦନ କରିଥିଲେ। ଏହାର ଶୁଣାଣି ଲକ୍ଷ୍ନୌର ACJM କୋର୍ଟରେ ଚାଲିଛି। ଅଭିଯୋଗକାରୀ ଓକିଲ ନୃପେନ୍ଦ୍ର ପାଣ୍ଡେ କୋର୍ଟକୁ କହିଥିଲେ ଯେ ବାରମ୍ବାର ସମନ ଜାରି ସତ୍ତ୍ୱେ ରାହୁଲ ଗାନ୍ଧୀ ହାଜର ହେଉନାହାଁନ୍ତି। କୋର୍ଟ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ରାହୁଲ ଗାନ୍ଧୀଙ୍କ ଓକିଲ ପ୍ରାଂଶୁ ଅଗ୍ରୱାଲ କୋର୍ଟକୁ କହିଥିଲେ ଯେ ସେ ବର୍ତ୍ତମାନ ଲୋକସଭାରେ ବିରୋଧୀ ଦଳ ନେତା। ସେ କୋର୍ଟକୁ କହିଥିଲେ, "ରାହୁଲ ଗାନ୍ଧୀଙ୍କର ଦିଲ୍ଲୀରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଥିଲା। ଏହା ବ୍ୟତୀତ ତାଙ୍କୁ ଅନେକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ପଡିଥିଲା, ଯାହା ଯୋଗୁଁ ସେ କୋର୍ଟରେ ହାଜର ହୋଇପାରିଲେ ନାହିଁ।

### ସୁନା ମୁଦ୍ରା ଚୋରା ଚାଲାଣ କରୁଥିଲେ

## ବିମାନବନ୍ଦରରୁ ଅଭିନେତ୍ରୀ ଗିରଫ



**ମୁମ୍ବାଇ,୫।୩:** ସୁନା ତସ୍କରୀ ମାମଲାରେ ବନ୍ଧା ହେଲେ ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ରାନ୍ୟା ରାଓ । ଚଳଚ୍ଚିତ୍ର 'ମାଣିକିଆ'ରେ କନ୍ନଡ ସୁପରଷ୍ଟାର ସୁଦୀପଙ୍କ ବିପକ୍ଷରେ ଅଭିନୟ କରିଥିବା ରାନ୍ୟାଙ୍କୁ ଗିରଫ କରିଛି ବେଙ୍ଗାଲୁରୁ ପୋଲିସ । ଏହି ଅଭିନେତ୍ରୀ ସୁନା ମୁଦ୍ରା ଚୋରା ଚାଲାଣ ଅଭିଯୋଗରେ ଗିରଫ ହୋଇଛନ୍ତି । ଗତକାଲି ରାତିରେ ବେଙ୍ଗାଲୁରୁ ଏୟାରପୋର୍ଟରେ ସୁନା ଚାଲାଣ ଅଭିଯୋଗରେ ଡିଆରଆଇ ତାଙ୍କୁ ଗିରଫ କରିଛି। ଦୁବାଇରୁ ୧୪.୮ କେଜି ସୁନା ଆଣି ଭାରତ ଫେରୁଥିଲେ ଅଭିନେତ୍ରୀ ରାନ୍ୟା ରାଓ । ଯାଞ୍ଚ ପରେ ତାଙ୍କଠୁ ସୁନା ଜବତ କରିବା ସହ ରାନ୍ୟାଙ୍କୁ ଗିରଫ କରିଛି ଡିଆରଆଇ । ରାନ୍ୟା ରାଓ କର୍ଣ୍ଣାଟକ ଡିଜିପି ରାମଚନ୍ଦ୍ର ରାଓଙ୍କ ଝିଅ । ଏତେ ପରିମାଣରେ ସୁନା ଜବତ ହେବା ପରେ ଡିଆରଆଇ ଟିମ ତାଙ୍କୁ ପଚରାଉଚରା କରୁଛି । ତେବେ ଦୀର୍ଘ ଦିନ ରାନ୍ୟା ସୁନା ତସ୍କରୀରେ ସାମିଲ ଥିବା ଖବର ପାଇଥିଲେ ଡିଆରଆଇ ଅଧିକାରୀ । ଗତ ୧୫ ଦିନ ମଧ୍ୟରେ ସେ ୪ ଥର ଦୁବାଇ ଯାତ୍ରା କରିଥିଲେ । ଏହାକୁ ନେଇ ତାଙ୍କ ଉପରେ ସନ୍ଦେହ ବଢ଼ିଥିଲା । ରାନ୍ୟାଙ୍କ ଉପରେ ନଜର ରଖିଥିଲେ ଡିଆରଆଇ ଟିମ୍ । ରାନ୍ୟା ସବୁ ଥର ତାଙ୍କ ବାପାଙ୍କ ପରିଚୟ ଦେଇ ଯାଞ୍ଚରୁ ବର୍ତ୍ତି ଆସୁଥିଲେ । କିନ୍ତୁ ଏଥର ଅଭିନେତ୍ରୀ ରାନ୍ୟା ସୁନା ନେଇ ଦୁବାଇରୁ ବେଙ୍ଗାଲୁରୁ ଫେରୁଥିବା ଖବର ପାଇଥିଲା ଡିଆରଆଇ। ବିମାନବନ୍ଦରରେ ତାଙ୍କ ଉପରେ ମାଡି ବସିଥିଲେ ଡିଆରଆଇ ଅଧିକାରୀ । ଯାଞ୍ଚ ବେଳେ ସେ ବିରୋଧ କରିଥିଲେ । ନିୟମ ଅନୁସାରେ, ଡିଆରଆଇ ଅଧିକାରୀ ତାଙ୍କୁ ପଚରାଉଚରା କରିବା ସହ ତଲାସି ନେଇଥିଲେ । ଯାଞ୍ଚ ବେଳେ ତାଙ୍କ ଠାରୁ ୧୪ କେଜି ୮୦ଗ୍ରାମ ସୁନା ଜବତ ହୋଇଛି । ତେବେ ସେ ତାଙ୍କ ଡ୍ରେସ୍ ଭିତରେ ସେ ସୁନା ଲୁଚାଇ ରଖିଥିଲେ । ତଲାସି ବେଳେ ପାଖାପାଖି ୧୫ କେଜି କେଜି ସୁନା ଜବତ କରାଯାଇଛି । ଡିଆରଆଇ ଅଧିକାରୀଙ୍କ ସୂଚନା ଅନୁସାରେ, ଜବତ ସୁନାର ମୂଲ୍ୟ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ । ରାନ୍ୟା ଗିରଫ ହେବା ପରେ DRI ମୁଖ୍ୟାଳୟକୁ ଆଣି ତାଙ୍କୁ ପଚରାଉଚରା କରାଯାଉଛି । କର୍ଣ୍ଣାଟକରେ ଜଣେ ଜଣାଶୁଣା ଅଭିନେତ୍ରୀ ହେଉଛନ୍ତି ରାନ୍ୟା ରାଓ । ଯିଏକି ମାଣିକ୍ୟା ସିନେମାରେ ଅଭିନୟ କରିଥିଲେ । ଏହା ସହ ଅନେକ ଫିଲ୍ମରେ ମଧ୍ୟ ସେ ଅଭିନୟ କରିଛନ୍ତି ।

## ବାରାମୂଲାରେ ପୁଲିସ ଫାଣ୍ଡି ଉପରେ ଗ୍ରେନେଡ ମାଡ଼

**ଶ୍ରୀନଗର,୫।୩:** ଜମ୍ମୁ କଶ୍ମୀର ବାରାମୂଲାରେ ଗ୍ରେନେଡ ଆକ୍ରମଣ କରିଛନ୍ତି ଆତଙ୍କୀ । ମଙ୍ଗଳବାର-ବୁଧବାର ରାତିରେ ଓଲ୍ଡଟାଉନ ପୋଲିସ ଫାଣ୍ଡିରେ ଆକ୍ରମଣ ହୋଇଛି। ଆକ୍ରମଣ ଯୋଗୁଁ ସ୍ଥାନୀୟ ଲୋକ ଭୟଭୀତ ରହିଛନ୍ତି । ଏହି ଆକ୍ରମଣରେ କେହି ଆହତ ହୋଇନାହାନ୍ତି । ଗ୍ରେନେଡ ଆକ୍ରମଣ ପରେ ପୋଲିସକର୍ମୀ ଶବ୍ଦ ଶୁଣି ସ୍ଥାନୀୟ ଅଞ୍ଚଳକୁ ସର୍ଚ୍ଚ କରିଥିଲେ। ସର୍ଚ୍ଚ ଅପରେସନରେ ରାତି ୧୦.୪୦ ରେ ପୋଲିସକୁ ଏକ ଗ୍ରେନେଡ ପିନ୍ ମିଳିଥିଲା । ଏହାପରେ ପୋଲିସକୁ ସନ୍ଦେହ ହୋଇଥିଲା। ତେବେ ବାରାମୂଲାରେ କୌଣସି ସନ୍ଦିଗ୍ଧ ଗତିବିଧି ନଜର ଆସିଲେ ତୁରନ୍ତ ପୋଲିସକୁ ସୂଚନା ଦେବାକୁ ଅପିଲ୍ କରାଯାଇଛି । ସୂଚନାଯୋଗ୍ୟ, ଜମ୍ମୁ କଶ୍ମୀର ବାରାମୂଲାରେ ସେନା ଏନକାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଥିଲେ। ଗତ କିଛିଦିନ ହେଲାଣି ଜମ୍ମୁରେ ଆତଙ୍କୀ ସକ୍ରିୟ ରହିଛନ୍ତି ।

## 'ମୋ ଜୀବନ ପ୍ରତି ବିପଦ ଅଛି, ସେଥିପାଇଁ ସରକାର ଦାୟୀ ରହିବେ'

**ନୂଆଦିଲ୍ଲୀ,୫।୩:** ମହାରାଷ୍ଟ୍ର ବିଧାନସଭାରୁ ନିଲମ୍ବିତ ସମାଜବାଦୀ ପାର୍ଟି ବିଧାୟକ ଆବୁ ଆଜମୀ ଦାବି କରିଛନ୍ତି ଯେ, ତାଙ୍କ ଜୀବନ ପ୍ରତି ବିପଦ ଅଛି। ସେ କହିଛନ୍ତି ଯେ ମୋତେ ଧମକପୂର୍ଣ୍ଣ ଫୋନ୍ ଆସୁଛି ଏବଂ ମୁଁ ପୋଲିସ ସୁରକ୍ଷା ପାଇଁ ଆବେଦନ କରିବି। ଯଦି ମୋ ଜୀବନକୁ କିଛି ହୁଏ, ତେବେ ସେଥିପାଇଁ ସରକାର ଦାୟୀ ରହିବା ଉଚିତ। ମହାରାଷ୍ଟ୍ର ସମାଜବାଦୀ ପାର୍ଟିର ଅଧ୍ୟକ୍ଷ ଆବୁ ଆଜମୀ ପୁଣି ଥରେ ଔରଙ୍ଗଜେବଙ୍କ ଉପରେ ତାଙ୍କ ବୟାନ ସ୍ପଷ୍ଟ କରି କହିଛନ୍ତି, "ମୁଁ କୌଣସି ବିବାଦୀୟ କଥା କହିନାହିଁ।" ମୁଁ କେବଳ ଇତିହାସରେ ଯାହା ଅଛି ତାହା କହିଛି । କିନ୍ତୁ ଯଦି ଆପଣ ମୋ ଭାଷଣ ଯୋଗୁଁ ସମ୍ମିଳନୀକୁ ବନ୍ଦ କରିବାକୁ ଯାଉଛନ୍ତି, ତେବେ ମୁଁ ମୋର କଥା ଫେରାଇ ନେଉଛି। ସେ ଆହୁରି କହିଛନ୍ତି, "ଇତିହାସରେ ଯାହା ଲେଖାଯାଇଛି, ମୁଁ ତାହାର ପ୍ରମାଣ ଦେଇଛି।" ମୁଁ ବି ଟିମ୍ ନୁହେଁ, କାଲି ଠାକରେ ଗ୍ରୁପ ଏ ଦଳ ସହିତ ଯିବେ। ତା'ପରେ ଏକନାଥ ସିନ୍ଦେଙ୍କ ପୁସ୍ତକ ଆସିବ ଯାହାକୁ ସେ ଅନୁମୋଦନ କରିବେ।

## ଲୋକସଭା ଆସନ ହ୍ରାସ ଭୟ ଦେଖାଇ ୩୫ ଦଳକୁ ଏକାଠି କଲେ ଷ୍ଟାଲିନ୍



ନୂଆଦିଲ୍ଲୀ,୫।୩: ଲୋକସଭା ଆସନରସୀମା ନିର୍ଦ୍ଧାରଣକୁ ନେଇ ବୁଧବାର ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ୩୫ ଦଳର ବୈଠକ ହୋଇଛି। ଏହି ବୈଠକରେ ଷ୍ଟାଲିନ୍ ଏକ ପ୍ରସ୍ତାବ ଆଗତ କରିଛନ୍ତି। ଯାହା ଉପରେ ସମସ୍ତେ ଏକମତରୁ ସହମତି ପ୍ରକାଶ କରିଛନ୍ତି। ଏହି ପ୍ରସ୍ତାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଗାଯାଇଛି ଯେ, ସୀମା ନିର୍ଦ୍ଧାରଣ ପାଇଁ ୧୯୭୧ ର ଜନଗଣନା ଅନୁପାତକୁ ହିଁ ଆଧାର ବୋଲି ମନେକରାଯାଇଛି। ଏହାର ଆଧାରରେ ଲୋକସଭା ଆସନ ଧାର୍ଯ୍ୟ କରାଯାଉ ଓ ଏହାର ସୀମା ଆଗାମୀ ୩୦ ବର୍ଷ ପାଇଁ ବଜାୟ ରଖାଯିବ। ପ୍ରସ୍ତାବରେ ଏହା ମଧ୍ୟ କୁହାଯାଇଛି ଯେ, ଦକ୍ଷିଣ ଭାରତ ବ୍ୟତୀତ ଅନ୍ୟ ରାଜ୍ୟକୁ ମଧ୍ୟ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପ୍ରୋତ୍ସାହିତ କରାଯାଉ। ଏହି ମିଟିଂରେ ମୁଖ୍ୟ ବିରୋଧି ଦଳ ଏଆଇଏଡିଏମ୍‌କେର ନେତା ମଧ୍ୟ ଉପସ୍ଥିତ ରହିବେ। ଏହି ପ୍ରସ୍ତାବରେ କୁହାଯାଇଛି ଯେ, କେନ୍ଦ୍ର ସରକାରଙ୍କୁ ସମ୍ବିଧାନରେ ସଂଶୋଧନ କରିବା ଦରକାର ଓ ଏହା ଧାର୍ଯ୍ୟ କରାଯାଉ। ଯଦି ସାଂସଦଙ୍କ ସଂଖ୍ୟା ବଢେ ତେବେ ଏହାର ଅନୁମାନ ବର୍ତ୍ତମାନ ଭଳି ହିଁ ରହୁ। ତାଙ୍କର ସ୍ପଷ୍ଟ ଦାବି ଥିଲା ଯେ, ଯଦି ନୂଆ ଜନଗଣନା ସଂଖ୍ୟାକୁ ଆଧାର କରି ସୀମା-ନିର୍ଦ୍ଧାରଣ ହୋଇଛି ଓ ଆସନ ବଢେ ତେବେ ଏହାର ଅନୁପାତ ସେଠାରେ ରହୁ। ଯାହାକି ବର୍ତ୍ତମାନ ଜାରି ରହିଛି। ସେ କହିଛନ୍ତି, ତାମିଲନାଡୁ ସହିତ ଦକ୍ଷିଣ ଭାରତ ରାଜ୍ୟ ସହ ଏଭଳି କିଛି ନହେବା ଦରକାର। ତାଙ୍କର ଆସନ କମ୍ ହେଉ ଓ ତାଙ୍କର ରାଜନୈତିକ ଶକ୍ତି ମଧ୍ୟ ହ୍ରାସ ପାଇ ଯାଉ। ତାଙ୍କର ବୈଠକରେ ବିଜେପି ବ୍ୟତୀତ ୪ଟି ଅନ୍ୟ ଦଳର ନେତା ପହଁଞ୍ଚି ନଥିଲେ। ବିଜେପି କହିଛି ରାଜ୍ୟରେ ଆଇନ ବ୍ୟବସ୍ଥାର ସ୍ଥିତି ଖରାପ ରହିଛି ଓ ଏଥିରୁ ଧ୍ୟାନ ହଟାଇବା ପାଇଁ ଏମ୍‌କେ ଷ୍ଟାଲିନ୍ ସୀମା-ନିର୍ଦ୍ଧାରଣ କାର୍ଡ ଖେଳୁଛନ୍ତି। ବିଜେପିର ପ୍ରଦେଶ ଅଧ୍ୟକ୍ଷ କେ.ଆନ୍ନାମଲାଇ ଓ ହୋମ ମିନିଷ୍ଟର ଅମିତ ଶାହ ଦୋହରାଇ ସାରିଛନ୍ତି ଯେ, ଦକ୍ଷିଣ ଭାରତର ରାଜ୍ୟର ଆସନ କମ୍ ହେବନି। ସିଏମ୍ ଷ୍ଟାଲିନ୍ ପୁଇଥରେ କହିଛନ୍ତି, ସାଂସଦଙ୍କ ସଂଖ୍ୟା ବଢ଼ିବା ଦ୍ୱାରା କୌଣସି ସମସ୍ୟା ନାହିଁ, କିନ୍ତୁ ଆମର ଶକ୍ତିରେ କୌଣସି ଅଭାବ ନରହୁ।

## ଏମଏଲସି ଯିବେ ପବନ କଲ୍ୟାଣଙ୍କ ଭାଇ

### ଚନ୍ଦ୍ରବାବୁଙ୍କ କ୍ୟାବନେଟ୍‌ରେ ହେବେ ସାମିଲ !



ନୂଆଦିଲ୍ଲୀ: 'ମେଗାଷ୍ଟାର' ଚିରଞ୍ଜିବୀଙ୍କ ଭାଇ ଏବଂ ଆନ୍ଧ୍ର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣଙ୍କ ଭାଇ କୋନିଡେଲା ନାଗେନ୍ଦ୍ର ବାବୁ (ନାଗାବାବୁ) ଆନ୍ଧ୍ର ପ୍ରଦେଶ ବିଧାନ ପରିଷଦରେ ପ୍ରବେଶ କରିବାକୁ ଯାଉଛନ୍ତି। ତେଲୁଗୁ ଦେଶମ ପାର୍ଟି (ଟିଡିପି) ଏବଂ ଭାରତୀୟ ଜନତା ପାର୍ଟି (ବିଜେପି) ସହିତ ମେଣ୍ଟରେ ଥିବା ଜନସେନା ପାର୍ଟି (ଜେଏସପି) ସଭାପତି ପବନ କଲ୍ୟାଣ ଆଗାମୀ ଏମଏଲସି ନିର୍ବାଚନ ପାଇଁ ବିଧାୟକ କୋଟାରେ ଦଳର ପ୍ରାର୍ଥୀ ଭାବରେ ନାଗାବାବୁଙ୍କ ନାମ ଚୂଡ଼ାନ୍ତ କରିଛନ୍ତି । ଜେଏସପିର ରାଜ୍ୟ ସାଧାରଣ ସମ୍ପାଦକ ଭାବରେ କାର୍ଯ୍ୟ କରୁଥିବା ନାଗାବାବୁଙ୍କୁ ବିଧାନ ପରିଷଦ (ଏମଏଲସି) ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରକ୍ରିୟାକୁ ସହଜ କରିବା ପାଇଁ ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତ କରିବାକୁ ପବନ କଲ୍ୟାଣଙ୍କ ଦ୍ୱାରା ଦଳୀୟ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି । ଡେକାନ କ୍ରୋନିକିଲ୍‌ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଆନ୍ଧ୍ର ପ୍ରଦେଶ କ୍ୟାବିନେଟରେ ନାଗାବାବୁଙ୍କୁ ସାମିଲ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଏହା ପରେ ନାଗାବାବୁଙ୍କୁ ଏମଏଲସି ପଠାଇବା ଲାଗି ପ୍ରସ୍ତୁତି ଜୋରଦାର ହୋଇଛି ।

## କୌଣସି ନିର୍ଦ୍ଦିଷ୍ଟ ଜାତି ମନ୍ଦିରର ମାଲିକାନା ଦାବି କରିପାରିବେ ନାହିଁ: ହାଇକୋର୍ଟ

ନୂଆଦିଲ୍ଲୀ,୫।୩: ମାଡ୍ରାସ ହାଇକୋର୍ଟ କହିଛନ୍ତି ଯେ କୌଣସି ଜାତି ମନ୍ଦିରର ମାଲିକାନା ଦାବି କରିପାରିବ ନାହିଁ, 'ସମସ୍ତ ଭକ୍ତଙ୍କ ଦ୍ୱାରା ପରିଚାଳିତ' ହୋଇପାରିବ। ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ, ମାଡ୍ରାସ ହାଇକୋର୍ଟ ଏହା କହିଛନ୍ତି। କୋର୍ଟ ଏହା ମଧ କହିଲେ ଯେ ଏକ ନିର୍ଦ୍ଦିଷ୍ଟ ଜାତି ଦ୍ୱାରା ମନ୍ଦିର ପରିଚାଳନା କରିବା ଏକ ଧାର୍ମିକ ପ୍ରଥା ନୁହେଁ ଯାହାକୁ ସମ୍ବିଧାନର ଧାରା ୨୫ ଏବଂ ଧାରା ୨୬ ଅନୁଯାୟୀ ସୁରକ୍ଷିତ କରାଯାଇପାରିବ। ଆବେଦନକାରୀ ସି ଗଣେସନଙ୍କ ଦ୍ୱାରା ସହାୟକ କମିଶନର, ହିନ୍ଦୁ ଧାର୍ମିକ ଏବଂ ଦାନଶୀଳ ଦାନ ବିଭାଗକୁ ଅରୁଲମିଗୁ ପୋଙ୍କାଲିମ୍ମାନ ମନ୍ଦିରକୁ ଅରୁଲମିଗୁ ମାରିଆମ୍ମାନ, ଅଙ୍ଗଲାମ୍ମାନ ଏବଂ ପେରୁମାଲ ମନ୍ଦିର ଏବଂ ଅରୁଲମିଗୁ ପୋଙ୍କାଲିମ୍ମାନ ମନ୍ଦିରକୁ ନେଇ ଗଠିତ ମନ୍ଦିର ଗୋଷ୍ଠୀରୁ ପୃଥକ କରିବାକୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ସି ଗଣେସନଙ୍କ ଆବେଦନର ଶୁଣାଣି କରି କୋର୍ଟ ଏହି ପର୍ଯ୍ୟବେକ୍ଷଣ କରିଛନ୍ତି।

## ଉତ୍ତରାଖଣ୍ଡକୁ ବଡ଼ ଉପହାର: କେଦାରନାଥରେ ହେବ ରୋପୱେ



ନୂଆଦିଲ୍ଲୀ, ୫।୩: ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକରେ ଉତ୍ତରାଖଣ୍ଡକୁ ଏକ ବଡ଼ ଉପହାର ମିଳିଛି। କେନ୍ଦ୍ରର ମୋଦି ସରକାର ଉତ୍ତରାଖଣ୍ଡର କେଦାରନାଥ ଧାମ ପାଇଁ ରୋପୱେ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ସୋନପ୍ରୟାଗରୁ କେଦାରନାଥ ପର୍ଯ୍ୟନ୍ତ ୧୨.୯ କିଲୋମିଟର ରୋପୱେ ନିର୍ମାଣ କରାଯିବ, ଯେଉଁଥିରେ ୪୦୮୧ କୋଟି ଟଙ୍କା ଖର୍ଚ୍ଚ ହେବ। ନ୍ୟାଶନାଲ ହାଇଓ୍ୱେ ଲଜିଷ୍ଟିକ୍ସ ମ୍ୟାନେଜମେଣ୍ଟ ଏହାକୁ ନିର୍ମାଣ କରିବ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, 'ଏହାର ସବୁଠାରୁ ବଡ଼ ଲାଭ ହେବ ଯେ ବର୍ତ୍ତମାନ ୮-୯ ଘଣ୍ଟାରେ ସମାପ୍ତ ହେଉଥିବା ଯାତ୍ରା ୩୬ ମିନିଟ୍‌କୁ ହ୍ରାସ ପାଇବ। ଏଥିରେ ୩୬ ଜଣଙ୍କ ବସିବା କ୍ଷମତା ରହିବ। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ଚାରିଧାମ ଯାତ୍ରାକୁ ପ୍ରୋତ୍ସାହିତ କରିବ, ଯାହା ସ୍ଥାନୀୟ ବ୍ୟବସାୟଗୁଡ଼ିକୁ ଲାଭ ଦେବ ଏବଂ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବ। ଏହା ସମ୍ପୂର୍ଣ୍ଣ ଛଅ ମାସ ପାଇଁ ତୀର୍ଥଯାତ୍ରୀଙ୍କ ନିରନ୍ତର ପରିବହନ ସୁନିଶ୍ଚିତ କରିବ, ଯାହା ଦ୍ୱାରା ପ୍ରଥମ ଦୁଇ ମାସରେ ସମ୍ବଳ ଉପରେ ଅତ୍ୟଧିକ ଚାପ ହ୍ରାସ ପାଇବ। କେବଳ ଏତିକି ନୁହେଁ, ଯାତ୍ରା ଋତୁରେ ନିଯୁକ୍ତି ସୁଯୋଗ ମଧ ବୃଦ୍ଧି ପାଇବ। କେଦାରନାଥ ରୋପ ଓ୍ୱେ ପ୍ରକଳ୍ପ ଉତ୍ତରାଖଣ୍ଡ ରୋପୱେ ଆଇନ ୨୦୧୪ ଅନୁଯାୟୀ କାର୍ଯ୍ୟ କରିବ, ଯାହା ଲାଇସେନ୍ସିଂ, କାର୍ଯ୍ୟର ତଦାରଖ, ସୁରକ୍ଷା ଏବଂ ଭଡ଼ା ନିର୍ଦ୍ଧାରଣ ପାଇଁ ଆଇନଗତ ଢାଞ୍ଚା ପ୍ରଦାନ କରେ। ଦ୍ୱିତୀୟ ପ୍ରକଳ୍ପ ହେଉଛି ହେମକୁଣ୍ଡ ସାହିବରେ ଏକ ରୋପୱେ ପ୍ରକଳ୍ପ ନିର୍ମାଣ କରିବା, ଯାହା ପାଇଁ ୨୭୩୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପ ମାଧ୍ୟମରେ, ହେମକୁଣ୍ଡ ସାହିବ ଏବଂ ଫୁଲ ଉପତ୍ୟକା ଯାତ୍ରା କରିପାରିବେ।

## ଚାମ୍ପିଅନ୍ସ ଟ୍ରଫି: ଭାରତ-ନ୍ୟୁଜିଲାଣ୍ଡ ଫାଇନାଲ୍

# ୫୦ ରନ୍‌ରେ ହାରିଲା ଦକ୍ଷିଣ ଆଫ୍ରିକା




- ରାଚିନ୍ ଓ ୱିଲିୟମ୍‌ସନ୍‌ଙ୍କ ଶତକ
- ମିଲର୍‌ଙ୍କ ରେକର୍ଡ ଶତକ ବେକାର

**ଲାହୋର୍,୫।୩:** ଚଳିତ ଚାମ୍ପିଅନ୍ସ ଟ୍ରଫିରେ ଆସନ୍ତା ୯ ତାରିଖରେ ଦ୍ୱିତୀୟ ଟାଇଟଲ୍ ପାଇଁ ଲଢ଼ିବ ଭାରତ ଓ ଏଥିରେ ତା'ର ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହେବ ନ୍ୟୁଜିଲାଣ୍ଡ୍। କାରଣ ଆଜି ନ୍ୟୁଜିଲାଣ୍ଡ୍ ଦ୍ୱିତୀୟ ସେମିଫାଇନାଲ୍‌ରେ ୫୦ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ରାଚିନ୍ ରବୀନ୍ଦ୍ର ଓ କେନ୍ ୱିଲିୟମ୍‌ସନ୍ ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ୍ ୬ ୱିକେଟ୍‌ରେ ୩୬୨ ରନ୍ କରିଥିଲା। ଫଳରେ ଦକ୍ଷିଣ ଆଫ୍ରିକାକୁ ଏକ କଷ୍ଟସାଧ୍ୟ ଟାର୍ଗେଟ୍ ମିଳିଥିଲା। ଅବଶ୍ୟ ଦଳର ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ଡେଭିଡ୍ ମିଲର୍ ମାତ୍ର ୬୭ ବଲ୍‌ରେ ଶତକ ପୂରଣ କରି ଚାମ୍ପିଅନ୍ସ ଟ୍ରଫି ଇତିହାସରେ ଦ୍ରୁତତମ ସାବ୍ୟସ୍ତ ହୋଇଥିଲେ ହେଁ ଦଳ ବିଜୟ ଲକ୍ଷ୍ୟଠାରୁ ବେଶ୍ ଦୂରରେ ରହିଯାଇଥିଲା। ଫଳସ୍ୱରୂପ ଦକ୍ଷିଣ ଆଫ୍ରିକା ପୁଣି ଏକ ଆଇସିସି ଟୁର୍ଣ୍ଣାମେଣ୍ଟର ନକ୍‌ଆଉଟ୍‌ରୁ ବିଦାୟ ନେଇଛି। ନ୍ୟୁଜିଲାଣ୍ଡ୍‌ର ବଡ଼ ସ୍କୋର୍‌ରେ ଓପନର ରାଚିନ୍‌ଙ୍କ ୧୩ ଚୌକା ଓ ଗୋଟିଏ ଛକା ବିଶିଷ୍ଟ ୧୦୮ ରନ୍‌ର ଇନିଂସ ସହ ପୂର୍ବତନ ଅଧିନାୟକ ୱିଲିୟମ୍‌ସନ୍‌ଙ୍କ ୧୦୨ (୧୦ ଚୌକା, ୨ ଛକା) ରନ୍‌ର ଇନିଂସ ମୁଖ୍ୟ ଭୂମିକା ନିର୍ବାହ କରିଥିଲା। ଏହାଛଡ଼ା ଡାରିଲ୍ ମିଚେଲ୍ ଓ ଗ୍ଲେନ୍ ଫିଲିପ୍‌ସ ମଧ୍ୟ ୪୯ ରନ୍ ଲେଖାଏଁ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଲୁଙ୍ଗି ଏନ୍‌ଗିଡି ୩ଟି, କାଗିସୋ ରବାଡା ୨ଟି ଓ ୱିଆନ୍ ମୁଲ୍‌ଡର ଗୋଟିଏ ୱିକେଟ୍ ନେଇଥିଲେ। ସେହିପରି ବ୍ୟାଟିଂରେ ଦଳ ପକ୍ଷରୁ ମିଲର୍ ୬୭ ବଲ୍‌ରେ ୧୦ଟି ଚୌକା ଓ ୪ଟି ଛକା ୧୦୦ ରନ୍‌ରେ ଅପରାଜିତ ଥିଲେ। ଏହା ବ୍ୟତୀତ ରାସି ଭାନ୍ ଡର୍ ଡୁସେନ୍ ୬୯, ଓପନର ତଥା ଅଧିନାୟକ ଟେମ୍ବା ବାଭୁମା ୫୬ ଓ ଆଇଡେନ୍ ମାର୍କରାମ୍ ୩୧ ରନ୍ କରିଥିଲେ। ଦଳ ୯ ୱିକେଟ୍‌ରେ ୩୧୨ ରନ୍ କରି ବିଦାୟ ନେଇଛି। ନ୍ୟୁଜିଲାଣ୍ଡ୍ ପାଇଁ ଅଧିନାୟକ ମିଚେଲ୍ ସାଣ୍ଟନର୍ ୩ଟି ଏବଂ ମ୍ୟାଟ୍ ହେନ୍‌ରୀ ଓ ଗ୍ଲେନ୍ ଫିଲିପ୍‌ସ ୨ଟି ଲେଖାଏଁ ଓ ମାଇକେଲ୍ ବ୍ରେସ୍‌ୱେଲ୍ ଗୋଟିଏ ୱିକେଟ୍ ନେଇଥିଲେ। ରାଚିନ୍‌ଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଏଥିସହ ଗତ ୨୦୦୦ର ଚାମ୍ପିଅନ୍ ନ୍ୟୁଜିଲାଣ୍ଡ୍ ତୃତୀୟ ଥର ପାଇଁ ଫାଇନାଲ୍‌ରେ ପ୍ରବେଶ କରିଛି।

## ଭାରତ ଜିତିଲା, କଂଗ୍ରେସ ନେତ୍ରୀଙ୍କ ସ୍ୱର ବଦଳିଲା






**ନୂଆଦିଲ୍ଲୀ, ୫।୩:** ଦୁବାଇରେ ଲିଭିଛି ମୋଟେରା ଓ ଲର୍ଡସର ଦୁଃଖ। ଅଷ୍ଟ୍ରେଲିଆଠାରୁ ୨୦୨୩ ମସିହାର ଡବଲ୍ ଫାଇନାଲ୍ ପରାଜୟର ପ୍ରତିଶୋଧ ନେଇଛି ଭାରତ। ବୋଲରଙ୍କ ମିଳିତ ପ୍ରୟାସ ସହ ରୋହିତ ଶର୍ମାଙ୍କ ନେତୃତ୍ୱ ଏବଂ ବିରାଟ କୋହଲିଙ୍କ ବ୍ୟାଟିଂ ବଳରେ ଭାରତୀୟ ଦଳ ଆଇସିସି ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ପହଞ୍ଚିଯାଇଛି। ଭାରତକୁ ଏତେ ବଡ଼ ସଫଳତା ମିଳିବା ପରେ ଏବେ କଂଗ୍ରେସର ମୁଖପାତ୍ର ଶମା ମହମ୍ମଦ ନିଜର ପ୍ରତିକ୍ରିୟା ରଖିଛନ୍ତି।

କିଛି ଦିନ ତଳେ ଅଧିନାୟକ ରୋହିତ ଶର୍ମାଙ୍କୁ ମୋଟା ବୋଲି କହି ବିବାଦୀୟ ହୋଇଥିବା ଶମା ଏବେ ରୋହିତଙ୍କୁ ପ୍ରଶଂସା କରିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ, "ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତ ଅଷ୍ଟ୍ରେଲିଆ ବିପକ୍ଷରେ ସେମିଫାଇନାଲ ଜିତିଥିବାରୁ ମୁଁ ଆଜି ବହୁତ ଖୁସି। ଏହା ସହ ବିରାଟ କୋହଲିଙ୍କୁ ୮୪ରନ କରିବା ଏବଂ ଆଇସିସି ନକଆଉଟରେ ୧୦୦୦ରନ ସ୍କୋର କରିବାରେ ପ୍ରଥମ ଖେଳାଳି ହୋଇଥିବାରୁ ଅଭିନନ୍ଦନ ଜଣାଉଛି। ମୁଁ ବହୁତ ଉତ୍ସାହିତ ଏବଂ ଫାଇନାଲ ପାଇଁ ଅପେକ୍ଷା କରିଛି।" କିଛି ଦିନ ତଳେ ଶମା ମହମ୍ମଦ ସୋସିଆଲ ମିଡିଆରେ ଲେଖିଥିଲେ, "ରୋହିତ ଶର୍ମା ଖେଳାଳି ଭାବରେ ମୋଟା। ତାଙ୍କୁ ଓଜନ ହ୍ରାସ କରିବାକୁ ପଡିବ। ନିଶ୍ଚିତ ଭାବରେ, ସେ ଭାରତର ସବୁଠାରୁ ସାଧାରଣ ଅଧିନାୟକ। ତାଙ୍କ ଭିତରେ ସ୍ୱତନ୍ତ୍ର ବୋଲି କିଛି ନାହିଁ।" ଶମାଙ୍କ ଏହି ପୋଷ୍ଟ ଭାଇରାଲ ହେବା ପରେ ରୋହିତଙ୍କ ପ୍ରଶଂସକମାନେ ଶମାଙ୍କୁ ଟ୍ରୋଲ କରିବା ସହ କ୍ରିକେଟରଙ୍କ ଫିଟନେସ୍ ଏବଂ ଅଧିନାୟକତ୍ୱକୁ ସମର୍ଥନ କରିଥିଲେ। ବିବାଦ ବଢ଼ିବାରୁ କଂଗ୍ରେସ ଶମାଙ୍କୁ ନିଜ ପୋଷ୍ଟ ହଟାଇବାକୁ କହିଥିଲା। ଏହା ପରେ ଶମା ନିଜ ବିବାଦୀୟ ପୋଷ୍ଟ ହଟାଇ ଦେଇଥିଲେ।

## ହିଟ୍‌ମ୍ୟାନଙ୍କ ନାମରେ ଦୁବାଇ ୱାର୍ଲ୍ଡ ରେକର୍ଡ

**ନୂଆଦିଲ୍ଲୀ,୫।୩:** ସବୁ ଆକାଂକ୍ଷା ଓ ଆଲୋଚନାର ଅନ୍ତ ଘଟାଇ ଭାରତ ପଞ୍ଚମ ଥର ପାଇଁ ଆଇସିସି ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ହରାଇ ଫାଇନାଲରେ ଏଣ୍ଟ୍ରି କରିଛି ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ। ୪ ୱିକେଟରେ ଅଷ୍ଟ୍ରେଲିଆକୁ ହରାଇଛି ଭାରତ। ଏହି ବିଜୟ ସହିତ ହିଟମ୍ୟାନ ରୋହିତ ଶର୍ମାଙ୍କ ନାମରେ ୱାର୍ଲ୍ଡ ରେକର୍ଡ ଯୋଡି ହୋଇଛି। ଯେଉଁଥିରେ ସେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନୀଙ୍କୁ ପଛରେ ପକାଇ ଦେଇଛନ୍ତି। ଅଷ୍ଟ୍ରେଲିଆକୁ ହରାଇ ଭାରତ ଆଇସିସି ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ପ୍ରବେଶ କରିଛି। ଏହି ବିଜୟ ସହ ଅଧିନାୟକ ଭାବେ ରୋହିତ ଶର୍ମାଙ୍କ ନାମରେ ଆଉ ଏକ ରେକର୍ଡ ଯୋଡି ହୋଇଛି। ସେ ଭାରତର ପ୍ରଥମ ଅଧିନାୟକ ଭାବେ ଆଇସିସିର ସବୁ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଦଳକୁ ପହଞ୍ଚାଇଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ, ୨୦୨୩ ଦିନିକିଆ ବିଶ୍ୱକପ ଓ ଚଳିତ ଚାମ୍ପିଅନ୍ସ ଟ୍ରଫି ଫାଇନାଲ ଖେଳିବା ସହ ୨୦୨୪ ଟି-ଟ୍ୱେଣ୍ଟି ବିଶ୍ୱକପ ଚାମ୍ପିଅନ ହୋଇଛି। ଏହି ରେକର୍ଡ ସହ ରୋହିତ ମହେନ୍ଦ୍ର ସିଂହ ଧୋନୀଙ୍କୁ ପଛରେ ପକାଇ ଦେଇଛନ୍ତି। ଧୋନୀଙ୍କ ନେତୃତ୍ୱରେ ଭାରତ ୩ଟି ଆଇସିସି ଟ୍ରଫି ଜିତିଛି। ଏମଏସଡିଙ୍କ ନେତୃତ୍ୱରେ ଟି-୨୦ ବିଶ୍ୱକପ ୨୦୦୭, ୨୦୧୧ ଦିନିକିଆ ବିଶ୍ୱକପ ଓ ୨୦୧୩ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା ଭାରତ।

## ଦିନିକିଆରୁ ଅବସର ନେଲେ ଷ୍ଟିଭ୍ ସ୍ମିଥ୍




**ଦୁବାଇ,୫।୩:** ଅଷ୍ଟ୍ରେଲିଆର କିମ୍ବଦନ୍ତୀ ଖେଳାଳି ଷ୍ଟିଭ ସ୍ମିଥ ଦିନିକିଆ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଅଷ୍ଟ୍ରେଲିଆ ଦଳ ସ୍ମିଥଙ୍କ ଅଧିନାୟକତ୍ୱରେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଖେଳିଥିଲା। ସେମିଫାଇନାଲରେ ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ପରାଜୟର ସମ୍ମୁଖୀନ ହୋଇଥିଲା। ଏହି ପରାଜୟ ସହିତ ଦଳଟି ଟୁର୍ନାମେଣ୍ଟରୁ ବାଦ ପଡ଼ିଥିଲା। ଏହି ମ୍ୟାଚ ପରେ ସ୍ମିଥ ଦିନିକିଆରୁ ଅବସର ନେଇଥିଲେ। ସେ ତାଙ୍କ କ୍ୟାରିୟରର ଶେଷ ଦିନିକିଆ ମ୍ୟାଚ ଟିମ ଇଣ୍ଡିଆ ବିପକ୍ଷରେ ଖେଳିଥିଲେ।

ଷ୍ଟିଭ ସ୍ମିଥଙ୍କ ଏକଦିବସୀୟ କ୍ୟାରିୟର ଚମତ୍କାର ରହିଛି। ସେ ଅଷ୍ଟ୍ରେଲିଆ ପାଇଁ ୧୭୦ଟି ମ୍ୟାଚ ଖେଳି ୫୮୦୦ ରନ କରିଛନ୍ତି। ସ୍ମିଥ ଏହି ଫର୍ମାଟରେ ୧୨ଟି ଶତକ ଏବଂ ୩୫ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ତାଙ୍କର ସର୍ବୋତ୍ତମ ଦିନିକିଆ ସ୍କୋର ହେଉଛି ୧୬୪ ରନ। ସ୍ମିଥ ଅଷ୍ଟ୍ରେଲିଆ ପାଇଁ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ଭାରତ ବିପକ୍ଷରେ ମଧ ଭଲ ପ୍ରଦର୍ଶନ କରିଛନ୍ତି। କିନ୍ତୁ ଏବେ ସେ ଦିନିକିଆ କ୍ରିକେଟକୁ ଅଲବିଦା କହିସାରିଛନ୍ତି। ସ୍ମିଥ କହିଛନ୍ତି, ଅବସର ପରେ, ପ୍ରତ୍ୟେକ ମୁହୂର୍ତ୍ତ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏହା ଏକ ସୁନ୍ଦର ଯାତ୍ରା ଥିଲା। ମୋ କ୍ୟାରିୟର ସମୟରେ ମୁଁ ବହୁତ ଭଲ ସ୍ମୃତି ସଂଗ୍ରହ କରିଛି। ଦୁଇଟି ବିଶ୍ୱକପ ଜିତିବା ମୋ କ୍ୟାରିୟରର ସବୁଠାରୁ ଗୌରବମୟ ମୁହୂର୍ତ୍ତ ଥିଲା। ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ପ୍ରସ୍ତୁତି ପାଇଁ ଅନ୍ୟ ଖେଳାଳିମାନଙ୍କ ପାଇଁ ଏବେ ଏକ ଭଲ ସୁଯୋଗ। ଅଷ୍ଟ୍ରେଲିଆର ପରାଜୟ ପରେ ଷ୍ଟିଭ ସ୍ମିଥ ତାଙ୍କର ଅବସର ଘୋଷଣା କରିଥିଲେ। ଅଷ୍ଟ୍ରେଲିଆ ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲରେ ପହଞ୍ଚିଥିଲା। କିନ୍ତୁ ତାଙ୍କୁ ଏଠାରେ ଭାରତ ବିପକ୍ଷରେ ପରାଜୟର ସାମ୍ନା କରିବାକୁ ପଡିଲା। ସେମିଫାଇନାଲରେ ଷ୍ଟିଭ ସ୍ମିଥ ୭୩ ରନର ଇନିଂସ ଖେଳିଥିଲେ।

## ଟିମ୍ ଇଣ୍ଡିଆ ବସ୍ ଚାଳକ ପାକିସ୍ତାନୀ




**ନୂଆଦିଲ୍ଲୀ, ୫।୩:** ଆୟୋଜକ ପାକିସ୍ତାନର ଲଜ୍ଜାଜନକ ପ୍ରଦର୍ଶନ ଏହି ଦେଶର ପ୍ରଶଂସକଙ୍କୁ ବହୁତ ବାଧିଛି। ସେଥିପାଇଁ ସେମାନେ ଚାମ୍ପିଅନ୍ସ ଟ୍ରଫି ଦେଖିବାକୁ ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି। ଯେତିକି ଆସୁଛନ୍ତି, ଭାରତୀୟ କ୍ରିକେଟ୍ ଦଳର ପ୍ରେମରେ ପଡ଼ି ଯାଉଛନ୍ତି। ମଙ୍ଗଳବାରର ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ୍ ଦେଖିବାକୁ ହାତଗଣତି ପାକିସ୍ତାନୀ କ୍ରିକେଟ୍‌ପ୍ରେମୀ ଦୁବାଇ ଷ୍ଟାଡିୟମ୍ ଆସିଥିଲେ। ତେବେ ଜଣେ ପାକିସ୍ତାନୀ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଇସରାର୍ ନାମକ ଏହି ପାକିସ୍ତାନୀ ନାଗରିକ ଜଣକ ଭାରତୀୟ କ୍ରିକେଟ୍ ଦଳର ବସ୍ ଚାଳକ ଥିଲେ। ଖେଳାଳିଙ୍କୁ ନେବା ଆଣିବା ଦାୟିତ୍ୱ ତାଙ୍କର ଥିଲା। ଇସରାର୍ ଏହାକୁ ନିଜର ସୌଭାଗ୍ୟ ମାନୁଥିଲେ। ଏହି ମହତ୍ତ୍ୱପୂର୍ଣ୍ଣ କାମ ପାଇଁ ସେ ନିଜକୁ କୌଣସି ହିରୋଠାରୁ କିଛି କମ୍ ଭାବୁ ନଥିଲେ ବୋଲି ଏକ ସାକ୍ଷାତକାରରେ କହିଥିଲେ। କାରଣ ଆଜିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବସ୍ ସେ ହିଁ ଚଲାଉଥିଲେ। ଦୁବାଇ ପୁଲିସ ତାଙ୍କୁ ବାଟ କଢ଼େଇ ନେଉଥିଲା ବେଳେ ରାସ୍ତାଘାଟରେ ଗୋଟିଏ ହେଲେ ବି ଗାଡ଼ି ନଥିଲା। ନିଜ ଡ୍ରାଇଭିଂ ଜୀବନର ଏଭଳି ଅଭିଜ୍ଞତା ସବୁବେଳେ ତାଙ୍କର ମନେ ରହିବ ବୋଲି ଉଲ୍ଲସିତ ଇସରାର୍ ଭାବବିହ୍ୱଳ ହୋଇ କହିଥିଲେ।

## ଆଇପିଏଲ୍ ୨୦୨୫: ଖେଳାଳି ଏବଂ ପରିବାର ସଦସ୍ୟଙ୍କ ଲାଗି ନୂଆ ନିୟମ ଲାଗୁ କଲା ବିସିସିଆଇ

# ଅଭ୍ୟାସବେଳେ ଟିମ୍ ବସ୍‌ରେ ଯାତ୍ରା କରିବାକୁ ପଡ଼ିବ




**ନୂଆଦିଲ୍ଲୀ, ୩।୩:** ମାର୍ଚ୍ଚ ୨୨ରୁ ଆଇପିଏଲ ୨୦୨୫ ଆରମ୍ଭ ହେବାକୁ ଯାଉଛି। ସିଜିନର ପ୍ରଥମ ମ୍ୟାଚ୍ କୋଲକାତା ନାଇଟ୍ ରାଇଡର୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯିବ। ଆଗାମୀ ସିଜିନ୍ ପାଇଁ ସମସ୍ତ ଦଳ ଜୋରସୋରରେ ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। ଏହି ସମୟରେ, ସିଜିନ୍ ଆରମ୍ଭ ହେବା ପୂର୍ବରୁ ବିସିସିଆଇ ଖେଳାଳି ଏବଂ ଦଳ ପାଇଁ ନୂତନ ନିୟମ ଲାଗୁ କରିଛି। ନୂଆ ସିଜିନରେ ଖେଳାଳିମାନଙ୍କ ପାଇଁ ନୂଆ ନିୟମ ଲାଗୁ ହେବ। କ୍ରିକବଜର ଏକ ରିପୋର୍ଟ ଅନୁଯାୟୀ, ଭାରତୀୟ କ୍ରିକେଟ୍ କଂଟ୍ରୋଲ ବୋର୍ଡ (ବିସିସିଆଇ) ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ମ୍ୟାଚ୍ ପୂର୍ବରୁ ଏବଂ ସେହି ସମୟରେ ପିଏମଓଏ ଅଞ୍ଚଳରେ ପରିବାର ସଦସ୍ୟଙ୍କ ଉପସ୍ଥିତି ସମ୍ପର୍କିତ ନିୟମକୁ ଆହୁରି କଡ଼ାକଡ଼ି କରିଛି। ଏହା ବ୍ୟତୀତ, ବୋର୍ଡ ଖେଳାଳିମାନଙ୍କୁ ଟିମ୍ ବସ୍ ଯୋଗେ ଯାତ୍ରା କରିବାକୁ ବାଧ୍ୟତାମୂଳକ କରିଛି। କିଛି ଦିନ ପୂର୍ବରୁ ବିସିସିଆଇ ଟିମ୍ ଇଣ୍ଡିଆ ପାଇଁ ସମାନ ନିୟମ ଲାଗୁ କରିଥିଲା।

ବିସିସିଆଇର ନୂଆ ନିୟମ ଅନୁଯାୟୀ, ଖେଳାଳିମାନଙ୍କୁ ଅଭ୍ୟାସ ପାଇଁ ଟିମ୍ ବସରେ ଆସିବାକୁ ପଡିବ। ଦଳଗୁଡ଼ିକ ଦୁଇଟି ଗୋଷ୍ଠୀରେ ଯାତ୍ରା କରିପାରିବେ। କ୍ରିକବଜର ଏକ ରିପୋର୍ଟ ଅନୁଯାୟୀ, ସମ୍ପ୍ରତି ଏକ ବୈଠକରେ ନିୟମ ପରିବର୍ତ୍ତନ ବିଷୟରେ ସମସ୍ତ ଦଳ ପରିଚାଳକଙ୍କୁ ଜଣାଇବା ପରେ ସମସ୍ତ ଫ୍ରାଞ୍ଚାଇଜିଗୁଡ଼ିକୁ ଏକ ଇମେଲ୍ ମାଧ୍ୟମରେ ଏ ବିଷୟରେ ଅବଗତ କରାଯାଇଛି। ଏନେଇ ଫେବ୍ରୁଆରୀ ୧୮ ରେ ଜୁମ୍ କଲରେ ପରିଚାଳକମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଖେଳାଳିଙ୍କ ପରିବାର ସଦସ୍ୟମାନେ ଅଭ୍ୟାସ ଦିନଗୁଡ଼ିକରେ ମଧ ଡ୍ରେସିଂ ରୁମରେ ପ୍ରବେଶ କରିପାରିବେ ନାହିଁ। ଅଭ୍ୟାସ ସମୟରେ (ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଏବଂ ସେହୀ ସମୟରେ) କେବଳ ସ୍ୱୀକୃତିପ୍ରାପ୍ତ କର୍ମଚାରୀମାନଙ୍କୁ ଡ୍ରେସିଂ ରୁମ ଏବଂ ଖେଳ ପଡ଼ିଆକୁ ପ୍ରବେଶ ଅନୁମତି ଦିଆଯାଏ। ବିସିସିଆଇ ନିୟମ ଅନୁସାରେ, ଖେଳାଳିଙ୍କ ପରିବାର ସଦସ୍ୟ ଏବଂ ବନ୍ଧୁମାନେ ଏକ ପୃଥକ ଗାଡ଼ିରେ ଯାତ୍ରା କରିବେ ଏବଂ ସେମାନେ ଅତିଥିମାନଙ୍କ ପାଇଁ ଥିବା ସ୍ଥାନରୁ ଦଳର ଅଭ୍ୟାସ ଦେଖିପାରିବେ। ଦଳର ସହାୟକ କର୍ମଚାରୀ ଙ୍କୁ ଡ୍ରେସିଂ ରୁମରେ ପ୍ରବେଶ କରିବା ପାଇଁ ବିସିସିଆଇ ପାଖରୁ ଅନୁମତି ନେବାକୁ ପଡିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରଫୁଲ୍ଲ...

ଆରମ୍ଭ ହୋଇଥିବା କଳିଙ୍ଗ ୟୁନେସ୍କୋ ପୁରସ୍କାର ପ୍ରଦାନ ଜାରି ରଖିବାକୁ ଦାବି ବି କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ଯୋଗଦେଇ ସେ କହିଥିଲେ ଯେ ପ୍ରତିକୂଳ ପରିସ୍ଥିତିରେ ଜୀବନର ଅନେକ ଆହ୍ୱାନର ସମ୍ମୁଖୀନ ହୋଇ ବିଜୁ ବାବୁ ନିଜ ପାଇଁ ଓ ରାଜ୍ୟ ପାଇଁ ଅନେକ ଗୌରବ ଆଣିଥିଲେ। ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ବିଜୁବାବୁ ଯେଉଁ ଉଦ୍ୟମ କରିଥିଲେ, ତା'ର ତୁଳନା ନାହିଁ। ଆଜିର ନୂଆ ସରକାର ମଧ୍ୟ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ନିଷ୍ଠାର ସହ କାମ କରୁଛି। ଓଡ଼ିଶାର ବିକାଶ ପାଇଁ ବିଜୁବାବୁ ଯେଉଁ ମୂଳଦୁଆ ପକାଇଥିଲେ, ଆଜିର ସରକାର ସେସବୁକୁ ଆଗେଇନେବା ପାଇଁ ଉଦ୍ୟମ କରି ଠିକ୍ ରାସ୍ତାରେ ଅଗ୍ରଗତି କରୁଛି ବୋଲି ସେ କହିଥିଲେ।

### ନିଜ ଜାଲରେ...

ଏହାକୁ ନେଇ ଗତକାଲିଠାରୁ ବିଜେଡି ହଇଚଇ କରୁଥିବା ବେଳେ ଆଜି ପୁଲିସ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଏହି ଜଘନ୍ୟ କାଣ୍ଡରେ ଗିରଫ ଅଭିଯୁକ୍ତ ହେଉଛନ୍ତି ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ସହଯୋଗୀ।

ଆଜି ପୁଲିସ ଏହି ଘଟଣାରେ ବିଶ୍ୱଜିତ୍ ମହାପାତ୍ର ଓରଫ ରାଜା, ବିଶ୍ୱଜିତ ମହାପାତ୍ର ଓରଫ ବୁବୁଆ ଏବଂ ନନ୍ଦ କିଶୋର ମଲ୍ଲିକଙ୍କୁ ଗିରଫ କରିଛି। ଗିରଫ ତିନି ଜଣଯାକ ଉମର ଗ୍ରାମର। ଚର୍ଚ୍ଚା ହେଉଛି ଗିରଫ ବିଶ୍ୱଜିତ ମହାପାତ୍ର ଓରଫ ରାଜା ଗତ ସାଧାରଣ ନିର୍ବାଚନର ମାସକ ପୂର୍ବରୁ ପ୍ରତାପ ଜେନାଙ୍କ ନେତୃତ୍ୱରେ ବିଜେଡିରେ ମିଶିଥିଲେ। ସେ କୁଆଡେ ନିର୍ବାଚନ ସମୟରେ ପ୍ରତାପ ଜେନାଙ୍କ ବେଶ ଘନିଷ୍ଠ ପାଲଟିଥିଲେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। କାରଣ ପ୍ରତାପଙ୍କ ସହ ଦୁର୍ବୃତ୍ତଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

ଚର୍ଚ୍ଚା ହେଉଛି ପ୍ରତାପ ଜେନା କଲେଜ ନିର୍ବାଚନ ମାନସିକତାରୁ ବାହାରି ପାରିନାହାଁନ୍ତି। କଲେଜ ନିର୍ବାଚନରେ ନେଗେଟିଭ କ୍ୟାମ୍ପେନିଂ କରି ଛାତ୍ରଛାତ୍ରୀଙ୍କୁ ବିଭ୍ରାନ୍ତ କରିବା ଭଳି ବିଜୁ ଜୟନ୍ତୀରେ ବିଜୁ ବାବୁଙ୍କ ଅସମ୍ମାନ ପ୍ରସଙ୍ଗ ଉଠାଇବାକୁ ନିଜ ସହଯୋଗୀମାନଙ୍କ ଜରିଆରେ ଏଭଳି ଏକ ଜଘନ୍ୟ କାଣ୍ଡ ଘଟାଇଛନ୍ତି। ପ୍ରତାପ ଜେନାଙ୍କ ଏଭଳି କାମକୁ ସ୍ଥାନୀୟ ଲୋକେ ନିନ୍ଦା କରୁଥିବା ବେଳେ ରାଜନୈତିକ ମାଇଲେଜ ପାଇଁ ବିଜୁବାବୁଙ୍କ ପ୍ରତିମୂର୍ତ୍ତୀ ଭାଙ୍ଗିବା ଗ୍ରହଣୀୟ ନୁହେଁ ବୋଲି କହୁଛନ୍ତି। ଏପରିକି ବିଜୁବାବୁ କୌଣସି ଗୋଟିଏ ଦଳରେ ସୀମିତ ନଥିଲେ କି ସେ ମଧ୍ୟ ଏଭଳି କୁତ୍ସିତ ରାଜନୀତିରେ ବିଶ୍ୱାସ କରନ୍ତି ନାହିଁ। ତେଣୁ ତାଙ୍କୁ ନେଇ ପ୍ରତାପ ଜେନାଙ୍କ ଏଭଳି ଚାଲ୍‌କୁ ଘୃଣ୍ୟ ବୋଲି କହୁଛନ୍ତି ମାହାଙ୍ଗାବାସୀ। ଯଦି ପ୍ରକୃତରେ ପ୍ରତାପଙ୍କ ନିର୍ଦ୍ଦେଶରେ ଏଭଳି କାମ ହୋଇଥାଏ, ତେବେ ତାଙ୍କୁ ମଧ୍ୟ ଗିରଫ କରିବାକୁ ସାଧାରଣରେ ଦାବି ହେଉଛି।

### ସୁଲୋଚନାଙ୍କ...

କ'ଣ କରୁଥିଲେ ତାହାର ପେଡ଼ି ଖୋଲିଲେ। କଂଗ୍ରେସକୁ ଆସିବା ସମୟରେ କିଭଳି ପୋଷାକ ପିନ୍ଧୁଥିଲେ ଓ କଂଗ୍ରେସରେ ରହି କିଭଳି ବିଜେଡିର ଶ୍ରାଦ୍ଧ କରୁଥିଲେ, ତାହା ବି ବଖାଣିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ଫଟୋ ଉଠାଇବାକୁ ମେୟର କିଭଳି କୁତୁକୁତୁ ହେଉଛନ୍ତି, ତାହା କହିବା ଆରମ୍ଭ କରିବା ବେଳକୁ କଥା ଅଲଗା ପ୍ରକାର ଦେଖି ମେୟର ସେଠାରୁ ପଳାଇ ଯାଇଥିଲେ। କଥାଟି ଶଙ୍ଖ ଭବନ କାନ୍ଥ ଡେଇଁ ରାସ୍ତା ଧରିବା ପରେ ଏବେ ସୁଲୋଚନାଙ୍କ ଅଣ୍ଡାର ଫଣ୍ଡାକୁ ନେଇ ଚର୍ଚ୍ଚା।

### ଜଙ୍ଗଲ ଜମିରେ...

ସଦର ବ୍ଲକ ରଘୁନାଥପୁର ପଞ୍ଚାୟତରେ ଥିବା ରାଜାଙ୍କ ବିଶାଳ ଫାର୍ମହାଉସର ବି ଠିକଣା ପାଇଛି ଇଓଡବ୍ଲ୍ୟୁ। ଫାର୍ମହାଉସରେ ପହଞ୍ଚିବା ପରେ ପରିପାଟୀ ଦେଖି ଟେରା ହୋଇଯାଇଥିଲେ ଇଓଡବ୍ଲ୍ୟୁ ଅଧିକାରୀ।

ସେପଟେ ଗନ୍ଧମାର୍ଦ୍ଦନ ଲୋଡ଼ିଂ ଆଣ୍ଡ କୋପରିଟିଭ ସୋସାଇଟି ୧୦୦ କୋଟି ଘୋଟାଲା ଘଟଣାରେ ରାଜା ଚକ୍ର ଓ ସହଯୋଗୀଙ୍କ ୧୦୦ରୁ ଅଧିକ ଆକାଉଣ୍ଟ ଠାବ ହୋଇଛି। ଆକାଉଣ୍ଟରେ କୋଟି କୋଟି ଟଙ୍କାର ଟ୍ରାଞ୍ଜାକ୍ସନର ଯାଞ୍ଚ ହୋଇଛି। ଜାଲ ଦସ୍ତାବିଜରେ କୋଟି କୋଟି ଟଙ୍କା ଚଲୁ କରାଯାଇଥିବା ତଥ୍ୟ ପାଇଛି ଇଓଡବ୍ଲ୍ୟୁ। ୨୫ଟି ବିଭିନ୍ନ ଗାଡି ଜବତ କରାଯାଇଛି। ଦ୍ୱିତୀୟ ଦିନରେ ରାଜା ଚକ୍ରଙ୍କ ୮ଟି ସ୍ଥାନରେ ଚଢାଉ ହୋଇଛି। କେନ୍ଦୁଝର, ଗୋପାଳପୁର, ଭୁବନେଶ୍ୱର, କୋଇଡା, ବଣାଇ ଓ ଧାମରାରେ ହୋଇଛି ରେଡ୍। ଏ ଥିସହିତ ଆଜି ଇଓଡବ୍ଲ୍ୟୁରେ ହାଜର ହୋଇଥିଲେ ରାଜାଙ୍କ ସହଯୋଗୀ ସମୀର କୁମାର ଜେନା। ସମୀରଙ୍କ ଆକାଉଣ୍ଟ ଓ ଗନ୍ଧମାର୍ଦ୍ଦନ ଲୋଡ଼ିଂ ଆଣ୍ଡ କୋପରେଟିଭ ସୋସାଇଟି ଆକାଉଣ୍ଟରୁ କୋଟି କୋଟି ଟଙ୍କା ଟ୍ରାଞ୍ଜାକ୍ସନ୍ ହୋଇଛି। କାହିଁକି, କ'ଣ ପାଇଁ ଟଙ୍କା ଦିଆଯାଇଛି, ତା'ର ଯାଞ୍ଚ କରାଯାଉଛି। ତେବେ ଏଠାରେ ବଡ଼ ପ୍ରଶ୍ନ ଯେ ରାଜାଙ୍କ ପଛରେ କିଏ? ରାଜାଙ୍କୁ ଆଣି ଚକ୍ରବର୍ତ୍ତୀ ସମ୍ରାଟ କିଏ କରିଥିଲା? ଖୁବଶୀଘ୍ର ରାଜାଙ୍କ ସାମ୍ରାଜ୍ୟ ଉପରେ ଝାମ୍ପ ମାରିବ ଇଡି, ଆଇଟି। ସମସ୍ତ ତଥ୍ୟ କ୍ରାଇମବ୍ରାଞ୍ଚଠାରୁ ନେଇସାରିଛନ୍ତି ଉଭୟ ବଭାଗ।

ତଦନ୍ତ ବେଳେ ରାଜା ଚକ୍ର ସହ ୫ରୁ ୬ ଜଣ ପ୍ରଭାବଶାଳୀ ବିଜେଡି ନେତା ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରୁ କୋଟି କୋଟି ଟଙ୍କା ଚଲୁ କରିଥିବା ପ୍ରମାଣ ପାଇଛି ତଦନ୍ତକାରୀ ସଂସ୍ଥା। କୁହାଯାଉଛି, ଆଗକୁ ଏ ମାମଲାରେ ଏକାଧିକ ବିଜେଡି ନେତାଙ୍କୁ ସମନ କରିପାରେ ଇଓଡବ୍ଲ୍ୟୁ।

ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀ ଦଳ ମୁଖ୍ୟ ସଚେତକ ଥିବା ବେଳେ ଗତ ୨୦୨୧ରେ ତାଙ୍କ ଗାଡ଼ି ଉପରକୁ ବୋମା ପକାଇ ଧମକ ଦେଇଥିଲେ ରାଜା ଚକ୍ର। ସେତେବେଳେ ଏନେଇ କେନ୍ଦୁଝର ଥାନାରେ ଅଭିଯୋଗ କରିଥିଲେ ମୋହନ। ହେଲେ ତୃତୀୟ ମହଲାର ଆଶୀର୍ବାଦରେ ରାଜା ଚକ୍ର ଏତେ ପାୱାରଫୁଲ ଥିଲେ ଯେ ପୁଲିସ ତାଙ୍କ ବିରୋଧରେ ମାମଲା କରିବାକୁ ଡେଉଥିଲା ପଛଘୁଞ୍ଚା।

ସେତେବେଳେ ଟ୍ୱିଟ୍ କରି ଘଟଣାକୁ ନିନ୍ଦା କରିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

## କଫି ବୋର୍ଡ ଚେୟାରମ୍ୟାନଙ୍କ ସହ ଉପମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତାଲୋଚନା



**ଭୁବନେଶ୍ୱର,୫।୩(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ କଫି ବୋର୍ଡ ଚେୟାରମ୍ୟାନ ଏମଜେ ଦିନେଶ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଏହି ଅବସରରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସୁଚିନ୍ତିତ ମତାମତ ଦେଇଥିଲେ। ଓଡ଼ିଶାର କୋରାପୁଟ ଜିଲ୍ଲାରେ ପ୍ରାକୃତିକ ପରିବେଶରେ ସମ୍ପ୍ରତି ବିଭିନ୍ନ ସ୍ୱାଦର କଫି ଚାଷ କରାଯାଉଛି। ଏହାର ସ୍ୱାଦ ଓ ଗୁଣବତ୍ତା ଦୃଷ୍ଟିରୁ ଲୋକଙ୍କ ଦ୍ୱାରା ଖୁବ୍ ଆଦୃତ ହେଉଛି ଏବଂ ଏବେ ବୈଶ୍ୱିକ କଫି ମାନଚିତ୍ରରେ ଓଡ଼ିଶାର କୋରାପୁଟ କଫି ସ୍ଥାନ ପାଇପାରିଛି। କୋରାପୁଟ ବ୍ୟତୀତ ଏବେ ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ ଓ କେନ୍ଦୁଝରରେ ମଧ୍ୟ କଫି ଚାଷ କରାଯାଉଛି। ଏସବୁର ବଜାର ସଂଯୋଗୀକରଣ ଓ ଉତ୍ପାଦନ ବୃଦ୍ଧି ପାଇଁ ନିଆଯାଉଥିବା ପଦକ୍ଷେପ ବିଷୟରେ କଫି ବୋର୍ଡ ଚେୟାରମ୍ୟାନ ଦୀନେଶ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସହ ଆଲୋଚନା କରିଥିଲେ। କଫିର ଉତ୍ପାଦନ ବୃଦ୍ଧି, ଭିତ୍ତିଭୂମି ବିକାଶ ଓ ଅଧିକ ସଂଖ୍ୟକ ଆଉଟଲେଟ ଖୋଲିବା ଉପରେ ଶ୍ରୀ ସିଂହଦେଓ ଗୁରୁତ୍ୱ ଦେଇଥିଲେ। ଉପହାରସ୍ୱରୂପ ଏକ କଫି ପ୍ୟାକେଟ ଓ କଫି ତଥ୍ୟ ସମ୍ବଳିତ ଏକ ପୁସ୍ତକ ଶ୍ରୀ ସିଂହଦେଓଙ୍କୁ ପ୍ରଦାନ କରିଥିଲେ। ଏହି ସାକ୍ଷାତକାର ସମୟରେ କଫି ବୋର୍ଡ଼ ଯୁଗ୍ମ ନିର୍ଦ୍ଦେଶକ ଶିବକୁମାର ସ୍ୱାମୀ, ଓଡ଼ିଶାର ନୋଡ଼ାଲ ଅଫିସର ଉପେନ୍ଦ୍ର କୁମାର ଶାହା, କଫି ବୋର୍ଡ ସଦସ୍ୟ ମନୋଜ ଦୁବେ, ପିଆରଏମ ରବିଚନ୍ଦ୍ରନ ପ୍ରମୁଖ ଉପସ୍ଥିତ ଥିଲେ।

## ଡ. ବିଜୟଲକ୍ଷ୍ମୀ ରାଷ୍ଟ୍ରପତିଙ୍କ ଉପଦେଷ୍ଟା ନିଯୁକ୍ତ

- ରାଜ୍ୟର ପ୍ରଥମ ମହିଳା ହେବାର ଗୌରବ



**ରାଇରଙ୍ଗପୁର,୫।୩(ସଂଚାର ବ୍ୟୁରୋ):** ରାଇରଙ୍ଗପୁରର ସୁକନ୍ୟା ତଥା କଟକସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ନିର୍ଦ୍ଦେଶିକା ପ୍ରାଧ୍ୟାପିକା (ଡ.) ବିଜୟଲକ୍ଷ୍ମୀ ମହାନ୍ତିଙ୍କୁ ଆଜି ଏକ ଗୁରୁ ଦାୟିତ୍ୱ ମିଳିଛି। ତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସଚିବାଳୟରେ ସମ୍ମାନଜନକ ଉପଦେଷ୍ଟା ପଦବୀରେ ଅବସ୍ଥାପିତ କରାଯାଇଛି। ଏହି ପଦବୀରେ ଅବସ୍ଥାପିତ ହେବାରେ ସେ ରାଇରଙ୍ଗପୁର ସମେତ ମୟୂରଭଞ୍ଜ ଓ ସମଗ୍ର ରାଜ୍ୟର ପ୍ରଥମ ମହିଳା ହୋଇପାରିଛନ୍ତି। ଡ. ବିଜୟଲକ୍ଷ୍ମୀ ମହାନ୍ତି ଜଣେ ବହୁମୁଖୀ ପ୍ରତିଭାର ଅଧିକାରିଣୀ। ସେ ନିଜର ଶୃଙ୍ଖଳିତ ଜୀବନ ଶୈଳୀ ଏବଂ ଲୋକସମ୍ପର୍କ ଦ୍ୱାରା ସବୁ ମହଲରେ ଆଦୃତ ହୋଇଥିବା ବେଳେ ଭାରତର ପଞ୍ଚଦଶ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଲେଖି ମଧ୍ୟ ବେଶ୍ ପ୍ରସିଦ୍ଧିଲାଭ କରିଛନ୍ତି । ନିଜ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବି ଶଙ୍କରଙ୍କ ତତ୍ତ୍ୱାବଧାନରେ ଏବଂ ପ୍ରଥମ ସଦସ୍ୟ ଭାବରେ ସେ ଓଡ଼ିଶାର କଟକରେ ପ୍ରଥମ ଘରୋଇ ବିଶ୍ୱବିଦ୍ୟାଳୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବିଦ୍ୟାଳୟ ସ୍ତରରେ ସେ ଜଣେ ଟପର୍ ଥିବାବେଳେ ବିଶ୍ୱବିଦ୍ୟାଳୟ ସ୍ତରରେ ମଧ୍ୟ ସ୍ୱର୍ଣ୍ଣ ପଦକ ବିଜେତା ଥିଲେ । ଶିକ୍ଷା କ୍ଷେତ୍ରରେ ଦୀର୍ଘ ୨୩ ବର୍ଷର ଅଭିଜ୍ଞତା ଥିବା ଡ. ମହାନ୍ତି ବର୍ତ୍ତମାନ ଉକ୍ତ ବିଶ୍ୱବିଦ୍ୟାଳୟରେ ମାନବ ସମ୍ବଳ ବିକାଶ କେନ୍ଦ୍ର (ଏଚଆରଡିସି) ମୁଖ୍ୟ, ଲୋକ ସମ୍ପର୍କ ଏବଂ ସାମାଜିକ ଯୋଗାଯୋଗ ମୁଖ୍ୟ ଭାବରେ କାର୍ଯ୍ୟ କରୁଛନ୍ତି। ଏଥିସହ ସେ ଶ୍ରୀଶ୍ରୀ ଆଡଭାନ୍ସଡ୍ ଗ୍ଲୋବାଲ ସେଣ୍ଟର ଫର କନଫ୍ଲିକ୍ଟ ରିଜୋଲ୍ୟୁସନ ଆଣ୍ଡ ପିସ୍ ଷ୍ଟଡିଜର ନିର୍ଦ୍ଦେଶିକା ମଧ୍ୟ ଅଛନ୍ତି । ସେ ୫୦ଟି ଗବେଷଣା ନିବନ୍ଧ ଏବଂ ତିନିଟି ପୁସ୍ତକ ରଚନା କରିଛନ୍ତି । ସେ ମଧ୍ୟ ୨୦୦୫ରୁ 'ଆର୍ଟ ଅଫ୍ ଲିଭିଂ' ଲାଇଫ୍ ସ୍କିଲ୍ସ ଆଣ୍ଡ ମେଡିଟେସନ୍ ଟ୍ରେନର ଭାବେ କାର୍ଯ୍ୟ କରୁଛନ୍ତି ଓ ୧ ଲକ୍ଷ ଘଣ୍ଟାର ପ୍ରଶିକ୍ଷଣ ଓ ଶିକ୍ଷାଦାନ ସମ୍ପୂର୍ଣ୍ଣ କରିଛନ୍ତି। ତେବେ ଡ. ମହାନ୍ତିଙ୍କ ସହ ଅନ୍ୟ ୬ ଜଣଙ୍କୁ ମଧ୍ୟ ରାଷ୍ଟ୍ରପତିଙ୍କ ସଚିବାଳୟରେ ଅବସ୍ଥାପିତ କରାଯାଇଛି। ସେମାନେ ହେଲେ ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ର (ଅତିରିକ୍ତ ବ୍ୟକ୍ତିଗତ ସଚିବ), ଅରବିନ୍ଦ କୁମାର ମାରାଣ୍ଡି (ମୁଖ୍ୟ ବ୍ୟକ୍ତିଗତ ସଚିବ), ସବିତାରାଣୀ ହେମ୍ବ୍ରମ (ମୁଖ୍ୟ ବ୍ୟକ୍ତିଗତ ସଚିବ), ବେନି ରାରାଣ୍ଡି (ସହକାରୀ ବ୍ୟକ୍ତିଗତ ସଚିବ), ବାଳକନାଥ ନାଏକ (ସହକାରୀ ବ୍ୟକ୍ତିଗତ ସଚିବ) ଏବଂ ମନୋଜ ବିଶ୍ୱାଳ (ବ୍ୟକ୍ତିଗତ ସହାୟକ)।

## ଗାଁ ଗାଁରେ ସୁଭଦ୍ରା ରାଲି ସାମିଲ ହେଲେ ହିତାଧିକାରୀ ଓ ଜନପ୍ରତିନିଧି



**କାକଟପୁର/ଅସ୍ତରଙ୍ଗ, ୫।୩ (ସଂଚାର ବ୍ୟୁରୋ):** ସୁଭଦ୍ରା ଯୋଜନା ସଫଳ ରୂପାୟନ ନିମନ୍ତେ ମାର୍ଚ୍ଚ ୫ବୁଧବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ସୁଭଦ୍ରା ରାଲି ଆୟୋଜନ ହୋଇଥିଲା। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରୁ ବଜାର ପରିକ୍ରମା ହୋଇ ଅନୁରୂପ ଭାବେ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ସୁଭଦ୍ରା ରାଲି ଆୟୋଜନ ହୋଇଥିଲା। ଏହି ପଦଯାତ୍ରାରେ ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା, ମଣ୍ଡଳ ଶିଶୁବିକାଶ ଅଧିକାରିଣୀ (ସିଡିପିଓ )ମମତା ନାୟକ, ମଣ୍ଡଳ ପରିଦର୍ଶିକା ନିବେଦିତା ସେନାପତି, ଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି,ବିଭିନ୍ନ ପଂଚାୟତର ଜନପ୍ରତିନିଧି, କାର୍ଯ୍ୟନିର୍ବାହୀ ଅଧିକାରୀ,ବିଭିନ୍ନ ମହାସଂଘର ନେତୃମଣ୍ଡଳୀ, ସ୍ଥାନୀୟ ଅଞ୍ଚଳ କିଶୋର -କିଶୋରୀ ଯୋଗଦାନ କରିଥିଲେ। ମାର୍ଚ୍ଚ ୫ରୁ ଆରମ୍ଭ ହୋଇଥିବା ରାଲି ମାର୍ଚ୍ଚ ୮ ପର୍ଯ୍ୟନ୍ତ ଚାଲିବ। ପ୍ରତି ଗ୍ରାମ ପଂଚାୟତ ରେ ୧ଶହ ମହିଳା ରାଲିରେ ଯୋଗଦେଇଥିଲେ। ଏଥିପାଇଁ ପ୍ରତି ଗ୍ରାମ ପଂଚାୟତକୁ ୭ହଜାର ୫ଶହ ଟଙ୍କା ଦିଆଯାଇଛି। ସୁଭଦ୍ରା ଯୋଜନା ସମ୍ପର୍କିତ ପ୍ଲାକ କାର୍ଡ, ବ୍ୟାନର ପଦର୍ଶନ କରାଇ ଓ ସ୍ଲୋଗାନ ଦେଇ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସୁଭଦ୍ରା ଯୋଜନାରେ ଡିବିଟି ମୋଡ଼ରେ ମିଳୁଥିବା ଅର୍ଥରାଶିର ଲାଭ ଏବଂ ଏହାର ସୁବିଧା ବିଷୟରେ ଆଲୋଚନା ହୋଇଥିଲା ଏହା ସହିତ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବାଲ୍ୟ ବିବାହ ଭଳି ସାମାଜିକ ବ୍ୟାଧିକୁ ଦୃଢ଼ ବିରୋଧ କରିବା ପାଇଁ ସଚେତନ କରାଯାଇଥିଲା। ସୁଭଦ୍ରା ସଚେତନ ଶହ କିଶୋରୀ ମାନେ ସଶକ୍ତ ହେଲେ ନାରୀ ଶକ୍ତି ସକ୍ରିୟ ହେବେ ବୋଲି ପରାମର୍ଶ ଦିଆଯାଇଥିଲା।

## ଜଳବିଭାଜିକା ମହୋତ୍ସବ, ସଚେତନତା ଯାତ୍ରା



**ରାଇଘର,୫।୩(ସଂଚାର ବ୍ୟୁରୋ):** ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ନୂଆପାରାଠାରେ ଜାଳବିଭାଜିକା ପ୍ରକଳ୍ପର ସଚେତନତା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ଗୁପ୍ତାପ୍ରସାଦ ଝଙ୍କାର, ସାଂସଦ ପ୍ରତିନିଧି ପ୍ରୀତିସ୍ମିତା ମହାପାତ୍ର, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଲିପିକା ବାରୋଇ, ଏବିଡିଓ ବିଜୟ କୁମାର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ସଚେତନତା ରଥ ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ଜାଳବିଭାଜିକ ବିଷୟରେ ଲୋକଙ୍କୁ ସଚେତନ କରାଇବା ସହ ମୃତ୍ତିକା କ୍ଷୟକୁ ରୋକିବା ତଥା ବର୍ଷା ଜଳ କିଭଳି ସଂରକ୍ଷଣ କରାଯିବ, ଆଗାମୀ ପିଢ଼ି ପାଇଁ ପରିବେଶ କିଭଳି ସୁରକ୍ଷିତ ରହିବ ସେ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଚକ୍ରଧର ମିଶ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୋଦ କୁମାର ବେହେରା, ସ୍ଥାନୀୟ ପ୍ରକଳ୍ପ ଅଧିକାରୀ ପ୍ରତୀକ କୁମାର ଦେ, ଏସସିଇଡବ୍ଲୁ ସୁରେନ୍ଦ୍ରନାଥ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ପାଳିଲା ପକ୍ଷରୁ ବିଜୁ ଜୟନ୍ତୀ




**ନର୍ଲା,୫।୩(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ଅନ୍ତର୍ଗତ ରୂପାରୋଡ ଠାରେ ବୁଧବାର ଦିନ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନେଇ ଆୟୋଜିତ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ 'ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜନ୍ମ ଜୟନ୍ତୀ' ସମାରୋହରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇ ଝଡ଼ର ଇଗଲ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଗାଥା ବଖାଣି ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ମାନୀତ ଅତିଥି ଭାବେ ବରିଷ୍ଠ ବିଜେଡ଼ି ନେତା ନିଳମଣି ସାହୁ, ବିକାଶ ରଞ୍ଜନ ସିଂଦେଓ, ପ୍ରଫୁଲ୍ଲ କୁମାର ନାଏକ, ଯୁବ ନେତା ମନମୋହନ ନାଏକ, ନର୍ଲା ବ୍ଲକ ମହିଳା ବିଜେଡ଼ି ସଭାପତି ପ୍ରମିଳା ପ୍ରଧାନ, ବରିଷ୍ଠ ମହିଳା ନେତ୍ରୀ ପ୍ରମିଳା ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ରହି ଓଡ଼ିଶା ପ୍ରତି ବିଜୁ ବାବୁଙ୍କ ଅବଦାନ ଉପରେ ଆଲୋକପାତ କରିବାସହ ବର୍ତ୍ତମାନର ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଶାନ୍ତପୁରର ପୂର୍ବତନ ସରପଞ୍ଚ ଟିକେଧର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଯୁବ ନେତା ଗୋବିନ୍ଦ ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ନର୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ଆସିଥିବା ବିଜେଡି ବ୍ଲକ ଓ ପଞ୍ଚାୟତ ସଭାପତି/ କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ସରୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ମାଣ ହୋଇପାରୁନି ଲକ୍ଷ୍ମୀ ବସ୍ ବିଶ୍ରାମଗାର

## ବାରଦୁଆର ଶୁଣ୍ଡି ପିଣ୍ଡା ହେଉଛନ୍ତି ଯାତ୍ରୀ

**କାକଟପୁର /ଅସ୍ତରଙ୍ଗ,୫।୩(ସଂଚାର ବ୍ୟୁରୋ):** ପୂର୍ବ ସରକାର ଗାଁରୁ ସହରକୁ ଯୋଡିବା ଲାଗି ଲକ୍ଷ୍ମୀବସ ସେବା ଆରମ୍ଭ କରିଥିଲେ। ଏବେ କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଫେଲ ମାରିଛି। ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତ କୁ ଏହି ବସ ଯଦିଓ ଚଳାଚଳ କରିଥିଲା କିନ୍ତୁ କିଛି ଦିନ ହେବ କିଛି ପଂଚାୟତ କୁ ଚାଲୁନଥିବା ବେଳେ ଅନେକ ପଂଚାୟତ କୁ ଯାତାୟାତ କରୁଛି। ବସ ଚଳାଚଳ ପୂର୍ବରୁ ଏହି ସବୁ ପଂଚାୟତରେ ନିର୍ମାଣ ହେବାକୁ ଥିବା ବିଶ୍ରାମଗାର ନ ହୋଇ ପାରିବା ଫଳରେ ଯାତ୍ରୀ ମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଥିବା ଭଳି ଅଭିଯୋଗ ହୋଇଛି। ଅସ୍ତରଙ୍ଗ ମୁଖ୍ୟ ବଜାର ରେ ଯାତ୍ରୀ ମାନେ ଦୋକାନୀ ପିଣ୍ଡା କିମ୍ବା ଥାନା ସାମ୍ନାରେ ଥିବା ଚାନ୍ଦିନୀ ଉପରେ ଖରା, ବର୍ଷାରେ ଦୀର୍ଘ ସମୟ ବସିରହୁଛନ୍ତି। ଏ ପର୍ଯ୍ୟନ୍ତ



ଅସ୍ତରଙ୍ଗ ବ୍ଲକର କୌଣସି ପଂଚାୟତ ବିଶ୍ରାମଗାର ନିର୍ମାଣ ହୋଇନାହିଁ। ଖବର ରୁ ପ୍ରକାଶ ଯେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ହେଉଛି ଉପକୂଳବର୍ତ୍ତୀ ଅଂଚଳ ହୋଇଥିବା ବେଳେ ସବୁ କ୍ଷେତ୍ରରେ ଏହି ବ୍ଲକ ଅବହେଳିତ ହୋଇଛି। ଏପରିକି ଅନେକ ସରକାରୀ ଯୋଜନା ଠିକରେ କାର୍ଯ୍ୟକାରି ହୋଇ ପାରୁନଥିବା ବେଳେ ଲକ୍ଷ୍ମୀ ବସ ରହଣି ବିଶ୍ରାମଗାର ମଧ୍ୟ ତା ଭିତରେ ରହିଛି। ଏହି ଲକ୍ଷ୍ମୀ ବସ ସେବା ଦୀର୍ଘ ମାସ ହେବ ଆରମ୍ଭ ହୋଇଥିବା ବେଳେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତ କୁ ୩ଗୋଟି ଲକ୍ଷ୍ମୀ ବସ ଗଡୁଛି ବୋଲି ଜଣାପଡିଛି। ଅସ୍ତରଙ୍ଗ ବ୍ଲକରେ ଏହି ବସ ସେବାରେ ସରକାର କ୍ଷତି ସହୁଥିବା ବେଳେ ଆବଶ୍ୟକତା ଅନୁଯାୟୀ ଲାଭାଂଶ ଆସୁନଥିବା ଜଣାପଡିଛି। ହେଲେ ଦୈନଦିନ ଗାଁ ଗହଳିର ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଛାତ୍ର, ଛାତ୍ରୀ ମାନେ ଯା 'ଆସ କରୁଥିବା ବେଳେ ବସ ରହଣି ବିଶ୍ରାମଗାର ନଥିବାରୁ ଖରା, ବର୍ଷା, ଶୀତ କାକରରେ ଠିଆ ହେବା ଶହ ଦୋକାନ ପିଣ୍ଡା ରେ ଠିଆ ହେବାକୁ ପଡୁଛି ବୋଲି ଅଭିଯୋଗ ହେଉଛି। ବସ ରହଣି ବିଶ୍ରାମଗାର ନିର୍ମାଣ ହେବା ପାଇଁ ଆବଶ୍ୟକ ଅନୁଯାୟୀ ଅର୍ଥ ଥିବା ବେଳେ କାହିଁକି ନିର୍ମାଣ ହେଉ ନାହିଁ ତାହା ମଧ୍ୟ ସମସ୍ତଙ୍କୁ ଚକିତ କରିଛି। ଏ ନେଇ ବ୍ଲକ ପ୍ରଶାସନ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ପଚାରିଥିଲେ ମଧ୍ୟ ସେମିତି କିଛି ଉତ୍ତର ରଖିନଥିଲେ।

## ସମୃଦ୍ଧ ଓଡିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ:ସୁବାସିନୀ




**ବାଲିଆପାଳ,୫।୩(ସଂଚାର ବ୍ୟୁରୋ):** ମହାନ ଜନନାୟକ, ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ରାଜ୍ୟସ୍ତରରୁ ଆରମ୍ଭ କରି, ନିର୍ବାଚନମଣ୍ଡଳୀ, ପୌରାଞ୍ଚଳ ଏବଂ ପଞ୍ଚାୟତ ସ୍ତରରେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବସ୍ତା ନିର୍ବାଚନମଣ୍ଡଳୀ ପକ୍ଷରୁ ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଠାରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀ ଅବସରରେ ଏକ ସାଧାରଣ ସଭା ଓ ସମୃଦ୍ଧ ଓଡିଶା ଗଠନରେ ବିଜୁ ବାବୁ ଙ୍କ ଅବଦାନ ସମ୍ପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାନ୍ୟବର ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦାନ କରି ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଜୁ ବାବୁ ଥିଲେ ଆଧୁନିକ ଓଡ଼ିଶାର ବିଶ୍ୱକର୍ମା। ତାଙ୍କର ପରାକ୍ରମ, ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ବଳିଷ୍ଠ ଅବଦାନ, ନାରୀ ସଶକ୍ତିକରଣ ଦିଗରେ ତାଙ୍କର ଅବଦାନ ଅବିସ୍ମରଣୀୟ ତେଣୁ ଏକ ସମୃଦ୍ଧ ଓଡିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ ବୋଲି ବିଧାୟିକା ଶ୍ରୀମତୀ ଜେନା କହିଥିଲେ। ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଯୋଗ ଦେଇ ଆଧୁନିକ ଓଡ଼ିଶାର ନିର୍ମାଣ ବିଜୁ ବାବୁଙ୍କ ବିନା କଳ୍ପନା କରାଯାଇପାରେନା। ବିଜୁ ବାବୁ ଯେଉଁ ବିକାଶ ମୂଳକ କାର୍ଯ୍ୟ ଆରମ୍ଭ କରିଥିଲେ ପରବର୍ତ୍ତୀ ଅବସ୍ଥାରେ ନବୀନ ପଟ୍ଟନାୟକ ତାକୁ ଆହୁରି ଆଗକୁ ନେଇ ଉଚ୍ଚ ଶିଖରରେ ପହଞ୍ଚିଥିଲେ ତେଣୁ ସେହି ମହାନ ଜଣ ନେତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଦଳୀୟ କର୍ମୀ ମାନଙ୍କୁ ଆହ୍ୱାନ କରିଥିଲେ।

## ବିଜେଡି କାର୍ଯ୍ୟାଳୟରେ ବିଜୁ ଜନ୍ମ ଜୟନ୍ତୀ ପାଳିତ

● ଯେଉଁମାନେ ଇତିହାସ ବଦଳାଇବାକୁ ଚେଷ୍ଟା କରିଛନ୍ତି, ସେମାନଙ୍କ ଇତିହାସ ବଦଳିଯାଏ:ଅରୁଣ



**ନୟାଗଡ଼,୫।୩(ସଂଚାର ବ୍ୟୁରୋ):** ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଆଜି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ଯୋଗ ଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ବିଜୁ ବାବୁଙ୍କର ସାହସିକତା ଓ ଓଡିଶା ପ୍ରତି ତାଙ୍କର ଅବଦାନ ଉପରେ ଟିପ୍ପଣି ପ୍ରଦାନ କରିଥିଲେ । ବିଜୁ ବାବୁ ତ୍ରିସ୍ତରୀୟ ପଞ୍ଚାୟତି ରାଜ ବ୍ୟବସ୍ଥାକୁ ଆରମ୍ଭ କରିଥିଲେ। କଂଗ୍ରେସ ଦଳ ଠାରୁ ଆରମ୍ଭ କରି ସମସ୍ତ ଦଳ ମାର୍ଚ୍ଚ ୫ କୁ ବିଜୁ ବାବୁଙ୍କ ଜନ୍ମ ଦିବସ ତଥା ପଞ୍ଚାୟତ ରାଜ ଦିବସ ଭାବେ ସାରା ରାଜ୍ୟରେ ପାଳନ ହୋଇ ଆସୁଥିଲା । ଡବଲ ଇଞ୍ଜିନ ସରକାର ଆସିଲା ଦିନ ଠାରୁ ଆଜିର ଦିବସକୁ ପଞ୍ଚାୟତ ରାଜ ଦିବସ ଭାବେ ପାଳନ କରୁ ନଥିବାରୁ ଏଥି ନିମନ୍ତେ ସେ କ୍ଷୋଭ ପ୍ରକାଶ କରିଥିଲେ । ଏ ସରକାରକୁ ରାଜନୈତିକ ପାରାଲିସିସ୍ ହୋଇଛି। ସବୁ କ୍ଷେତ୍ରରେ ସ୍ଥାଣୁ ପାଲଟି ଯାଇଛନ୍ତି । ଗତ ଦୁଇ ମାସ ତଳେ ସରକାରୀ କ୍ୟାଲେଣ୍ଡରରେ ମାର୍ଚ୍ଚ ୫ କୁ ପଞ୍ଚାୟତି ରାଜ ଦିବସ ଭାବେ ପାଳନ କରିବାକୁ ସ୍ଥାନିତ କରିଥିଲେ । ହଠାତ କାହିଁକି ଏ ସରକାରର ମତ ବଦଳି ଗଲା ବୋଲି ଡ଼ ସାହୁ ପ୍ରଶ୍ନ କରିଛନ୍ତି। ଏହା ସାଧାରଣରେ କ୍ଷୋଭ ସୃଷ୍ଟି କରିଛି । ଭାରତ ବର୍ଷର ମର୍ଯ୍ୟାଦା ପୁରୁଷ ହେଉଛନ୍ତି ବିଜୁ ବାବୁ । ତାଙ୍କ ମୃତ ପରେ ତିନୋଟି ଦେଶର ଜାତୀୟ ପତାକା ତାଙ୍କ ଶରୀର ଉପରେ ପଡିଥିଲା। ତାଙ୍କ ଜନ୍ମ ଦିବସକୁ ପଞ୍ଚାୟତି ରାଜ ଦିବସ ଭାବେ କଂଗ୍ରେସ ସରକାର ଥିବା ସମୟରେ ପାଳନ ହେଉଥିଲା। ଏ ସରକାରଙ୍କର ଦେବାଳିଆ ମସ୍ତିଷ୍କ । ଗୋଟିଏ କଥା କ୍ୟାଲେଣ୍ଡରରେ କହୁଛନ୍ତି। ଆଉ ଗୋଟିଏ କଥା କାମରେ କରୁଛନ୍ତି । ସମାଜର ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନ ଦେବାରେ କୁଣ୍ଠାବୋଧ କାହିଁକି । ତେଣୁ ଯେଉଁମାନେ ଇତିହାସ ବଦଳେଇବାକୁ ଚେଷ୍ଟା କରିଛନ୍ତି, ସେମାନଙ୍କର ଇତିହାସ ବଦଳିଯିବ ବୋଲି ଡ଼ ସାହୁ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ବରିଷ୍ଠ ବିଜେଡି ନେତ୍ରୀ ଇରାନୀ ରାୟ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ସରୋଜ ରଣସିଂ, ସୁବାଷ ଚନ୍ଦ୍ର କଅଁର, ବିରଜାଲକ୍ଷ୍ମୀ ସାହୁ, ଝିଲ୍ଲୀ ପ୍ରଧାନ, ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡା, ବ୍ଲକ ସଭାପତି ଅଜିତ ପ୍ରସାଦ ସାହୁ, ଦୁର୍ଯ୍ୟୋଧନ ବେହେରା, ଅମୂଲ୍ୟ ମହାନ୍ତି, ପ୍ରତାପ ନନ୍ଦ, ନୀଳମାଧବ ପଣ୍ଡା, ଏସକେ ନଇମ, ଅନୱାର ଅଲ୍ଲୀ, ଶ୍ରୀକାନ୍ତ ପଟ୍ଟନାୟକଙ୍କ ସମେତ ସମସ୍ତ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ ଏବଂ ବରିଷ୍ଠ ବିଜେଡି କର୍ମୀ ମାନେ ଉପସ୍ଥିତ ରହିଥିଲେ ।

## ସ୍ୱଳ୍ପ ସଂଖ୍ୟାକ କର୍ମୀଙ୍କୁ ନେଇ ମାହାଙ୍ଗା ବିଜେପିର ବନ୍ଧୁ ମିଳନ ଉତ୍ସବ

**ନିଶ୍ଚିନ୍ତକୋଇଲି,୫।୩(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବଜାରସ୍ଥ ବନ୍ଧନ ମଣ୍ଡପ ଠାରେ ବୁଧବାର ମଧ୍ୟାହ୍ନରେ ମାହାଙ୍ଗା ବିଜେପି ପକ୍ଷରୁ ମାହାଙ୍ଗା ବିଜେପିର ବିଜେପି ନେତା ବୋଲାଉ ଥିବା ସୁମନ୍ତ ଘଡେଇଙ୍କ ସଭାପତିତ୍ୱରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବନ୍ଧୁ ମିଳନ ଉତ୍ସବରେ ୩ଜଣ ବିଜେପିର ଯୁବ ବିଧାୟକ କେନ୍ଦ୍ରାପଡା ସାଂସଦ ଓ ୩ଟି ଜିଲ୍ଲାର ବିଜେପି ସଭାପତିଙ୍କୁ ନିମନ୍ତ୍ରିତ କରାଯାଇ ମହା ଆଡ଼ମ୍ବରରେ ବନ୍ଧୁମିଳନ କାର୍ଯ୍ୟକ୍ରମ ରହିଥିଲା। କୁଆଡେ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଅଳ୍ପ ସଂଖ୍ୟକ କର୍ମୀଙ୍କ ଉପସ୍ଥିତକୁ ନେଇ କେନ୍ଦ୍ରାପଡା ସାଂସଦ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଆସିନଥିଲେ।। ମାହାଙ୍ଗା ବିଜେପିର ଛାମୁଁଆ ବିଜେପି ନେତାଙ୍କୁ ଅବଗତ କରାଯାଇନଥିବାରୁ ସେମାନେ ଅସନ୍ତୋଷ ଥିବା ବେଳେ ମାହାଙ୍ଗା ସଂସଦୀୟ କ୍ଷେତ୍ରର ଅଳ୍ପ ସଂଖ୍ୟକ ବିଜେପି କର୍ମୀଙ୍କୁ ନେଇ ବନ୍ଧୁ ମିଳନ କାର୍ଯ୍ୟକ୍ରମ ହୋଇଥିବା ଦେଖିବା ପାଇଁ ମିଳିଥିଲା। ସଭା ସ୍ଥଳରେ ବହୁ ଚଉକି ଫାଙ୍କା ପଡ଼ି ଥିବା ସ୍ଥଳେ କର୍ମୀ କମ୍ ଗଣ ମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତ ବହୁ ଗୁଣରେ ଅଧିକ ଥିବା ଦେଖିବା ପାଇଁ ମିଳିଥିଲା। ତେବେ ମାହାଙ୍ଗା ବିଜେପିର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଏକ ପ୍ରକାରର ବହୁ ଆଡମ୍ବରରେ ଲଘୁକ୍ରିୟରେ ପରିଣତ ହୋଇଥିବା କଥା ଏବେ ସାଧାରଣରେ ଚର୍ଚ୍ଚା ହେଉଛି। ଅପର ପକ୍ଷରେ ଉକ୍ତ



କାର୍ଯ୍ୟକ୍ରମରେ କର୍ମୀ ମାନଙ୍କୁ ପୂର୍ବାହ୍ନ ୯ଘଟିକା ସହୟରେ ଉପସ୍ଥିତ ରହିବାକୁ ସୁଚନା ଦିଆଯାଇଥିବା ବେଳେ ପୋଲିସ୍ ପ୍ରସାସନ ମାନେ ମଧ୍ୟ ସକାଳ ୯ଘଟିକାରୁ କୋଲଣପୁର କୁଳିଆ ଠାରୁ ଆରମ୍ଭ କରି ନିଶ୍ଚିନ୍ତକୋଇଲି ବନ୍ଧନ ମଣ୍ଡପ ପର୍ଯ୍ୟନ୍ତ ଥିବା ପ୍ରତି ଛକ ଛକରେ ପହରା ମାରୁଥିବା ବେଳେ କିନ୍ତୁ ବିଜେପିର ନେତା ବିଧାୟକ ମାନେ ତାଙ୍କ ହାତ ଗଣତି କର୍ମୀଙ୍କୁ ନେଇ ମଧ୍ୟାହ୍ନ ୨ଘଟାକା ସମୟରେ ବାଜା ବଜେଇ ରୋଷଣୀ କରି ସଭା ସ୍ଥଳକୁ ଆସିଥିବା ଦେଖିବା ପାଇଁ ମିଳିଥିବା ବେଳେ ବହୁ କର୍ମୀ ଏପରିକି ପୋଲିସ ପ୍ରସାସନ ମଧ୍ୟ ଡହ ଡହ ଖରାରେ ଭୋକ ଉପାସରେ ଡହଳ ବିକଳ ହେବା କଥା କିଛି ବିଜେପି କର୍ମୀ ଓ ପୋଲିସ୍ କର୍ମଚାରି ମାନେ ତାଙ୍କ ନାମ ଗୋପନ ରଖି ଗଣ ମାଧ୍ୟମ ପ୍ରତିନିଧି ମାନଙ୍କୁ ଦୁଃଖର ସହ ଜଣାଇଥିଲେ।

## ହାଇସ୍କୁଲ ହଷ୍ଟେଲ ବୁଲିଲେ ନୂତନ ବିଡ଼ିଓ



**ନୟାଗଡ଼,୫।୩(ସଂଚାର ବ୍ୟୁରୋ):** ନୟାଗଡ଼ ସଦର ବ୍ଲକରେ ନୂଆ କରି ଦାୟୀତ୍ୱ ନେଇଛନ୍ତି ମହିଳା ବିଡ଼ିଓ ଐଶ୍ୱର୍ଯ୍ୟା ଭୂୟାଁ । ଦାୟୀତ୍ୱ ନେବାର ଦଶ ଦିନ ଭିତରେ ଉଲ୍ଲେଖ ନୀୟ କାର୍ଯ୍ୟ କରିଆସୁଛନ୍ତି। ଆକ୍ଟିଭ ମୁଡରେ ନୟାଗଡ଼ ବ୍ଲକ ବିଡିଓ ଐଶ୍ୱର୍ଯ୍ୟା ଭୂୟାଁ । ବାଳିକା ହଷ୍ଟେଲରେ ହଠାତ ପଶିଥିଲେ ନୟାଗଡ଼ ବିଡ଼ିଓ। ନୂଆ ବିଡ଼ିଓଙ୍କୁ ହଷ୍ଟେଲ ଭିତରେ ଦେଖି ୱାର୍ଡେନ ଓ ଶିକ୍ଷକ ଚକିତ ହୋଇ ପଡିଲେ। ନୟାଗଡ଼ ବ୍ଲକ ବିଡିଓ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ଥିବା ବାଳିକା ହଷ୍ଟେଲକୁ ଅଚାନକ ଗସ୍ତ କରିଥିଲେ। ହଷ୍ଟେଲ ଭିତିଭୂମିର ସ୍ଥିତି ପରଖିବା ସହ ଛାତ୍ରୀ ମାନଙ୍କ ପାଇଁ ପ୍ରସ୍ତୁତି ହୋଇଥିବା ଖାଦ୍ୟର ମାନ ପରଖି ଥିଲେ। ଛାତ୍ରୀ ମାନଙ୍କ ସହ ବାର୍ତ୍ତାଳାପ କରି ସେମାନଙ୍କର ପାଠ ପଢ଼ା ସମ୍ବନ୍ଧରେ ପଚାରି ବୁଝିଥିଲେ । ନିୟମିତ ପାଠ ପଢ଼ି ଭଲ ମଣିଷ ହେବା ପାଇଁ ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ସାହାସିକତା ହେବାକୁ ମଧ୍ୟ ପରାମର୍ଶ ଦେଇଥିଲେ ଶ୍ରୀମତୀ ଭୂୟାଁ । ନୂତନ ବିଡ଼ିଓଙ୍କ ଏଭଳି ଗସ୍ତକୁ ନେଇ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି ।

## ଜିରୋ ଦୁର୍ଘଟଣା ଉପରେ ଗୁରୁତ୍ୱାରୋପ

**ଭଞ୍ଜନଗର,୫।୩(ସଂଚାର ବ୍ୟୁରୋ):** ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ ଭଞ୍ଜନଗର ଶାଖା କାର୍ଯ୍ୟାଳୟଠାରେ ବୁଧବାର ୫୪ତମ ଜାତୀୟ ସୁରକ୍ଷା ମାସ ଓ ଲାଇନ୍‌ମ୍ୟାନ ଦିବସ ଟାଟା ପାଓ୍ୱାର ପକ୍ଷରୁ ପାଳିତ ହୋଇଯାଇଛି। କର୍ମଚାରୀମାନେ ସୁରକ୍ଷିତ ଭାବେ କିଭଳି କାର୍ଯ୍ୟ କରିବେ, ସୁରକ୍ଷା ପୋଷାକ ଓ ଆବଶ୍ୟକୀୟ ସରଞ୍ଜାମ ବ୍ୟବହାର ଏବଂ ସଠିକ୍ କାର୍ଯ୍ୟ କିଭଳି କରିବେ ସେନେଇ ବୈଠକରେ ଯୋଗ ଦେଇ ଅତିଥିମାନେ କହିଥିଲେ। ନିୟମକୁ ପାଳନ କରି କାର୍ଯ୍ୟ କଲେ ଦୁର୍ଘଟଣା ହେବ ନାହିଁ ବୋଲି ମଧ୍ୟ ଅତିଥିମାନେ କହିଥିଲେ। ଲାଇନ୍‌ମ୍ୟାନ୍ ଆମର ମେରୁଦଣ୍ଡ। ସେମାନଙ୍କ କାର୍ଯ୍ୟଶୈଳୀ ହିଁ ବିଦ୍ୟୁତ୍ ବିଭାଗକୁ ପ୍ରଶଂସା ଆଣିଥାଏ ବୋଲି ମଧ୍ୟ ବକ୍ତାମାନେ କହିଥିଲେ। ଏହି ଅବସରରେ ଉତ୍ତମ କାର୍ଯ୍ୟ କରୁଥିବା କର୍ମଚାରୀ ଓ ଅଧିକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ୫ଲକ୍ଷ ୭୭ ହଜାରରେ ନିଲାମ ହେଲା ପିଞ୍ଛାବଣିଆ ହୋଲି ପଡିଆ

**ବୈଶିଙ୍ଗା,୫।୩(ସଂଚାର ବ୍ୟୁରୋ):** ଦୀର୍ଘ ବର୍ଷ ବ୍ୟବଧାନରେ ଚଳିତ ବର୍ଷ ବେତନଟୀ ବ୍ଲକ ସୀମାନ୍ତ ପୁରୁଣିଆ ପଞ୍ଚାୟତର ଉତ୍ତର ଓଡିଶାର ପ୍ରସିଦ୍ଧ ପିଞ୍ଛା ବଣିଆ ହୋଲି ପଡିଆ ବୁଧବାର ନିଲାମ ହୋଇଛି । ଏହି ହୋଲି ପଡିଆର ୨୫ ଭାଗ ମୟୁରଭଞ୍ଜର ଥିବାବେଳେ ୭୫ ଭାଗ ବାଲେଶ୍ୱର ଜିଲା ଅଧୀନରେ ରହିଛି । ଏହି ହୋଲିରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହୋଇଥାଏ । ଉଭୟ ଜିଲ୍ଲାର ପୁଲିସ ପକ୍ଷରୁ ସୁରକ୍ଷା ପ୍ରଦାନ କରାଯାଇଥାଏ । ଏହି ପଡିଆ ଚଳିତ ବର୍ଷ ନିଲାମ ହୋଇଥିବା ବେଳେ ପଡିଆର ନିଲାମ ଡାକ ୫ ଲକ୍ଷ ୭୭ ହଜାରରେ କୃତିବାସ ସାହୁ ନିଲାମ ନେଇଥିବା ଜଣାଯାଇଛି । ବେତନଟୀ ବି ଡି ଓ ସୁଶାନ୍ତ କୁମାର ସୁତାରଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ବି ଡି ଓ ଗଗନ ବେହେରା ଓ ଜିପିଇଓ ଙ୍କ ଉପସ୍ଥିତିରେ ଏହି ନିଲାମ କାର୍ଯ୍ୟ ଅନୁଷ୍ଠିତ ହୋଇଥିବାବେଳେ ବୈଶିଙ୍ଗା ପୁଲିସ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା । ନିଲାମ ଶାନ୍ତି ଶୃଙ୍ଖଳା ର ସହିତ ହୋଇଥିଲା ।

## ଶ୍ରୀଜଗନ୍ନାଥ ମହୋତ୍ସବ ନିମନ୍ତେ ଭୂମି ପୂଜନ



**କୁଜଙ୍ଗ,୫।୩(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାର ପ୍ରମୁଖ ବାଣିଜ୍ୟ କେନ୍ଦ୍ର ରାହାମା କଲେଜ ଖେଳ ପଡ଼ିଆଠାରେ ଆନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ ଓ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଆଜି ସୁପ୍ରଭାତର ଶୁଭ ମୁହୂର୍ତ୍ତରେ ଶାସ୍ତ୍ରୀୟମତେ ଭୂମି ପୂଜନ ଯଜ୍ଞାଚାର୍ଯ୍ୟ ଶ୍ରୀ ବିଷ୍ଣୁ ନାରାୟଣ ପାଢ଼ି ଓ ସନ୍ତ ଶ୍ରୀ ସ୍ମୃତି ସାଗରାନନ୍ଦ ମହାରାଜ ଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଅଛି। ମହୋତ୍ସବ କମିଟିର ସଭାପତି ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ଏହି ମହନୀୟ ମହୋତ୍ସବର ସଫଳ ରୂପାୟନ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶିର୍ବାଦ ଭିକ୍ଷା କରି ଭାଗବତ ପରିବାର ର ସମସ୍ତ କର୍ମକର୍ତ୍ତା ଙ୍କ ସହଯୋଗ ପାଇଁ ଅନୁରୋଧ କରିଥିଲେ। ମହାପ୍ରଭୁଙ୍କ ଏହି ମହାନ କାର୍ଯ୍ୟକ୍ରମରେ ସ୍ଥାନୀୟ ନୃସିଂହ ମଠ ଅଧିକାରୀ ରମାକାନ୍ତ ଦାସ, ବିଶ୍ୱକର୍ମା ରୋହିତ ସୂତାର, ଶାନ୍ତନୁ ମହାରଣା, ବଣିକ ସଂଘ ସମ୍ପାଦକ ଶ୍ରୀ ପ୍ରଶାନ୍ତ କୁମାର ସାହୁ, ବଣିକ ସଂଘ ପୂର୍ବତନ ସଭାପତି ଶ୍ରୀ ଭିକାରୀ ଚରଣ ସେନାପତି, ଭାଗବତ ପରିବାରର ବରିଷ୍ଠ ସଭ୍ୟ ଶ୍ରୀ ଧ୍ରୁବ ଚରଣ ଦାସ, କିଶୋରୀ ଚରଣ ଦାସ, ଗୋଲେଖ ଚନ୍ଦ୍ର ସାହୁ, ବାସୁଦେବ ବରାଳ, ଅନନ୍ତ ଚରଣ କର, ଶରତ ଚନ୍ଦ୍ର ସାହୁ, ମନୋହର ସ୍ୱାଇଁ, ଅକ୍ଷୟ କୁମାର ସାହୁ, ପ୍ରଦୀପ କୁମାର ସାହୁ, ଭଞ୍ଜ କିଶୋର ସାହୁ, ବିନୋଦ ବରାଳ, ଦୁର୍ଯ୍ୟୋଧନ ପାତ୍ର, କାହ୍ନୁଚରଣ ସାହୁ, ନୃସିଂହ ଚରଣ ସେନାପତି, ଶ୍ରୀକାନ୍ତ ଶତପଥୀ, ପ୍ର ରମେଶ ମହାପାତ୍ର, ପ୍ର ପ୍ରଶାନ୍ତ କୁମାର କାନୁନଗୋ, ପ୍ରସନ୍ନ କୁମାର ସ୍ୱାଇଁ, ଦେବାଶିଷ ଅକ୍ଷୟ କୁମାର ମହାନ୍ତି, ଶ୍ରୀକାନ୍ତ ମହାନ୍ତି, ପ୍ରଶାନ୍ତ ଦାସ, ରଞ୍ଜନ ବେହେରା, ବିନୋଦ ମୁଦୁଲି, ଅମୀୟ ଜେନା, ଶ୍ରୀମତୀ ଶୈଳବାଳା ନାୟକ ପ୍ରମୁଖ ଯୋଗଦାନ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ଅନନ୍ୟ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସଫଳ କରିବା ପାଇଁ ସଂକଳ୍ପ ନେଇଥିଲେ। ଶେଷରେ ମହୋତ୍ସବ କମିଟିର ମୁଖ୍ୟ ସଂଯୋଜକ ତଥା ସମ୍ପାଦକ ଡ଼ ସୁନାକର ବେହେରା ମହାମହୋତ୍ସବରେ ସମସ୍ତ ଭଗବତ୍ପ୍ରେମୀ ଜନସାଧାରଣ ଙ୍କ ଉପସ୍ଥିତି ଓ ସହଯୋଗ କାମନା କରିଥିଲେ।

## ସୁଭଦ୍ରା ସଚେତନତା ପଦଯାତ୍ରା

**ଡେଲାଙ୍ଗ,୫।୩(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଲୋକପ୍ରିୟ ଯୋଜନା ସୁଭଦ୍ରା ଯୋଜନା ସମ୍ପର୍କରେ ଏକ ସଚେତନତା ପଦଯାତ୍ରା ରାଲି ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ୨୧ଟି ଗ୍ରାମପଞ୍ଚାୟତ ସାଉରିଆ, ଘନିପୁର, କଲ୍ୟାଣପୁର, ମୁନିନ୍ଦା, ଡେଲାଙ୍ଗ -କୋଠବାଡ଼, ଅରୀଶଳ, ଖେଳାଉରି, ରେଞ୍ଚ, ଜେନାପୁର, ସୁଜନପୁର, ଚାଇଁପୁର, ଗଡ଼ ମୋଟରୀ ଆଦି ବିଭିନ୍ନ ପଞ୍ଚାୟତ ରେ ସଫଳତାର ସହ ଏହି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରା ରେ ବିଭିନ୍ନ ପଂଚାୟତ ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା, ଅଙ୍ଗନାୱାଡି କର୍ମୀ,ସୁଭଦ୍ରା ହିତାଧିକାରୀ, ପଞ୍ଚାୟତ ସ୍ତରୀୟ ଜନ ପ୍ରତିନିଧି ମାନେ ସାମିଲ ହୋଇଥିଲେ । ସୁଭଦ୍ରା ଯୋଜନାରେ ଉପକୃତ ହୋଇଥିବା ବହୁ ହିତାଧିକାରୀ ସେମାନଙ୍କର ଅନୁଭୂତି ଅନୁଷ୍ଠିତ ସଭାରେ ନିଜର ଅନୁଭୂତି ପରି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଡିପିଓ ଜାପାନୀ ମିତ୍ର ଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ସମସ୍ତ କ୍ଷେତ୍ର ପରିଦର୍ଶିକା, ମିଶନ ଶକ୍ତି ମହାସଂଘର ସଭାପତି / ସମ୍ପାଦିକା,ଗୋଷ୍ଠୀ ସମ୍ବଳ କର୍ମୀ, ଅଙ୍ଗନୱାଡ଼ି କର୍ମୀ ଏବଂ ବ୍ଲକ ସ୍ତରୀୟ ମିଶନ ଶକ୍ତି ଅଧିକାରୀଙ୍କ ସହଯୋଗ ରେ ଏହି କାର୍ଯ୍ୟକ୍ରମ ସଫଳତା ର ସମ୍ପାଦନ କରାଯାଇଥିଲା ।



## ଅଦ୍ୱିତୀୟ ଜନନାୟକ ବିଜୁବାବୁ

**କାକଟପୁର/ଅସ୍ତରଙ୍ଗ,୫।୩(ସଂଚାର ବ୍ୟୁରୋ):** ପ୍ରବାଦ ପୁରୁଷ ମହାନ ଜନନାୟକ ରାଷ୍ଟ୍ରବାଦୀ ନେତା ବିଜୁ ପଟ୍ଟନାୟକ ଙ୍କ ୧୦୯ତମ ଜନ୍ମଜୟନ୍ତୀ। ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ରେ ବିଜୁ ଜନତା ଦଳପକ୍ଷରୁ ମହାସମାରୋହ ରେ ପାଳନ କରାଯାଇଛି। ପ୍ରଭାତରେ ବିଜୁ ପଟ୍ଟନାୟକ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ନିସ୍ୱାର୍ଥପର ଲୋକସେବାର ପ୍ରତିକ୍ ପ୍ରବାଦ ପୁରୁଷ ମହାନ ସ୍ୱାଧୀନତା ସଂଗ୍ରାମୀ ବିଜୁ ବାବୁଙ୍କର ଦେଶ ଓ ଜାତି ପ୍ରତି ଅମୂଲ୍ୟ ଅବଦାନ, ସଶକ୍ତ ଓ ପୁର୍ଣ୍ଣ ବିକଶିତ ଓଡିଶା ନିର୍ମାଣ ଦିଗରେ ତାଙ୍କର ଅବିଶ୍ରାନ୍ତ ସଂଗ୍ରାମ ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା। ଅତିଥି ଭାବେ ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା, ପୁରୀଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ,ଏକ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ,ଚମ୍ପକ ବାରିକି, ଭୀମସେନ ସ୍ୱାଇଁ, ଅସ୍ତରଙ୍ଗ ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ, ରୁଦ୍ର ପ୍ରସାଦ ଲେଙ୍କା, ଜ୍ଞାନ (ନାଲୁଆ ) ଙ୍କ ସହ ଅନେକ କର୍ମକର୍ତ୍ତା ଉପସ୍ଥିତ ରହି ବିଜୁ ବାବୁଙ୍କ ଉପରେ ଆଲୋକପାତ କରିବା ସହିତ ବିଜୁ ଜନତା ଦଳକୁ ସଶକ୍ତ ସୃଦୃଢ଼ କରିବାକୁ ମତପ୍ରକାଶ କରିଥିଲେ।ଉପସ୍ଥିତ ଅତିଥି ଙ୍କ ସହ ଶତାଧିକ ବିଜୁ ପ୍ରେମୀ ଏକ ସମୃଦ୍ଧ, ସଶକ୍ତ ନବୀନ ଓଡିଶା ଗଠନ ନିମନ୍ତେ ଶପଥ ଗ୍ରହଣ କରିଥିଲେ।ଏହି କାର୍ଯ୍ୟକ୍ରମ ରେ କାକଟପୁର ନିର୍ବାଚନ ମଣ୍ଡଳୀର କାକଟପୁର ଓ ଅସ୍ତରଙ୍ଗ ବ୍ଲକର ଶତାଧିକ ବିଜୁଜନତା ଦଳର କର୍ମୀଅଂଶ ଗ୍ରହଣ କରିଥିଲେ।

● ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଯୋଜନାର ସମୀକ୍ଷା

# ପ୍ରତି ପଞ୍ଚାୟତର ବିକାଶ ସରକାରଙ୍କ ଉତ୍ତରଦାୟିତ୍ୱ



**ଆବାସ ଯୋଜନାରେ ହିତାଧିକାରୀ ଚୟନରେ ଯତ୍ନବାନ ହେବାକୁ ନିର୍ଦ୍ଦେଶ**

**ଭୁବନେଶ୍ୱର,୫।୩(ସଂଚାର ବ୍ୟୁରୋ):** ଲୋକସେବା ଭବନସ୍ଥିତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅଧ୍ୟକ୍ଷତା କରି ମନ୍ତ୍ରୀ ସରକାରଙ୍କ ଆଭିମୁଖ୍ୟ ବିଷୟରେ ଆଲୋଚନା କରିବା ସହ ପ୍ରତିଟି ପଞ୍ଚାୟତର ବିକାଶ ସରକାରଙ୍କ ଉତ୍ତରଦାୟିତ୍ୱ ବୋଲି ମତ ଦେଇଛନ୍ତି।

ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା, ମେଗା ପାଇପ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟର ସବିଶେଷ ସମୀକ୍ଷା ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେରେ ଯେପରି ଉଚିତ ତଥ୍ୟ ସଂଗ୍ରହ କରାଯାଇ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇପାରିବ, ସେଥିପ୍ରତି ଯତ୍ନବାନ ହେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର କାର୍ଯ୍ୟାନ୍ୱୟନକୁ ସମୀକ୍ଷା କରି ବହୁମୁଖୀ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ କହିଛନ୍ତି। ଆଗାମୀ ଦିନରେ ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ସମସ୍ତ ନଳକୂପର ଆଗୁଆ ମରାମତି ସହ ରକ୍ଷଣାବେକ୍ଷଣ, ପାନୀୟ ଜଳ ଯୋଗାଣ, ନୂତନ ନଳକୂପ ଖନନ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଏଥିସହ ଅନ୍ତ୍ୟୋଦୟ ଗୃହ ଯୋଜନାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପ୍ରକ୍ରିୟା ନେଇ ଶ୍ରୀ ନାଏକ ଦିଗ୍‌ଦର୍ଶନ ଦେଇଛନ୍ତି।

ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଏସ୍.ଏନ୍. ଗିରୀଶ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ପାନୀୟ ଜଳ ନିର୍ଦ୍ଦେଶକ ଭିନୀତ୍ ଭରଦ୍ୱାଜ, ଅତିରିକ୍ତ ଶାସନ ସଚିବ ଚକ୍ରବର୍ତ୍ତୀ ସିଂ ରାଠୋର, ପଞ୍ଚାୟତିରାଜ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ, ସର୍ବୋଚ୍ଚ ଯନ୍ତ୍ରୀ, ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ସମସ୍ତ ଜିଲ୍ଲାର ମୁଖ୍ୟ ଉନ୍ନୟନ ଅଧିକାରୀ ଓ ସମସ୍ତ ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ବିଭାଗୀୟ ଯନ୍ତ୍ରୀ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

# ବିଜୁଙ୍କ ଜୀବନୀ ଇତିହାସ ସଦୃଶ



**ଭୁବନେଶ୍ୱର,୫।୩(ସଂଚାର ବ୍ୟୁରୋ):** ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ତଥା ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁବାବୁ ଜଣେ କିମ୍ବଦନ୍ତୀ ପୁରୁଷ। ସ୍ୱତନ୍ତ୍ରତା ଓ ସଫଳତାପୂର୍ଣ୍ଣ ବୈପ୍ଳବିକ ଜୀବନଶୈଳୀ ଦ୍ୱାରା ଉତ୍କଳ ଜନନୀର 'ବୀରପ୍ରସବିନୀ' ନାମକୁ ସେ ଯଥାର୍ଥରେ ପ୍ରତିପାଦିତ କରିପାରିଛନ୍ତି। ଜାତିର ମୁକ୍ତିଦାତା ସାଜି ଧରାପୃଷ୍ଠରେ ଅବତରଣ କରିଥିବା ଏହି ଯଶସ୍ୱୀ ଯୋଗଜନ୍ମା। ତାଙ୍କ ଜୀବଦ୍ଦଶାରେ ସେବା, ତ୍ୟାଗ, ପରୋପକାର ଓ ନିଷ୍ଠା ପରି ମାନବୀୟ ଗୁଣଗୁଡ଼ିକୁ ଆପଣାଇପାରିଥିଲେ। ଅପର ପକ୍ଷରେ ତାଙ୍କ ଭିତରେ ଦୁଃସାହସିକତା ତଥା ନିର୍ଭୀକତା ପରି ତେଜୋଦୀପ୍ତ ଗୁଣାବଳୀର ସମାହାର ସହଜାତ ଥିଲା। ସେ ଏକାଧାରରେ ସ୍ୱାଧୀନତା ସଂଗ୍ରାମୀ, ଦୁଃସାହସିକ ବୈମାନିକ, ଲୋକପ୍ରିୟ ରାଜନୀତିଜ୍ଞ ଓ ସମାଜସେବକ ଥିଲେ। ସେ ସୁପ୍ତ ଓଡ଼ିଆ ମନରେ ଜାତିପ୍ରେମର ବହ୍ନି ପ୍ରଜ୍ୱଳନ କରିଥିଲେ। ନିଜ ସମୟର ଓଡ଼ିଶାକୁ ଅତୀତର କଳିଙ୍ଗ ଓ ନିଜକୁ ଖାରବେଳଙ୍କ ଦାୟାଦ ରୂପେ ପରିଚୟ ପ୍ରଦାନ କରି ଏକ ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ବିଜୁବାବୁ ସର୍ବଦା ଚେଷ୍ଟିତ ଥିଲେ। ବାସ୍ତବରେ ଓଡ଼ିଆ ଜାତିର ଦୁଃଖଦୁର୍ଦ୍ଦଶା ସେ ସହ୍ୟ କରିପାରୁ ନଥିଲେ। ମାଟିର ମୂର୍ତ୍ତିକାର ଓ ଝଡ଼ର ଇଗଲ ଏହି ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ତଥା ଆଦର୍ଶ ପୁରୁଷଙ୍କ ଜୀବନୀ ଏକ ଇତିହାସ ସଦୃଶ ବୋଲି ଆଜି ବିଧାନସଭା ପରିସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ଅବସରରେ ଅତିଥିଗଣ ମତ ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ଉତ୍କଳ ସମ୍ମିଳନୀର ସଦସ୍ୟ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ବିଜୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶାଶ୍ୱତୀ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷିତ ହୋଇଥିବା ବେଳେ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମିଳୁନି ମଧ୍ୟାହ୍ନଭୋଜନ, ପ୍ରତିବାଦରେ ଛାତ୍ରଛାତ୍ରୀଙ୍କ ଧାରଣା

**ପୁରୁଷୋତ୍ତମପୁର,୫।୩(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ସହରର କୁମାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବ୍ଲକ ଶିକ୍ଷାଧିକାରୀ ଭାବେ ଗୋଟିଏ ପଦବୀରେ ଦୁଇ ଦୁଇ ଜଣ ଅଧିକାରୀ ଥିବା ସତ୍ତ୍ୱେ ଛାତ୍ରଛାତ୍ରୀ ରାଜରାସ୍ତାରେ ଖରାରେ ବସି ଶିଝିବା ଭଳି ଲଜ୍ଜାଜନକ ଘଟଣା ଘଟିଛି। ସରକାର ପିଲାଙ୍କୁ ମଧ୍ୟାହ୍ନଭୋଜନ ଖାଇବା ପାଇଁ ଦେଉଥିବା ବେଳେ ବିଦ୍ୟାଳୟରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ଦାୟିତ୍ୱହୀନତାରୁ ପିଲାମାନେ ଖାଇବାରୁ ବଞ୍ଚିତ ହୋଇଛନ୍ତି। ମଧ୍ୟାହ୍ନଭୋଜନ ମିଳି ନ ଥିବାରୁ ଏହାର ପ୍ରତିବାଦ କରି ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇ ଆସିକା-ହୁମା ମୁଖ୍ୟରାସ୍ତା ଉପରେ ଖରାରେ ବସି ରହିଥିଲେ। ଫଳରେ ଦୀର୍ଘ ୧ ଘଣ୍ଟା ଧରି ରାସ୍ତା ଅବରୋଧ ହୋଇଥିଲା। ଖବର ପାଇ ପୁରୁଷୋତ୍ତମପୁର ପୁଲିସ ଓ ଏନ୍‌ଏସି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ବିଜେପି ନେତା ସୀତାରାମ ପାଣିଗ୍ରାହୀ, ଜୟନାରାୟଣ ଦାଶ, କାଉନସିଲର ଅଶୋକ କୁମାର ମହାକୁଡ଼, ଭାସ୍କର ବେହେରା ରଞ୍ଜନ ବେହେରା ପ୍ରମୁଖ ଘଟଣା ସ୍କୁଲକୁ ଆସି ପିଲାଙ୍କୁ ବୁଝାଶୁଝା କରି ସ୍କୁଲ ଭିତରକୁ ନେଇ ବ୍ଲକ ଶିକ୍ଷା ବିଭାଗକୁ ଖବର ଦେଇଥିଲେ। ବିଇଓ କିଶୋର ଚନ୍ଦ୍ର ବେହେରା, ଏବିଇଓ ରାଜକିଶୋର ସାହୁ ଓ ସିଆରସିସି ମନୋଜ କୁମାର ପଣ୍ଡା ପହଞ୍ଚି ପିଲାଙ୍କ ସହ ଆଲୋଚନା କରିଥିବା ବେଳେ ପିଲାମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ସ୍ୱର ଉଠାଇଥିଲେ। ପିଲାଙ୍କ ଅଭିଯୋଗକୁ ନେଇ ଜନପ୍ରତିନିଧି ଓ ଅଧିକାରୀମାନେ ଶିକ୍ଷୟିତ୍ରୀଙ୍କୁ ଡକାଇ ବୁଝିଥିଲେ। ଏହି ସମୟରେ ପ୍ରଧାନ ଶିକ୍ଷୟିତ୍ରୀ ସ୍କୁଲକୁ ବିଳମ୍ବରେ ଆସିଥିବା ବେଳେ ମଧ୍ୟାହ୍ନଭୋଜନ ଲାଗି ସାମଗ୍ରୀ ଦେଇ ନ ଥିବାରୁ ରୋଷେଇ ହୋଇପାରି ନ ଥିବାର ଜଣାପଡ଼ିଥିଲା। ଏଥିନେଇ ପ୍ରଧାନ ଶିକ୍ଷୟିତ୍ରୀ ନିଜର ଦୋଷ ଛଡାଇବା ଲାଗି ସହକାରୀ ଶିକ୍ଷୟିତ୍ରୀ ରଶ୍ମିତା ମିଶ୍ରଙ୍କ ଉପରେ ଦୋଷ ଲଦିଥିବା ବେଳେ ରଶ୍ମିତା ମିଶ୍ରଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଲିଖିତ ଭାବେ ଦାୟିତ୍ୱ ଦେଇନଥିବା ବେଳେ ଆଜି ଛୁଟିରେ ଥିବା ପ୍ରଧାନଶିକ୍ଷୟିତ୍ରୀ ସ୍କୁଲ୍ ଆସି ଚାବି ନେଇଯାଇଥିବା ଶିକ୍ଷୟିତ୍ରୀ ମିଶ୍ର କହିଲେ। ଅପରପକ୍ଷରେ ପ୍ରଧାନଶିକ୍ଷୟିତ୍ରୀ ଆସନ୍ତା ଜୁଲାଇରେ ଅବସର ନେବାକୁ ଥିବା ବେଳେ ନିୟମାନୁସାରେ ଅଦ୍ୟାବଧି ଦାୟିତ୍ୱ ହସ୍ତାନ୍ତର ବି କରିନାହାନ୍ତି। ତେଣୁ ବିଦ୍ୟାଳୟରେ କିଛି ମାସ ହେଲା ବିବାଦୀୟ ପରିସ୍ଥିତି ଲାଗି ରହିଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ମଧ୍ୟ ହସ୍ତକ୍ଷେପ କରୁନଥିବାରୁ ଆଜି ପରିସ୍ଥିତି ଏ ସ୍ତରେ ପହଞ୍ଚିଛି ବୋଲି ଅଭିଭାବକମାନେ କ୍ଷୋଭୋକ୍ତି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ କିଶୋର ଚନ୍ଦ୍ର ବେହେରା କହିଛନ୍ତି ଯେ ପ୍ରଧାନଶିକ୍ଷୟିତ୍ରୀ ଅଦ୍ୟାବଧି ସମସ୍ତ ଦାୟିତ୍ୱ ସହକାରୀ ଶିକ୍ଷୟିତ୍ରୀଙ୍କୁ ହସ୍ତାନ୍ତର କରିନାହାନ୍ତି। ତେବେ ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଜିଲ୍ଲାପାଳ ଓ ଶିକ୍ଷା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ଠିକାଦାରଙ୍କ ଘରେ ସିବିଆଇ ଚଢ଼ାଉ, ପୁଅ ଗିରଫ

**ବରଗଡ,୫।୩(ସଂଚାର ବ୍ୟୁରୋ):** ଯୋଗାଣ ବିଭାଗ ଲେବର୍ ଠିକାଦାରଙ୍କ ଘରେ ପଶିଲା ସିବିଆଇ। ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ପରମାନପୁର ଗ୍ରାମରେ ରହୁଥିବା ଜି. ସତ୍ୟନାରାୟଣଙ୍କ ଘରେ ଚାଲିଛି ସିବିଆଇ ଚଢ଼ାଉ। ବେଆଇନ ଟଙ୍କା କାରବାର ଅଭିଯୋଗକୁ ନେଇ ତନାଘନା କରୁଛି ସିବିଆଇ। ସୂଚନା ମୁତାବକ, ଜି. ସତ୍ୟନାରାୟଣ ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗର ଜଣେ ଲେବର କଣ୍ଟ୍ରାକ୍ଟର ଭାବେ କାମ କରନ୍ତି। ସେ ଦୀର୍ଘଦିନ ହେଲା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗୋଦାମ ଗୃହଗୁଡ଼ିକୁ ଠିକା ନେଇଆସୁଛନ୍ତି। ତେବେ ତାଙ୍କର ବିଭିନ୍ନ ସରକାରୀ ଅଧିକାରୀଙ୍କ ସହ ବେଆଇନ କାରବାର କରୁଥିବା ନେଇ ସିବିଆଇ ଜାଣିବାକୁ ପାଇଥିଲା। ଏନେଇ ସୂଚନା ପାଇ ଜି. ସତ୍ୟନାରାୟଣଙ୍କ ଘରେ ସିବିଆଇ ଚଢ଼ାଉ କରିଛି। ତାଙ୍କ ଘରେ ରେଡ୍ କରି ତଦନ୍ତ କରୁଥିବା ଜଣାପଡିଛି। ଏଥିସହ ସିବିଆଇ ଟିମ୍ ସତ୍ୟନାରାୟଣଙ୍କ ପୁଅ ଜି. ଉମା ମହେଶଙ୍କୁ ଉଠାଇ ନେଇଥିବା ବେଳେ ଅନ୍ୟ ଏକ ଟିମ୍ ତାଙ୍କ ଘରେ ଚଢ଼ାଉ ଜାରି ରଖିଛି।

## ଦୁର୍ଦ୍ଧାନ୍ତ ଅପରାଧୀକୁ ମାରିଲେ ଦୁଇ ପୁତୁରା!

**ଖଲ୍ଲିକୋଟ,୫।୪(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ହରିପୁର ଗାଁରେ ଦୁର୍ଦ୍ଧାନ୍ତ ଅପରାଧୀ ରବି ଦାସକୁ ଆଜି ହତ୍ୟା କରାଯାଇଛି। ଏହି ହତ୍ୟାକାଣ୍ଡ ତା'ର ଦୁଇ ପୁତୁରା ଘଟାଇଥିବା ଅନୁମାନ କରାଯାଉଛି। ହେଲେ ଅଦ୍ୟାବଧି ପୁଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ପୂର୍ବ ଶତ୍ରୁତାକୁ ନେଇ ରବି ଏବଂ ତା'ର ପୁତୁରାଙ୍କ ମଧ୍ୟରେ ତିକ୍ତତା ଲାଗିରହିଥିଲା। ଫଳରେ ସେମାନେ ଦୁଇ ଜଣ ସାଥୀଙ୍କ ସହ ମିଶି ଆଜି ରବିକୁ ଖଣ୍ଡାରେ ହାଣି ହତ୍ୟା କରିଥିବା ଚର୍ଚ୍ଚା ହେଉଛି। ଖଲ୍ଲିକୋଟ ଥାନା ହରିପୁର ଗ୍ରାମ ନିକଟରେ ରବିକୁ ହତ୍ୟା କରିବା ପରେ ୪ଜଣଯାକ ହତ୍ୟାକାରୀ ବୋମା ଫିଙ୍ଗି ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିବା ପରେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ଅପରପକ୍ଷରେ ହତ୍ୟାକାଣ୍ଡ ସମ୍ପର୍କରେ ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଜାରି ରଖିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ହତ୍ୟାକାରୀଙ୍କ କୌଣସି ଟେର୍ ପାଇପାରିନାହିଁ। ତେବେ ଶବ ବ୍ୟବଚ୍ଛେଦ ଓ ପୁଲିସର ତଦନ୍ତ ରିପୋର୍ଟ ପରେ ହତ୍ୟାର ସଠିକ୍ କାରଣ ଜଣାପଡ଼ିବ।

## ବୁଲୁଛି ଦନ୍ତା, ବନ ବିଭାଗ ନୟାନ୍ତ

**ଯାଜପୁର,୫।୪(ସଂଚାର ବ୍ୟୁରୋ):** ଯାଜପୁରରେ ହାତୀ ଆତଙ୍କ। ହାତୀ ଘଉଡ଼ାଇବାକୁ ବନ ବିଭାଗ କର୍ମଚାରୀମାନେ ନୟାନ୍ତ ହୋଇଛନ୍ତି। ଗତକାଲି ଭଦ୍ରକ ଅଞ୍ଚଳରେ ବୁଲୁଥିବା ହାତୀଟି ଏବେ ଯାଜପୁରରେ ଡେରା ପକାଇଛି। ସୋମବାର ବିଳମ୍ବିତ ରାତିରେ ଯାଜପୁର ଟାଉନ ଚଇନିପୁର ପଞ୍ଚାୟତ ଗଣେଶ୍ୱରପୁରରେ ହାତୀଟି ବୁଲୁଥିବା ଦେଖିବାକୁ ମିଳିଥିଲା। ହାତୀ ଆସିଥିବା ଖବର ପାଇ ଜଙ୍ଗଲ ବିଭାଗ ଟିମ୍ ହାତୀର ଗତିବିଧି ଉପରେ ନଜର ରଖିଛି। ଶହ ଶହ ସ୍ଥାନୀୟ ଲୋକ ମଧ୍ୟ ହାତୀ ଦେଖିବାକୁ ଭିଡ଼ ଜମାଇଥିଲେ। ହାତୀଟି ବୈତରଣୀ ନଦୀବନ୍ଧରେ ବହୁ ସମୟ ଚାଲି ଚାଲି କେନାଲ ଅତିକ୍ରମ କରି ଚଇନିପୁର ଭିତରକୁ ଯାଇଥିଲା। ଏବେ ହାତୀଟି ରସୁଲପୁର ଥାନା ଘୋଲପୁର ନିକଟରେ ଡେରା ପକାଇଥିବା ଜଣାପଡ଼ିଛି। ତେବେ ହାତୀଟି କୌଣସି ପ୍ରକାର ଅଘଟଣ ଘଟାଇବା ପୂର୍ବରୁ ଏହାକୁ କାବୁ କରିବା ସକାଶେ ବନ ବିଭାଗ କର୍ମଚାରୀମାନେ ଯତ୍‌ପରୋନାସ୍ତି ଉଦ୍ୟମ ଚଳାଇଛନ୍ତି।

# 'ସୁଭଦ୍ରା' ପ୍ରସଙ୍ଗରେ ମେୟର-ବିଧାୟକ ବାକ୍‌ବିତଣ୍ଡା

● ୫ ହଜାରରେ କେମିତି ସଶକ୍ତ ହେବେ ମହିଳା: ମେୟର୍

● ଭୋଟ୍ ଚାଲିଯାଉଥିବାରୁ ବିଜେଡି ଭୟଭୀତ: ବାବୁ ସିଂ





**ଭୁବନେଶ୍ୱର,୫।୩(ସଂଚାର ବ୍ୟୁରୋ):** ବିଜେପି ସରକାର କ୍ଷମତାକୁ ଆସିବା ପରେ ମହିଳା ସଶକ୍ତିକରଣ ଯୋଜନା 'ସୁଭଦ୍ରା'ରେ ୫ ବର୍ଷରେ ୫୦ ହଜାର ଟଙ୍କା ଦେବା ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି। ଇତିମଧ୍ୟରେ ଏହି ଯୋଜନାର ହିତାଧିକାରୀ ସଂଖ୍ୟା ୯୮ ଲକ୍ଷ ଟପିସାରିଛି। ଏହା ରାଜ୍ୟର ମହିଳାଙ୍କ ପାଇଁ ଏକ ବିଶେଷ ଯୋଜନାରେ ପରିଣତ ହୋଇସାରିଛି। ତେବେ ଏହି ଯୋଜନାରେ ମହିଳାମାନେ କିପରି ସଶକ୍ତ ହେବେ ବୋଲି ଭୁବନେଶ୍ୱର ମେୟର୍ ତଥା ବିଜେଡି ନେତ୍ରୀ ସୁଲୋଚନା ଦାସ ପ୍ରଶ୍ନ କରିଥିବା ବେଳେ ଏହାର ଉତ୍ତର ରଖିଛନ୍ତି ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ। ଉଭୟଙ୍କ ମଧ୍ୟରେ ଏହି ପ୍ରସଙ୍ଗରେ ବାକ୍‌ବିତଣ୍ଡା ହୋଇଛି। ଗୋଟିଏ ପଟେ ମାତ୍ର ୫ ହଜାର ଟଙ୍କା ପାଇ ମହିଳାମାନେ କିପରି ସଶକ୍ତ ହୋଇପାରିବେ ବୋଲି ଶ୍ରୀମତୀ ଦାସ ପ୍ରଶ୍ନ କରିଥିବା ବେଳେ ୨୪ ବର୍ଷ ଧରି କ୍ଷମତାରେ ରହିବା ପରେ ବିଜେଡି ଯାହା କରିପାରି ନଥିଲା, ତା' ବିଜେପି ୮ ମାସରେ କରି ଦେଖାଇଛି ବୋଲି ଶ୍ରୀ ସିଂ କହିଛନ୍ତି। ସୁଭଦ୍ରା ଯୋଜନାକୁ କଟାକ୍ଷ କରି ଶ୍ରୀମତୀ ଦାସ କହିଛନ୍ତି ଯେ ଏବକାର ସରକାର ୨ଟି କିସ୍ତିରେ ୧୦ ହଜାର ଟଙ୍କା ଦେଉଛନ୍ତି, ଯାହା କୌଣସି ବି ବ୍ୟବସାୟ ଆରମ୍ଭ କରିବା ସକାଶେ ଏକ ନଗଣ୍ୟ ରାଶି। ବରଂ ବିଜେଡି ସରକାର ମହିଳାମାନଙ୍କୁ ସଶକ୍ତ କରିବା ସକାଶେ ୧୫ ହଜାରରୁ ଆରମ୍ଭ କରି ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା କୌଣସି ସୁଧରେ ଋଣ ଯୋଗାଇ ଦେଉଥିଲେ। ତେଣୁ କେଉଁ ଯୋଜନା ଶ୍ରେଷ୍ଠ ତାହା ମହିଳାମାନେ ବିଚାର କରିବେ ବୋଲି ଶ୍ରୀମତୀ ଦାସ କହିଛନ୍ତି। ଏହାର ଜବାବରେ ଏକାମ୍ର ବିଧାୟକ କହିଛନ୍ତି ଯେ ବିଜେଡି ସରକାର ମିଶନ୍ ଶକ୍ତି ମା'ମାନଙ୍କୁ ଋଣ ଦେବା ନାଁରେ ସେମାନଙ୍କୁ ଭୋଟ୍ ବ୍ୟାଙ୍କରେ ପରିଣତ କରିଦେଇଥିଲେ। ଏବେ ହାତରୁ ଭୋଟ୍ ଚାଲିଯାଉଥିବାରୁ ବିଜେଡି ଭୟଭୀତ ହୋଇପଡ଼ିଛି। ମେୟରଙ୍କ ମନ୍ତବ୍ୟ ଏହାର ଏକ ଜ୍ୱଳନ୍ତ ପ୍ରମାଣ ବୋଲି ଶ୍ରୀ ସିଂ କହିବା ସହ ବିରୋଧୀଦଳ ଯେତେ ଚାହିଁଲେ ବି ରାଜ୍ୟର ମହିଳାମାନଙ୍କ ଅଗ୍ରଗତିରେ କୌଣସି ପ୍ରକାର ବାଧା ସୃଷ୍ଟି କରିପାରିବେ ନାହିଁ। ତେଣୁ ଏହି ପ୍ରସଙ୍ଗରେ ବିରୋଧୀ ଦଳ ଆଲୋଚନା ନ କରିବା ଭଲ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ଏହି ଯୋଜନାରେ ଯେଉଁମାନେ ଅଦ୍ୟାବଧି ଆବେଦନ କରିନାହାନ୍ତି ସେମାନେ ଆସନ୍ତା ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଏହାକୁ ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଏହି ଆବେଦନକାରୀମାନଙ୍କ ମଧ୍ୟରୁ ଯେଉଁମାନେ ଯୋଗ୍ୟ ବିବେଚିତ ହେବେ ସେମାନଙ୍କୁ ଆସନ୍ତା ରାକ୍ଷୀ ପୂର୍ଣ୍ଣିମାରେ ଏକକାଳୀନ ୩ଟି କିସ୍ତି ମିଳିବ ବୋଲି ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ତଥା ମିଶନ୍ ଶକ୍ତି ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଘୋଷଣା କରିସାରିଛନ୍ତି। ଏହାଛଡ଼ା ଆସନ୍ତାକାଲି ସୁଦ୍ଧା ଏହି ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ୧ କୋଟି ଟପିବା ପୂର୍ବରୁ ୯୮ ଲକ୍ଷରୁ ଅଧିକ ମହିଳା ପ୍ରଥମ କିସ୍ତି ଟଙ୍କା ପାଇସାରିଥିବା ବେଳେ ଆସନ୍ତାକାଲି ବାକି ୧ ଲକ୍ଷ ୭୦ ହଜାର ମହିଳାଙ୍କୁ ପଞ୍ଚମ ପର୍ଯ୍ୟାୟ ପ୍ରଥମ କିସ୍ତି ଟଙ୍କା ମିଳିବ। ଏହାର ଦିନକ ପରେ ଅର୍ଥାତ୍ ମାର୍ଚ୍ଚ ୮ ଅନ୍ତର୍ଜାତୀୟ ମହିଳା ଦିବସରେ କୋଟିଏ ମହିଳା ଦ୍ୱିତୀୟ କିସ୍ତିର ୫ ହଜାର ଲେଖାଏଁ ଟଙ୍କା ପାଇବେ। ବ୍ରହ୍ମପୁରରୁ ଡିବିଟି ମାଧ୍ୟମରେ ଏହି ସହାୟତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦାନ କରିବେ। ୮ ମାସ ଭିତରେ କୌଣସି ଯୋଜନାରେ କୋଟିଏ ମହିଳାଙ୍କୁ ଯୋଡ଼ିବା ଏକ ଐତିହାସିକ ସଫଳତା ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ଇତିମଧ୍ୟରେ କେତେକ ହିତାଧିକାରୀ ୪ଟି ପର୍ଯ୍ୟାୟରେ ଏଥିରେ ସାମିଲ୍ ହୋଇଥିଲେ ହେଁ ଆଉ କେତେକ ଦୀର୍ଘଦିନ ଧରି ଆବେଦନ କରିବା ସହ ଯୋଗ୍ୟ ଥିଲେ ମଧ୍ୟ ଗୋଟିଏ ବି କିସ୍ତି ପାଇପାରିନାହାନ୍ତି। ତେଣୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଆସନ୍ତା ପର୍ଯ୍ୟାୟରେ ଏହି ଟଙ୍କା ପାଇବା ନେଇ ଆଶାବାଦୀ ଅଛନ୍ତି।

# ପଳାଶୁଣୀ ଫୁଟ୍ ଓଭରବ୍ରିଜ୍ ଉଦ୍‌ଘାଟିତ



● ଟଙ୍କପାଣି ସାଇ ମନ୍ଦିର ନିକଟରେ ହେବ ଓଭରବ୍ରିଜ୍

● ନଖରା ସମ ହସ୍ପିଟାଲ ପାଖରେ ଫୁଟ୍ ଓଭରବ୍ରିଜ୍ ଯୋଜନା

**ଭୁବନେଶ୍ୱର,୫।୩(ସଂଚାର ବ୍ୟୁରୋ):** ବହୁପ୍ରତୀକ୍ଷିତ ପଳାଶୁଣୀ ଫୁଟ୍ ଓଭରବ୍ରିଜ୍ ଆଜି ଉଦ୍‌ଘାଟିତ ହୋଇଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରିବା ସହ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଛନ୍ତି। ଫଳରେ ପଳାଶୁଣୀ ସମେତ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ଏହି ଅବସରରେ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି ଯେ କିଛି ବର୍ଷ ଭିତରେ ପଳାଶୁଣୀ ଛକ ଜାତୀୟ ରାଜପଥ ଉପରେ ୨୦୦ରୁ ଉର୍ଦ୍ଧ୍ୱ ଦୁର୍ଘଟଣା ଘଟି ଅନେକ ମୃତାହତ ହୋଇଛନ୍ତି। ଏହି ସ୍ଥାନରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ଏହାକୁ ଗୁରୁତର ସହ ନେଇ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ପ୍ରୟାସ ଆରମ୍ଭ ହୋଇଥିଲା। ଗତବର୍ଷ ଜୁଲାଇ ୧୯ ତାରିଖରେ ସେ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଭେଟି ଏହି ଫୁଟ୍ ଓଭରବ୍ରିଜ୍ ପାଇଁ ପ୍ରସ୍ତାବ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ତତ୍କାଳ ପଦକ୍ଷେପ ନେଇ ଏହାକୁ ମଞ୍ଜୁରୀ ଦେବା ସହ ପ୍ରକଳ୍ପ ପାଇଁ ୩ କୋଟି ଟଙ୍କା ଅନୁମୋଦନ କରିଥିଲେ। କିନ୍ତୁ ତତ୍କାଳୀନ ବିଜେଡି ସରକାର ସହଯୋଗ ନ କରିବାରୁ ଫୁଟ୍ ଓଭରବ୍ରିଜ୍ ନିର୍ମାଣ କାମ ବିଳମ୍ବିତ ହୋଇଥିଲା। ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହି ପ୍ରକଳ୍ପ କାମ ତ୍ୱରାନ୍ୱିତ ହୋଇଥିଲା। ଏହି ଫୁଟ୍ ଓଭରବ୍ରିଜ୍ କାର୍ଯ୍ୟକ୍ଷମ ହେବା ପରେ ସ୍ଥାନୀୟ ଲୋକେ, ବିଶେଷକରି ବୃଦ୍ଧବୃଦ୍ଧାମାନେ ସୁବିଧାରେ ଓ ନିରାପଦରେ ରାସ୍ତା ପାର୍ ହୋଇପାରିବେ ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି। ବୋଲି ସେ କହିଛନ୍ତି।

ଏଥିସହ ଶ୍ରୀମତୀ ଷଡ଼ଙ୍ଗୀ ଟଙ୍କପାଣି ସାଇ ମନ୍ଦିର ଛକରେ ହେଉଥିବା ଭିଡ଼କୁ ଏଡ଼ାଇବା ସକାଶେ ସେଠାରେ ଏକ ଓଭରବ୍ରିଜ୍ କରାଯିବ ବୋଲି ଘୋଷଣା କରିଛନ୍ତି। ଏ ଦିଗରେ ପ୍ରକ୍ରିୟା ଜାରି ରହିଛି ଓ ଖୁବଶୀଘ୍ର କାମ ଆରମ୍ଭ ହେବ। ସେହିଭଳି ନଖରା ସମ୍ ହସ୍ପିଟାଲ ନିକଟରେ ଆଉ ଏକ ଫୁଟ୍ ଓଭରବ୍ରିଜ ତିଆରି କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ଆଜିର ଉଦଘାଟନୀ କାର୍ଯ୍ୟକ୍ରମରେ ଏନଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକ ସୂରଜ ସିଂ, ଭୁବନେଶ୍ୱର (ଉତ୍ତର)ର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବାରିମୂଳ ଯିବେ ବାବା ସାରଥୀ

**କଟକ,୫।୩(ସଂଚାର ବ୍ୟୁରୋ):** ପୁଣିଥରେ ବାରିମୂଳରେ ବାବା ସାରଥୀଙ୍କ ଦରବାର ଜମିବ ଆଉ ଏଠାକୁ ଦୌଡ଼ିବେ ହଜାର ହଜାର ଭକ୍ତ। ଏପରି ଏକ ସମ୍ଭାବନା ଏବେ ବ୍ୟକ୍ତ କରାଯାଉଛି। ଅବଶ୍ୟ ତାଙ୍କୁ ଆଶ୍ରମ ଯିବା ସକାଶେ ହାଇକୋର୍ଟ ବାରଣ କରିଛନ୍ତି। କିନ୍ତୁ ବାରିମୂଳ ଯିବାଆସିବା କରିବା ପରେ ପରବର୍ତ୍ତୀ ସମୟରେ ସେ ଭକ୍ତମାନଙ୍କୁ ପ୍ରଭାବିତ କରିବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ। ତେବେ ଆଜି ହାଇକୋର୍ଟ ବାବା ସାରଥୀ ଓରଫ୍ ସନ୍ତୋଷ ରାଉଳଙ୍କୁ ବାରିମୂଳ ଆଶ୍ରମ ଯିବା ସକାଶେ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଛନ୍ତି। ଅସୁସ୍ଥ ଭାଇଙ୍କୁ ଦେଖା କରିବାକୁ ହାଇକୋର୍ଟ ଏହି ଅନୁମତି ଦେଇଛନ୍ତି। କିନ୍ତୁ ସର୍ତ୍ତ ଅନୁସାରେ, ସନ୍ତୋଷ କେବଳ ୨ ମାସରେ ଥରେ କେନ୍ଦ୍ରାପଡ଼ା ବାରିମୂଳ ଯାଇପାରିବେ। କିନ୍ତୁ ଏହି ସମୟରେ ସେ ଆଶ୍ରମ ଯାଇପାରିବେନାହିଁ କି ରାତିରେ କେନ୍ଦ୍ରାପଡ଼ାରେ ରହିପାରିବେନାହିଁ ବୋଲି ହାଇକୋର୍ଟ ସର୍ତ୍ତ ରଖିଛନ୍ତି।

ଏହାଛଡ଼ା ସକାଳ ସାଢ଼େ ୫ରୁ ସନ୍ଧ୍ୟା ସାଢ଼େ ୫ ମଧ୍ୟରେ ସେ ତାଙ୍କ ଭାଇଙ୍କୁ ଦେଖା କରିପାରିବେ। ଏଥିପାଇଁ ତାଙ୍କୁ ପ୍ରଥମେ ଟ୍ରାଏଲ୍ କୋର୍ଟଙ୍କୁ ଅବଗତ କରାଇବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ଆହୁରି ସନ୍ତୋଷ ଯିବା ସମୟରେ ସେଠାରେ ୨ ଶହରୁ ଅଧିକ ଲୋକ ଏକାଠି ହେବା ଉପରେ ମଧ୍ୟ କଟକଣା ବଳବତ୍ତର ରହିଛି। ଆବେଦନରେ ଏହି ସର୍ତ୍ତ କୋହଳ କରିବାକୁ ସନ୍ତୋଷଙ୍କ ପକ୍ଷରୁ ନିବେଦନ କରାଯାଇଥିଲେ ହେଁ ହାଇକୋର୍ଟ ଏହାକୁ ଗ୍ରହଣ କରିନାହାନ୍ତି। ପୂର୍ବରୁ ସନ୍ତୋଷଙ୍କୁ ଜାମିନ୍ ପ୍ରଦାନ କରାଯିବା ସମୟରେ ତାଙ୍କୁ କେନ୍ଦ୍ରାପଡ଼ା ନଯିବାକୁ କୁହାଯିବା ସହ ଯଦିବା କେନ୍ଦ୍ରାପଡ଼ା ଯାଆନ୍ତି, ତା'ହେଲେ ସେ ୨ ଶହରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ କରିପାରିବେ ନାହିଁ ବୋଲି ସର୍ତ୍ତ ରହିଥିଲା। ସୂଚନାଯୋଗ୍ୟ ଯେ, କେନ୍ଦ୍ରାପଡ଼ା ବାରିମୂଳ ଆଶ୍ରମରେ ଧର୍ମ ନାଁରେ ଅପପ୍ରଚାର ଚାଲିବା ଅଭିଯୋଗ ହେବା ପରେ ଏହି ମାମଲାର ବିଧିବଦ୍ଧ ତଦନ୍ତ ହେବା ପରେ ବାବା ସାରଥୀଙ୍କ ଭଣ୍ଡାମୀ ପଦାରେ ପଡ଼ିଥିଲା।

**ହାଇକୋର୍ଟଙ୍କ ସର୍ତ୍ତମୂଳକ ଅନୁମତି**



# କମୁଛି ଜଳସ୍ତର, ଉପୁଜିବ ଗୁରୁତର ସମସ୍ୟା



**ଭୁବନେଶ୍ୱର,୫।୩:** ରାଜଧାନୀ ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭୂତଳ ଜଳସ୍ତର ହ୍ରାସ ପାଉଥିବାରୁ ଭବିଷ୍ୟତରେ ଏହା ଗୁରୁତର ସମସ୍ୟା ସୃଷ୍ଟି କରିବ ବୋଲି ପରିବେଶବିଜ୍ଞାନୀମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି।

ଭୁବନେଶ୍ୱରରେ ଯେଉଁଠି ୨୦ ବର୍ଷ ତଳେ ୨୦୦ ଫୁଟ ଖୋଳିଲେ ପାଣି ବାହାରୁଥିଲା, ଏବେ ସେଠାରେ ପାଣି ପାଇଁ ୩୦୦ ଫୁଟରୁ ଅଧିକ ଖୋଳିବାକୁ ପଡୁଛି। ବିଶେଷକରି ଜନସଂଖ୍ୟା ବୃଦ୍ଧି ସହ ଜମିର ବ୍ୟବହାର ଓ ଭୂପୃଷ୍ଠ ଆବରଣରେ ପରିବର୍ତ୍ତନ, ସହରାଞ୍ଚଳରେ କଂକ୍ରିଟ ଜଙ୍ଗଲ ସୃଷ୍ଟି, ଶିଳ୍ପର ବିକାଶ, ପରିବେଶ ପ୍ରଦୂଷଣ, ନଦୀଗୁଡ଼ିକର ଜଳଧାରଣ ଶକ୍ତି ହ୍ରାସ, ବୃଷ୍ଟିପାତରେ ଅନିୟମିତତା, ତାପମାତ୍ରା ବୃଦ୍ଧି ଆଦି ବିଭିନ୍ନ କାରଣ ଯୋଗୁଁ ଭୂତଳ ଜଳସ୍ତର ପ୍ରଭାବିତ ହେଉଛି। ବିଶେଷକରି ଭୁବନେଶ୍ୱର ସମେତ ଅନ୍ୟ ସହରାଞ୍ଚଳଗୁଡ଼ିକରେ ଆଖିବୁଜା ଆପାର୍ଟମେଣ୍ଟ ନିର୍ମାଣ ସଙ୍ଗେ ସଙ୍ଗେ ଜଳ ଉତ୍ସଗୁଡ଼ିକୁ ନଷ୍ଟ କରିଦିଆଯିବା, ରାସ୍ତାକଡ଼ର ମାଟି ଜାଗାରେ କଂକ୍ରିଟ ଓ ପେଭର ବ୍ଲକ୍ ବିଛାଯିବା ଆଦି କାରଣରୁ ଭୂତଳ ଜଳସ୍ତର ହ୍ରାସ ପାଉଥିବା ଭୂବିଜ୍ଞାନୀମାନେ କହୁଛନ୍ତି।

କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡର ବିବରଣୀ ମୁତାବକ ୨୦୨୩ରେ ରାଜ୍ୟର ଭୁବନେଶ୍ୱର, ଖୋର୍ଦ୍ଧା, ବୋଲଗଡ଼, ନୟାଗଡ଼, ନୂଆପଡ଼ା, ଝାରସୁଗୁଡ଼ା, ତାଳଚେର, ବାଲିଆପାଳ ଓ କୋରେଇ ଭଳି ଅଞ୍ଚଳର ଭୂତଳ ଜଳ ସ୍ଥିତି ଅର୍ଦ୍ଧଗୁରୁତର ଅବସ୍ଥାକୁ ଚାଲିଆସିଛି। ଏହା ଗୁରୁତର ଅବସ୍ଥାକୁ ଚାଲିଗଲେ ଲୋକେ ପିଇବା ପାଣି ପାଇଁ ତହଲବିକଳ ହେବାର ଯଥେଷ୍ଟ ଆଶଙ୍କା ରହିଛି।

ଓଡ଼ିଶାରେ ବର୍ଷକୁ ପ୍ରାୟ ୧୭ ବିଲିୟନ କ୍ୟୁବିକ ମିଟର ଭୂତଳ ଜଳ ରିଚାର୍ଜ ହେଉଛି। ବର୍ଷକୁ ପ୍ରାକୃତିକ ଜଳ ନିଷ୍କାସନ ଭୂତଳରେ ପ୍ରାୟ ଦେଢ଼ ବିଲିୟନ କ୍ୟୁବିକ ମିଟର ହେଉଥିବାରୁ ଓଡ଼ିଶାର ଭୂତଳ ଜଳସମ୍ପଦ ମାତ୍ର ୧୫.୫ ବିଲିୟନ କ୍ୟୁବିକ ମିଟର ହୋଇପାରେ। ଓଡ଼ିଶାରେ ବାର୍ଷିକ ଯେତେ ଭୂତଳ ଜଳ ରିଚାର୍ଜ ହେଉଛି, ତାହାର ପାଖାପାଖି ୫୯ ପ୍ରତିଶତ ମୌସୁମୀ ବର୍ଷାରୁ ଆସୁଛି।

ଦୁବଘାରୁ ବରଗଛ ପର୍ଯ୍ୟନ୍ତ ସବୁଜିମାକୁ ସହରୀକରଣ, ଆଧୁନିକୀକରଣ, ଶିଳ୍ପାୟନ ଆଦି ନାମରେ ନଷ୍ଟ କରାଯାଉଥିବାରୁ ବର୍ଷାଜଳଜନିତ ଭୂତଳ ଜଳ ରିଚାର୍ଜ ପ୍ରକ୍ରିୟା ବ୍ୟାହତ ହେଉଛି। ଜଳ ସଂରକ୍ଷଣ ପାଇଁ ନଦୀ ନାଳ, ପୋଖରୀ, ବନ୍ଧ ଆଦି ବିଶେଷ ଯୋଗଦାନ ଦେଇଥାନ୍ତି। ଏବେ ମହାନଦୀ ସମେତ ଓଡ଼ିଶାରେ ପ୍ରବାହିତ ହେଉଥିବା ଅଧିକାଂଶ ନଦୀର ଶଯ୍ୟା ପୋତି ହୋଇପଡ଼ିଥିବାବେଳେ ଶୀତଦିନରୁ ବର୍ଷାଦିନ ପର୍ଯ୍ୟନ୍ତ ପ୍ରାୟ ସବୁ ନଦୀଶଯ୍ୟା ଏକପ୍ରକାର ଶୁଖିଲା ଅବସ୍ଥାକୁ ଚାଲିଆସିଛି। ଯେଉଁ ଅଳ୍ପକିଛି ନଦୀରେ ସ୍ୱଳ୍ପ ଜଳଧାରା ରହିଛି, ତାହା ସମୁଦ୍ରକୁ ଶଙ୍ଖେ ଭଳି।

ଅନ୍ୟ ପକ୍ଷରେ ତାପମାତ୍ରା ବୃଦ୍ଧି ଯୋଗୁଁ ଜଳର ବାଷ୍ପିକରଣ ପ୍ରକ୍ରିୟା ଦ୍ରୁତତର ହେଉଛି। ଗଛରୁ ପତ୍ର ଶୁଖି ଯାଉଥିବା ଫଳରେ ଭୂତଳ ଜଳ ସଂରକ୍ଷଣ ପାଇଁ ବଡ଼ ଆହ୍ୱାନ ସୃଷ୍ଟି ହେଉଛି। ଉଭୟ ପରିବେଶବିତ୍ ଓ ଭୂବିଜ୍ଞାନୀମାନେ ଏହି ସମସ୍ୟା ଘେନି ଆଶଙ୍କା ବ୍ୟକ୍ତ କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଓ ଜନସାଧାରଣ ଏହି ସମସ୍ୟାକୁ ଏବେଠାରୁ ଗୁରୁତ୍ୱର ଭାବେ ବିଚାରକୁ ନ ନେଲେ ଭବିଷ୍ୟତରେ ପଶୁପକ୍ଷୀ ଓ ବୃକ୍ଷଲତା ତ ଦୂରର କଥା, ଏଠି ମଣିଷ ବଞ୍ଚିବା ଉପରେ ବି କଷ୍ଟକର ବ୍ୟାପାର ହୋଇପଡ଼ିବ। ବସୁଧା ଯୋଜନାରେ ରାଜ୍ୟ ସରକାର ଗାଁଗଣ୍ଡାରେ ପାଇପ୍ ଯୋଗେ ପାନୀୟଜଳ ଯୋଗାଇବା ପାଇଁ ଅନେକଗୁଡ଼ିଏ ପ୍ରକଳ୍ପ ନିର୍ମାଣ କରିଥିଲେ ମଧ୍ୟ ଏବେ ଖରାଦିନେ ଏହି ପ୍ରକଳ୍ପ ମାଧ୍ୟମରେ ଲୋକଙ୍କୁ ଅନେକ ସ୍ଥାନରେ ପାନୀୟଜଳ ଯୋଗାଯିବା ଅସମ୍ଭବପର ହେଉଥିବାରୁ ସମସ୍ୟା ଉପୁଜୁଛି। ତେଣୁ ପ୍ରଚୁର ପରିମାଣର ଭୂତଳ ଜଳ ସଂରକ୍ଷଣ ସହ ଜଳ ବ୍ୟବହାର କ୍ଷେତ୍ରରେ ମିତବ୍ୟୟିତା ଅବଲମ୍ବନ ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଟୟୋଟାର କାମ୍ରି ହାଇବ୍ରିଡ୍ ଇଭିର ବଜାର ପ୍ରବେଶ

**ଭୁବନେଶ୍ୱର, ୫।୩:** ମଞ୍ଚେଶ୍ୱର ସ୍ଥିତ କ୍ୟାପିଟାଲ୍ ଟୟୋଟାରେ ସମ୍ପୂର୍ଣ୍ଣ ନୂଆ କାମ୍ରି ହାଇବ୍ରିଡ୍ ଇଭିକୁ ଉନ୍ମୋଚନ କରାଯାଇଛି। ଗର୍ଗସନ୍ ଗ୍ରୁପ୍‌ର ଅଧ୍ୟକ୍ଷ ସତୀଶ ଗର୍ଗ, ଟାୟୋଟା କ୍ୟାପିଟାଲ୍‌ର ଏମ୍‌ଡି ସିଦ୍ଧାର୍ଥ ଗର୍ଗ ଓ ଡିଜିଏମ୍ ଚମ୍ପକ କୁମାର ଦାସଙ୍କ ଉପସ୍ଥିତିରେ ୟୁନିୟନ୍ ବ୍ୟାଙ୍କର ଡିଜିଏମ୍ ନିରଞ୍ଜନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଛନ୍ତି। ଏହାର ବୁକିଂ ଆରମ୍ଭ ହୋଇଛି। ଏହାର ଏକ୍ସ ସୋ'ରୁମ୍ ଦାମ୍ ୪୮,୦୦,୦୦୦ ଟଙ୍କାରୁ ଆରମ୍ଭ ହୋଇଛି। ନୂଆ କାମ୍ରି ହାଇବ୍ରିଡ୍ ଇଭିରେ ରହିଛି ପଞ୍ଚମ ପିଢ଼ିର ହାଇବ୍ରିଡ୍ ପ୍ରଯୁକ୍ତି ଯାହା ଗାଡ଼ିର ଉଭୟ ପ୍ରଦର୍ଶନ ଓ ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ଆଣିଛି। ଏହାର ୨.୫ ଲିଟର ଡାଇନାମିକ୍ ଫୋର୍ସ ଇଞ୍ଜିନ ୨୨୧ ଏନ୍‌ଏମ୍ ଟର୍କ ପ୍ରଦାନ କରୁଛି। ଏହା ସହିତ ରହିଛି ଇ-ସିଭିଟି ଯାହା ଏକ ନିରବଚ୍ଛିନ୍ନ ଓ ଚମତ୍କାର ଗାଡ଼ିଚାଳନା ଅନୁଭୂତି ପ୍ରଦାନ କରୁଛି। ଗାଡ଼ିରେ ଏକ ଉଚ୍ଚ କାର୍ଯ୍ୟଦକ୍ଷତା ସମ୍ପନ୍ନ ଲାଇ-ଆୟନ ବ୍ୟାଟେରି ମଧ ରହିଛି। ଏହି ସମୃଦ୍ଧ ହାଇବ୍ରିଡ୍ ବ୍ୟବସ୍ଥା ଲିଟର ପିଛା ୨୫.୪୯ କିମି ମାଇଲେଜ୍ ନିଶ୍ଚିତ କରୁଛି।ସେଡାନ୍‌କୁ ଭଲ ପାଉଥିବା ଗ୍ରାହକମାନଙ୍କୁ ଦୃଷ୍ଟିରେ ରଖି ଏହାର ବାହ୍ୟ ପାର୍ଶ୍ୱକୁ ଷ୍ଟାଇଲିସ୍ କରାଯାଇଛି। ରାସ୍ତାରେ ଏହାର ବଳିଷ୍ଠ ଉପସ୍ଥିତି ଦୃଷ୍ଟି ଆକର୍ଷଣ କରିବ। ଏହାର ପ୍ରତିଟି ଦିଗକୁ ଅତି ଯତ୍ନର ସହ ପ୍ରସ୍ତୁତ କରାଯାଇଛି। ନୂଆ କାମ୍ରିର ଭିତର ପାର୍ଶ୍ୱକୁ ଆରାମଦାୟକ କରାଯାଇଛି। ଗାଡ଼ିର ସୁରକ୍ଷାକୁ ଦୃଷ୍ଟିରେ ରଖି ସେଥିରେ ଟୟୋଟା ସେଫ୍ଟି ସେନ୍‌ସ ୩ ବ୍ୟବହାର କରାଯାଇଛି। ଏଥିରେ ୯ଟି ଏୟାରବ୍ୟାଗ୍ ରହିଛି। ଏହା ପ୍ରିସିଅସ୍ ମେଟାଲ୍, ଡାର୍କ ବ୍ଲୁ, ସିମେଣ୍ଟ ଗ୍ରେ ଓ ଇମୋସନାଲ୍ ରେଡ୍ ଭଳି ଚାରିଟି ରଙ୍ଗରେ ଆସିଛି। ଆଟିଚ୍ୟୁଡ୍ ବ୍ଲାକ୍ ଓ ପ୍ଲାଟିନମ୍ ହ୍ୱାଇଟ୍ ପର୍ଲ ରଙ୍ଗରେ ମଧ ଏହା ଉପଲବ୍ଧ ହୋଇଛି। ଏହା ଉପରେ କମ୍ପାନି ୮ ବର୍ଷ କିମ୍ବା ୧,୬୦,୦୦୦ କିମି ୱାରେଣ୍ଟି ପ୍ରଦାନ କରୁଛି।






## ବଢ଼ିଲା ସୁନା ଦର

ସୁନା ଦର ବୃଦ୍ଧି ଅଳଙ୍କାର ପ୍ରିୟ ଲୋକଙ୍କ ପାଇଁ ଏକ ବିରାଟ ସମସ୍ୟା ହୋଇ ଛିଡ଼ା ହୋଇଛି। ସାରା ବିଶ୍ୱରେ ବଢ଼ି ବଢ଼ି ଚାଲିଛି ସୁନା ଦର। ରେକର୍ଡ ସ୍ତରରେ ପହଞ୍ଚିଛି ସୁନା ମୂଲ୍ୟ। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୭ ହଜାର ୯୭୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୦, ୬୫୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୮୦ ହଜାର ୬୫୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୭ ହଜାର ୯୮୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୦,୬୫୦ ଟଙ୍କା ଓ ୮୭,୯୮୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୦, ୮୦୦ ଟଙ୍କା ଓ ୮୮, ୧୩୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୦,୬୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୭, ୯୮୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୦,୬୫୦ ଓ ୮୭,୯୮୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୮୭,୯୮୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଆଜି ଭାରତର ଅନେକ ସହରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ମୂଲ୍ୟ ହ୍ରାସ ପାଇଛି ଏବଂ ଅନେକ ସ୍ଥାନରେ ଇନ୍ଧନ ହାର ବୃଦ୍ଧି ପାଇଛି। ସେହିପରି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୫୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩ . ୧୫ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

### ନୂତନ ଆୟକର ବିଲ୍

## ଇମେଲ୍, ସୋସିଆଲ୍ ମିଡିଆ ଯାଞ୍ଚ କରିବେ ଅଧିକାରୀ!

ନୂଆଦିଲ୍ଲୀ,୫।୩: ନୂତନ ଆୟକର ବିଲ୍ ସମ୍ପ୍ରତି ଖବରରେ ରହିଛି, ତେବେ ଏହା କରଦାତାମାନେ ଆଶା କରୁଥିବା କାରଣ ପାଇଁ ନୁହେଁ। ସରକାର କହିଛନ୍ତି ଯେ ଏହା ସମସ୍ତ ଟିକସ ଆଇନକୁ ସରଳ କରିବା ବିଷୟରେ, ବିଲ୍ ମଧ୍ୟରେ ଲୁଚି ରହିଥିବା ଏକ ବ୍ୟବସ୍ଥା ଯାହା ଟିକସ କର୍ତ୍ତୃପକ୍ଷଙ୍କୁ ଟିକସ ତଦନ୍ତ ସମୟରେ ଇମେଲ୍, ବାଣିଜ୍ୟ ଆକାଉଣ୍ଟ୍, ସୋସିଆଲ୍ ମିଡିଆ ପ୍ରୋଫାଇଲ୍ ଏବଂ ଅନ୍ୟାନ୍ୟ ଜିନିଷ ଖୋଲିବା ପାଇଁ ଅନୁମତି ଦେଇ ବ୍ୟାପକ କ୍ଷମତା ପ୍ରଦାନ କରେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ




ସଂସଦରେ ପୁନଃନିର୍ମିତ ଆୟକର ବିଲ୍, ୨୦୨୫ ଉପସ୍ଥାପନ କରିଥିଲେ, ଏହାକୁ ଛଅ ଦଶନ୍ଧି ପୁରୁଣା ଟିକସ ଢାଞ୍ଚାର ଏକ ନବୀକରଣ ବୋଲି କହିଥିଲେ। କିନ୍ତୁ ଏହା ଆଇନ ହେବା ପୂର୍ବରୁ, ଏକ ଚୟନ କମିଟି ଏହାକୁ ସମୀକ୍ଷା କରିବ। ଏବଂ ମୁଖ୍ୟ ଚିନ୍ତାର ବିଷୟ ହେଉଛି ଏକ ଧାରା ଯାହା ବର୍ତ୍ତମାନ "ଭର୍ଚୁଆଲ୍ ଡିଜିଟାଲ୍ ସ୍ପେସ୍" ଅନ୍ତର୍ଭୁକ୍ତ କରିବାକୁ ଅନୁମତିପ୍ରାପ୍ତ ଟିକସ ସନ୍ଧାନ ପରିସରକୁ ବିସ୍ତାର କରେ। ବର୍ତ୍ତମାନ, ଟିକସ ଅଧିକାରୀମାନେ ଲାପଟପ୍, ହାର୍ଡ ଡ୍ରାଇଭ୍ ଏବଂ ଇମେଲ୍ ପ୍ରବେଶ ପାଇଁ ଅନୁରୋଧ କରିପାରିବେ, କିନ୍ତୁ ବର୍ତ୍ତମାନର ଟିକସ ଆଇନ ସ୍ପଷ୍ଟ ଭାବରେ ଡିଜିଟାଲ୍ ରେକର୍ଡ ଉଲ୍ଲେଖ ନକରିଥିବାରୁ, ଏପରି ଦାବିଗୁଡ଼ିକ ପ୍ରାୟତଃ ଆଇନଗତ ଭାବରେ ପ୍ରତିରୋଧର ସମ୍ମୁଖୀନ ହୁଏ। ତଥାପି, ନୂତନ ବିଲ୍ ସ୍ପଷ୍ଟ କରିଛି: କର କର୍ତ୍ତୃପକ୍ଷ ଡିଜିଟାଲ୍ ସମ୍ପତ୍ତିର ପ୍ରବେଶ ଦାବି କରିପାରିବେ, ଏବଂ ଯଦି ଜଣେ କରଦାତା ମନା କରନ୍ତି, ତେବେ ସେମାନେ ପାସୱାର୍ଡଗୁଡ଼ିକୁ ବାଇପାସ୍ କରିପାରିବେ, ସୁରକ୍ଷା ସେଟିଂସ୍ ଓଭରରାଇଡ୍ କରିପାରିବେ ଏବଂ ଫାଇଲଗୁଡ଼ିକୁ ଅନଲକ୍ କରିପାରିବେ।

ନୂତନ ଆୟକର ବିଲ୍‌ର ଧାରା ୨୪୭ ଅନୁଯାୟୀ, ଭାରତରେ ନିଯୁକ୍ତ ଆୟକର ଅଧିକାରୀମାନେ ଏବେ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ, ଏପ୍ରିଲ ୧, ୨୦୨୬ ଠାରୁ ଆପଣଙ୍କର ଇମେଲ୍, ସୋସିଆଲ ମିଡିଆ, ବ୍ୟାଙ୍କ ବିବରଣୀ ଏବଂ ନିବେଶ ଆକାଉଣ୍ଟଗୁଡ଼ିକୁ ପ୍ରବେଶ କରିବାର ଅଧିକାର ପାଇବେ, ଯଦି ସେମାନେ ଟିକସ ଫାଙ୍କି କିମ୍ବା ଅପ୍ରକାଶିତ ସମ୍ପତ୍ତି ସନ୍ଦେହ କରନ୍ତି ଯାହା ଉପରେ ଟିକସ ପୈଠ କରାଯାଇ ନାହିଁ। "ଧାର (ଆଇ) ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି ଯେକୌଣସି ଦ୍ୱାର, ବାକ୍ସ, ଲକର, ସେଫ୍, ଆଲମିରା କିମ୍ବା ଅନ୍ୟ ପାତ୍ରର ତାଲା ଭାଙ୍ଗି କୌଣସି କୋଠା, ସ୍ଥାନ, ଇତ୍ୟାଦିରେ ପ୍ରବେଶ ଏବଂ ସନ୍ଧାନ କରିବା ପାଇଁ, ଯେଉଁଠାରେ ଏହାର ଚାବି କିମ୍ବା ଏପରି କୋଠା, ସ୍ଥାନ, ଇତ୍ୟାଦିର ପ୍ରବେଶ ଉପଲବ୍ଧ ନାହିଁ, କିମ୍ବା ଯେକୌଣସି ଉକ୍ତ କମ୍ପ୍ୟୁଟର ସିଷ୍ଟମ, କିମ୍ବା ଭର୍ଚୁଆଲ୍ ଡିଜିଟାଲ୍ ସ୍ଥାନକୁ ପ୍ରବେଶ କୋଡ୍ ଓଭରରାଇଡ୍ କରି ପ୍ରବେଶ ହାସଲ କରନ୍ତୁ, ଯେଉଁଠାରେ ଏହାର ପ୍ରବେଶ କୋଡ୍ ଉପଲବ୍ଧ ନାହିଁ।" ସରଳ ଭାଷାରେ କହିବାକୁ ଗଲେ, ଅଧିକାରୀମାନେ ଜଣେ କରଦାତାଙ୍କ "ଭର୍ଚୁଆଲ୍ ଡିଜିଟାଲ୍ ସ୍ପେସ୍" ରେ ସଂରକ୍ଷିତ ଯେକୌଣସି ଜିନିଷ ଉପରେ ମୁକ୍ତ ନିୟନ୍ତ୍ରଣ ରଖିବେ, ଏକ ଶବ୍ଦ ଯାହା ବିଲ୍ ପରିଭାଷିତ କରେ ଏପରି ପ୍ଲାଟଫର୍ମ ଯାହା ବ୍ୟବହାରକାରୀମାନଙ୍କୁ କ୍ଲାଉଡ୍ ସର୍ଭର, ଇମେଲ୍ ଆକାଉଣ୍ଟ୍, ସୋସିଆଲ ମିଡିଆ ଏବଂ ବାଣିଜ୍ୟ ପ୍ଲାଟଫର୍ମ ସମେତ କମ୍ପ୍ୟୁଟର ମାଧମରେ ପାରସ୍ପରିକ କ୍ରିୟା କରିବାକୁ ଅନୁମତି ଦିଏ।

## ବଜାରରେ ବଜାଜ୍‌ର ଅଲ୍ ନ୍ୟୁ ବଜାଜ୍ ଗୋଗୋ

**ମୁମ୍ବାଇ,୫।୩:** ବଜାଜ୍ ଅଟୋ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ମଡେଲ ତଥା ବ୍ରାଣ୍ଡର ନୂତନ ଇଲେକ୍ଟ୍ରିକ୍ ଅଟୋ 'ଅଲ୍ ନ୍ୟୁ ବଜାଜ୍ ଗୋଗୋ'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଅପରପକ୍ଷରେ 'ବଜାଜ୍ ଗୋଗୋ'ର ଶୁଭାରମ୍ଭ ସହ କମ୍ପାନୀ ଇଲେକ୍ଟ୍ରିକ୍ ୩ ଚକିଆ ସେଗ୍‌ମେଣ୍ଟରେ ନିଜର ସ୍ଥିତି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଏପରିକି ଆଗାମୀ ମାସରେ ବଜାଜ୍ ଗୋଗୋ ମଧ ଏହାର ମାଲବାହୀ ଭାରିଆଣ୍ଟର ଶୁଭାରମ୍ଭ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ବଜାଜ୍ ଗୋଗୋ ୩ଟି ଭାରିଆଣ୍ଟ 'ପି ୫୦୦୯, ପି ୫୦୧୨ ଏବଂ ପି ୭୦୧୨' ମଡେଲରେ ଉପଲବ୍ଧ ହେଉଛି। ଏପରିକି ଏହି ପ୍ରକାର ନାମକରଣରେ 'ପି' ଅର୍ଥାତ୍ ପାସେଞ୍ଜର ୫୦ ଓ ୭୦ ଆକାରର ସୂଚକ ହୋଇଥିବା ବେଳେ ୦୯ ଓ ୧୨ ଯଥାକ୍ରମେ ୯ କିଲୋୱାଟ୍ ଓ ୧୨ କିଲୋୱାଟ୍ ବ୍ୟାଟେରି କ୍ଷମତାକୁ ଦର୍ଶାଉଛି। ବଜାଜ୍ ଅଟୋ ବିଶ୍ୱସନୀୟ, ଗ୍ରାହକ ଅନୁକୂଳ ଗାଡ଼ି ଏବଂ ଏକ ବ୍ୟାପକ ଉପଲବ୍ଧତା ସହିତ ୨୦ରୁ ଅଧିକ ବର୍ଷ ଧରି ୩ ଚକିଆ ଶିଳ୍ପର ସ୍ୱଚ୍ଛ ଇନ୍ଧନ ବିପ୍ଳବର ନେତୃତ୍ୱ ନେଇଛି। ଏ ସମ୍ପର୍କରେ ବଜାଜ୍ ଅଟୋ ଲିମିଟେଡ୍‌ର ଇଣ୍ଟ୍ରା ସିଟି ବିଜ୍‌ନେସ୍ ୟୁନିଟ୍‌ର ପ୍ରେସିଡେଣ୍ଟ ସମରଦୀପ ସୁବନ୍ଧ କହିଥିଲେ, ଆମେ ଆମର ନୂତନ ମଡେଲ ତଥା ତିନିଚକିଆ ଯାନର ଅଲ୍ ଇଲେକ୍ଟ୍ରିକ୍ ବଜାଜ ଗୋ ଗୋ ରେଞ୍ଜର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏହି ସେଗ୍‌ମେଣ୍ଟ ପାଇଁ ଏହା ନୂଆ ମାନଦଣ୍ଡ ସ୍ଥାପନ କରିବ। ୨୫୧ କି.ମି. ପର୍ଯ୍ୟନ୍ତ ପ୍ରମାଣିତ ରେଞ୍ଜ ସହ ସେଣ୍ଟ ଫାଷ୍ଟ ବୈଶିଷ୍ଟ୍ୟ ଏବଂ ବିଶ୍ୱସ୍ତ ବଜାଜ ବିଶ୍ୱସନୀୟତା ସେବା ବଜାଜ୍ ଗୋ ଗୋ ଅଧିକରୁ ଅଧିକ ରୋଜଗାର କରିବା ଏବଂ ଡାଉନ ଟାଇମ୍ ତଥା ରକ୍ଷଣା ବେକ୍ଷଣର ଅସୁବିଧାକୁ ହ୍ରାସ କରିବାପାଇଁ ଚାହୁଁଥିବା ଗ୍ରାହକମାନଙ୍କୁ ଏହା ଏକ ବ୍ୟାପକ ସମାଧାନ ପ୍ରଦାନ କରିବ। ତିନିଚକିଆ ଯାନ ପାଇଁ ୭୫ବର୍ଷରୁ ଅଧିକ ବର୍ଷର ବିଶ୍ୱାସ ଉପଯୁକ୍ତ ଜ୍ଞାନକୌଶଳ ଦ୍ୱାରା ସମର୍ଥିତ ବଜାଜ୍ ଗୋ ଗୋ ମାଲିକ ଯାତ୍ରୀଙ୍କ ପାଇଁ ସବୁଠାରୁ ଅଧିକ ପସନ୍ଦ ରହିଛି।




## ମହିଳାଙ୍କ ପାଇଁ ଲଞ୍ଚ ହେଲା କୋମାକି ଏକ୍ସ୩ ସିରିଜ୍

**ନୂଆଦିଲ୍ଲୀ, ୫।୩:** କୋମାକି ଇଭି ଗାଡ଼ି ଏକ ଅଫର୍ଡେବଲ ପ୍ରାଇସରେ ପରଫରମାନ୍ସ ଏବଂ ଏଫିସିଏନ୍ସି ଉପରେ ଫୋକସ୍ କରି ନିଜର ନୂତନତମ ଏକ୍ସ୩ ସିରିଜ୍ ଲଞ୍ଚ କରିଛି। କୋମାକି ଏକ୍ସ୩ର ମୂଲ୍ୟ ୫୨,୯୯୯ ଟଙ୍କାର ପ୍ରାରମ୍ଭିକ ଏକ୍ସ-ସୋରୁମ୍ ପ୍ରାଇସରେ ଉପଲବ୍ଧ ଏବଂ ଇଭି ଆଡପ୍ସନକୁ ଉତ୍ସାହିତ କରିବା ପାଇଁ କମ୍ପାନୀ ଏକ ସୀମିତ ସମୟ ପାଇଁ ମହିଳା ଦିବସ ଅଫର ଘୋଷଣା କରିଛି। ଯାହା ଗ୍ରାହକମାନେ ୯୯,୯୯୯ ଟଙ୍କା ମୂଲ୍ୟରେ ଦୁଇଟି ୟୁନିଟ୍ କିଣିପାରିବେ। ଏହା ହାଇ-କାପାସିଟି ଲିଥିୟମ-ଆୟନ୍ ବ୍ୟାଟେରୀ ସହିତ ଲେସ୍ ହୋଇଛି। ଏହି ମଡେଲଟି ୭୫ ରୁ ୧୦୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ଏବଂ ସ୍ପିଡ୍ ଚାର୍ଜିଂ କାପାସିଟି ପ୍ରଦାନ କରିବ, ଯାହା ଏହାକୁ ସହରାଞ୍ଚଳ ଯାତ୍ରା ପାଇଁ ଏକ ଉପଯିକ୍ତ ଅପ୍ସନ ହୋଇପାରିବ। ଏହି ସ୍କୁଟରରେ ଅନେକ ରାଇଡିଂ ମୋଡ୍, ଏକ ଡିଜିଟାଲ୍ ଡ୍ୟାସବୋର୍ଡ ଏବଂ ସେଫ୍ଟି ବ୍ୟବସ୍ଥା ମଧ ରହିଛି। କମ୍ପାନୀ ଅନୁଯାୟୀ, ସ୍କୁଟରରେ ହାଲୁକା ଡିଜାଇନ୍ ଏବଂ ସହଜ ହ୍ୟାଣ୍ଡଲିଂ ରହିଛି, ଯାହା ଓମେନ୍ ରାଇଡର୍ସଙ୍କ ପାଇଁ ବେଷ୍ଟ ଅପ୍ସନ ହୋଇପାରିବ। ଏକ ଇଲେକ୍ଟ୍ରିକ୍ ସ୍କୁଟର ଭାବରେ, କୋମାକି ଏକ୍ସ୩ ଜିରୋ ଏମିସନ୍ ପ୍ରଡ୍ୟୁସ୍ କରେ ଏବଂ ସର୍ବନିମ୍ନ ରକ୍ଷଣାବେକ୍ଷଣ ଆବଶ୍ୟକ କରେ। ଯାହା ସହରାଞ୍ଚଳ ଯାତ୍ରା ପାଇଁ କମ୍ ଖର୍ଚ୍ଚ ହୋଇଥାଏ। କୋମାକି ଏକ୍ସ୩ ନେସନ ୱାଇଡ୍ କୋମାକି ଡିଲରସିପ୍ ଏବଂ ଇ-କମର୍ସ ପ୍ଲାଟଫର୍ମରେ ସେଲ୍ ପାଇଁ ଉପଲବ୍ଧ ହେବ। ଏଥି ସହ କୋମାକି ଇଲେକ୍ଟ୍ରି ଗାଡ଼ିର କୋ-ଫାଉଣ୍ଡର ଗୁଞ୍ଜନ ମାଲହୋତ୍ରା କହିଛନ୍ତି ଯେ ଏହି ମଡେଲଟି ବିଶେଷ ଭାବରେ ଓମେନ୍ ରାଇଡର୍ସଙ୍କ ପାଇଁ ଡିଜାଇନ୍ କରାଯାଇଛି।



### ସତର୍କ କରାଇଲା ଏସବିଆଇ

## ବ୍ୟାଙ୍କ ନାଁରେ ଶେୟାର ହେଉଛି ଡିପଫେକ୍ ଭିଡିଓ

ନୂଆଦିଲ୍ଲୀ, ୫।୩: ଏସବିଆଇ ନାଁରେ ସେୟାର ହେଉଛି ଡିପଫେକ୍ ଭିଡିଓ। ସାଧାରଣ ଲୋକଙ୍କୁ ପବ୍ଲିକ୍ ନୋଟିସ୍ ଜାରି କରି ସତର୍କ କରାଇଲା ବ୍ୟାଙ୍କ। ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ନିଜ ଗ୍ରାହକଙ୍କୁ ଏବଂ ସାଧାରଣ ଲୋକଙ୍କ ପାଇଁ ଏକ ପବ୍ଲିକ୍ ନୋଟିସ ଜାରି କରିଛି। ଏଥିରେ ସେ କହିଛି ଯେ, ସୋସିଆଲ ମିଡିଆରେ ବ୍ୟାଙ୍କ ନାମରେ ଅନେକ ଡିପଫେକ୍ ଭିଡିଓ ସେୟାର କରାଯାଉଛି। ଏହି ଭିଡଓରେ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ନିବେଶ ସ୍କିମ ବିଷୟରେ କହୁଛନ୍ତି। ବ୍ୟାଙ୍କର କୌଣସି ଅଧିକାରୀ ଏଭଳି ସ୍କିମର ପ୍ରଚାର କରନ୍ତି ନାହିଁ, ଯେଉଁଥିରେ ଅଧିକମାତ୍ରାରେ ରିଟର୍ଣ୍ଣ ମିଳିବ। ବ୍ୟାଙ୍କ ଲୋକଙ୍କୁ ଏଭଳି ଭିଡିଓଠାରୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଏସବିଆଇ ଏହି ପବ୍ଲିକ ନୋଟିସକୁ ସୋସଆଲ ମିଡିଆ ଏକ୍ସରେ ସେୟାର କରିଛନ୍ତି। ଏଥିରେ ନୋଟିସରେ ଲେଖାଯାଇଛି ଯେ, ବ୍ୟାଙ୍କ ନିଜ ଗ୍ରାହକମାନଙ୍କୁ ସତର୍କ କରାଉଛି। ଡିପଫେକର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ପ୍ରସାରିତ କରାଯାଉଛି, ଯାହା କିଛି ନିବେଶ ଯୋଜନାଗୁଡ଼ିକୁ ଲଞ୍ଚ କରିବାକୁ ଲୋକମାନଙ୍କ ସମର୍ଥନ ଲୋଡ଼ୁଛି। ସାଧାରଣ ଲୋକଙ୍କୁ ଏଭଳି ଯୋଜନାରେ ନିବେଶ କରିବାକୁ ଉପଦେଶ ଦେଉଛି। ବ୍ୟାଙ୍କ ଏହା ସ୍ପଷ୍ଟ କରିବାକୁ ଚାହୁଁଛି ଯେ, ଏସବିଆଇ କିମ୍ବା ତା'ର କୌଣସି ଅଧିକାରୀ ଏଭଳି କୌଣସି ନିବେଶ ଯୋଜନାର ସମର୍ଥନ କରେ ନାହିଁ କିମ୍ବା ପ୍ରୋତ୍ସାହନ ଦିଏନାହିଁ, ଯେଉଁଥିରେ ଅଧିକ ରିଟର୍ଣ୍ଣ ମିଳେ। ଏଥିପାଇଁ ଲୋକଙ୍କୁ ଏଭଳି ମିଥ୍ୟା ଭିଡିଓଠାରୁ ଦୂରେଇ ରହିବାକୁ ବ୍ୟାଙ୍କ ପରାମର୍ଶ ଦେଇଛି।

## ଏଆଇ ଯୁଗରେ ଦକ୍ଷ କର୍ମଚାରୀ ବଡ଼ କମ୍ପାନୀଙ୍କୁ ସମସ୍ୟା




**ଭୁବନେଶ୍ୱର,୫।୩:** ଜେନେରେଟିଭ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଭାରତୀୟ କମ୍ପାନୀଗୁଡିକ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ମାତ୍ର ଟେକ୍ନୋଲୋଜିର ସମ୍ପୂର୍ଣ୍ଣ ଫାଇଦା ନେବାକୁ ବଡ଼ କମ୍ପାନୀଗୁଡ଼ିକ ଠିକ୍ ଏଆଇ କୌଶଳ ଏବଂ ଆନୁଷଙ୍ଗିକ ଦକ୍ଷତାପୂର୍ଣ୍ଣ କର୍ମଚାରୀ ଖୋଜିବା କଷ୍ଟ ହୋଇପଡ଼ିଛି। ଏହା କମ୍ପାନୀଗୁଡିକ ପାଇଁ ଏକ ବଡ ସମସ୍ୟା ଭାବେ ଉଭାହୋଇଛି। ନିଯୁକ୍ତି ନେଟ୍‌ୱର୍କିଂ ସାଇଟ ଲିଙ୍କ୍‌ଡଇନ ରିପୋର୍ଟରେ ଏପରି ତଥ୍ୟ ପ୍ରକାଶ କରିଛି। ରିପୋର୍ଟ ଅନୁଯାୟୀ, ଭାରତରେ ପ୍ରାୟ ୫୪% ଏଚ୍‌ଆର୍ ପ୍ରଫେସନାଲ କହିଛନ୍ତି, ଚାକିରି ଆବେଦନକାରୀଙ୍କ ମଧ୍ୟରୁ କେବଳ ଅଧା ବା ତା'ଠାରୁ କମ୍ ଆବେଦନକାରୀ ସମସ୍ତ ଆବଶ୍ୟକ ଯୋଗ୍ୟତା ପୂରଣ କରିଥା'ନ୍ତି। ଠିକ୍ ବୈଷୟିକ ଦକ୍ଷତା (୬୧%) ଏବଂ ସଫ୍ଟ ସ୍କିଲ୍ (୫୭%) ସହିତ ପ୍ରାର୍ଥୀ ଖୋଜିବା ଏଚ୍‌ଆର୍ ପ୍ରଫେସନାଲମାନଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି। ଭାରତରେ ସବୁଠାରୁ କଷ୍ଟସାଧ କୌଶଳ ହେଉଛି ବୈଷୟିକ / ଆଇଟି ଦକ୍ଷତା ଯେପରିକି ସଫ୍ଟୱେର ବିକାଶ, ଇଞ୍ଜିନିୟରିଂ (୪୪%), ଏଆଇ କୌଶଳ (୩୪%) ଏବଂ ଯୋଗାଯୋଗ ଏବଂ ସମସ୍ୟା ସମାଧାନ (୩୩%)। ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଏହି ଅଭାବ କମ୍ପାନୀଗୁଡ଼ିକୁ ସେମାନଙ୍କ ନିଯୁକ୍ତି ପ୍ରକ୍ରିୟାରେ ଅଧିକ ମନୋନୀତ ହେବାକୁ ବାଧ କରୁଛି। ରିପୋର୍ଟ ଅନୁଯାୟୀ, କମ୍ପାନୀଗୁଡିକ ମୁଖ୍ୟତଃ ୨୦୨୫ ମସିହାରେ 'ଚୟନକାରୀ ନିଯୁକ୍ତି' ପଦ୍ଧତି ଗ୍ରହଣ କରୁଛନ୍ତି। ଚୟନକାରୀ ନିଯୁକ୍ତି ହେଉଛି ସଂଗଠନର ଆବଶ୍ୟକତା ପାଇଁ ଉପଯୁକ୍ତ ଯୋଗ୍ୟତା ଥିବା ଠିକ୍ ଲୋକଙ୍କୁ ନିଯୁକ୍ତି ଏବଂ ଚୟନ କରିବାର ପ୍ରକ୍ରିୟା। ଏହି ରିପୋର୍ଟରେ କୁହାଯାଇଛି, ଭାରତରେ ଅର୍ଦ୍ଧେକ ଏଚ୍‌ଆର୍ ପ୍ରଫେସନାଲ (୫୫%) ଏବଂ ନିଯୁକ୍ତି (୫୪%) କେବଳ ସେହି ପ୍ରାର୍ଥୀଙ୍କ ପାଇଁ ବିଚାରକରିବେ ଯେଉଁମାନେ ଚାକିରି ପାଇଁ ଧାର୍ଯ୍ୟ ଯୋଗ୍ୟତାର ୮୦% କିମ୍ବା ତା'ଠାରୁ ଅଧିକ ପୂରଣ କରିବେ।

# ଓଡ଼ିଶା ମାଟି ତଳେ ଗ୍ରାଫାଇଟ୍, ନିକେଲ୍

## କ୍ରିଟିକାଲ୍ ମିନେରାଲ୍ ଖୋଜୁଛି ଜିଏସ୍‌ଆଇ

**ଭୁବନେଶ୍ୱର, ୫।୩:** ଖଣି ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାରେ କ୍ରିଟିକାଲ୍ ମିନେରାଲ୍ ମଧ ରହିଛି। ଗ୍ରାଫାଇଟ୍, ନିକେଲ୍, କ୍ରୋମିୟମ୍ ଆଦି ଓଡ଼ିଶା ମାଟି ତଳେ ରହିଛି। ଜିଓଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ (ଜିଏସ୍‌ଆଇ) ସେଗୁଡ଼ିକର ସନ୍ଧାନ କରୁଛି। ଖୁବ୍‌ଶୀଘ୍ର ଗ୍ରାଫାଇଟ୍‌ର ସନ୍ଧାନ ମିଳିବ ବୋଲି ଜିଏସ୍‌ଆଇର ଉପ ମହାନିର୍ଦ୍ଦେଶକ (ଓଡ଼ିଶା ରାଜ୍ୟ ୟୁନିଟ୍) ପଙ୍କଜ କୁମାର କହିଛନ୍ତି। ଶ୍ରୀ କୁମାର କହିଛନ୍ତି ଯେ କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ଜିଏସ୍‌ଆଇ ବହୁତ କାମ କରୁଛି। ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ରାଜ୍ୟରେ କ୍ରିଟିକାଲ୍ ମିନେରାଲ୍ ସନ୍ଧାନ କରିବା ଉପରେ ଜୋର ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ଯଦିଓ କିଛି ଠୋସ୍ ସନ୍ଧାନ ମିଳିନାହିଁ, କିନ୍ତୁ ଖୁବ୍‌ଶୀଘ୍ର ଗ୍ରାଫାଇଟ୍ ମିଳିଯିବ ବୋଲି ଆମେ ଆଶା କରୁଛୁ ବୋଲି ସେ କହିଛନ୍ତି। ଓଡ଼ିଶା ଏହାର କୋଇଲା, ଲୁହାପଥର, ମାଙ୍ଗାନିଜ ଭଳି ଖଣିଜ ପଦାର୍ଥ ଲାଗି ଯେଭଳି ପରିଚିତ, ଆଗାମୀ ଦିନରେ କ୍ରିଟିକାଲ୍ ମିନେରାଲ୍ କ୍ଷେତ୍ରରେ ମଧ ସେଭଳି ପ୍ରତିଷ୍ଠା ହାସଲ କରିବାର ପ୍ରବଳ ସମ୍ଭାବନା ରହିଛି ବୋଲି ସେ କହିଛନ୍ତି। ରାଜ୍ୟରେ ଭୂପୃଷ୍ଠର ସ୍ଥିତି ସେଭଳି କିଛି ରହିଥିବା ସେ ଜଣାଇଛନ୍ତି। ଗ୍ରାଫାଇଟ୍‌କୁ ଏକ



କ୍ରିଟିକାଲ୍ ମିନେରାଲ୍ ଭାବେ ବିଚାର କରାଯାଉଛି ଯାହା ବର୍ତ୍ତମାନ ସମୟରେ ଇଲେକ୍ଟ୍ରିକ୍ ଯାନର ବ୍ୟାଟେରିରେ ବ୍ୟବହାର ହେଉଛି। ଏହା ବ୍ୟତୀତ ଇସ୍ପାତ ଉତ୍ପାଦନ, ବ୍ରେକ୍ ଲାଇନିଂ, ଲୁବ୍ରିକ୍ୟାଣ୍ଟ ଓ ଆଣବିକ ରିଆକ୍ଟରରେ ମଧ ତାହା ବ୍ୟବହାର ହେଉଛି। ଗ୍ରାଫାଇଟ୍‌ର ସନ୍ଧାନ ମିଳିଲେ ରାଜ୍ୟ ଅର୍ଥନୀତି ବିଶେଷ ଭାବେ ଉପକୃତ ହୋଇପାରିବ। କେନ୍ଦୁଝର ଜିଲ୍ଲାରେ ମିଳିଥିବା ସୁନା ଖଣି ସମ୍ପର୍କରେ ଶ୍ରୀ କୁମାର କହିଛନ୍ତି ଯେ ମାଟିତଳେ କୌଣସି ଖଣିଜ ପଦାର୍ଥ ଅଛି ନା ନାହିଁ, ତାହା ସ୍ପଷ୍ଟ ଭାବେ କହିବା ପୂର୍ବରୁ ବହୁ ପ୍ରକ୍ରିୟା ଦେଇ ଗତି କରିବାକୁ ହୁଏ। ପ୍ରଥମେ ଜି୪ ସ୍ତର ପର୍ଯ୍ୟନ୍ତ ପହଞ୍ଚିବାକୁ ପଡ଼େ ଓ ତା' ପରେ ଡ୍ରିଲିଂ ଆରମ୍ଭ ହୋଇଥାଏ। କେନ୍ଦୁଝରରେ ଏବେ ଡ୍ରିଲିଂ କାମ ଚାଲିଛି। ସେଥିରୁ ପଥରଗୁଡ଼ିକୁ ହଟାଇବା ପରେ ଯାହା କିଛି ମିଳିବ, ତାହାକୁ ଅନୁଧାନ କରାଯିବ। ତା'ପରେ ସେଠାରେ ସୁନା ଅଛି ନା ନାହିଁ, ଯଦି ଅଛି କେତେ ପରିମାଣର ଅଛି, ତାହା କହିହେବ ବୋଲି ସେ କହିଛନ୍ତି।

ଚଳିତ ବର୍ଷ ଜାନୁଆରି ଅନୁଷ୍ଠିତ କେନ୍ଦ୍ରୀୟ ଭୂତତ୍ତ୍ୱ ପ୍ରୋଗ୍ରାମିଂ ବୋର୍ଡ (ସିଜିପିବି)ର ୬୪ତମ ବୈଠକରେ କେନ୍ଦ୍ର ଖଣି ସଚିବ ଭି ଏଲ୍ କାନ୍ତା ରାଓ ସୂଚନା ଦେଇଥିଲେ ଯେ ରାଜ୍ୟ ମାଟି ତଳେ ଲିଥିୟମ୍ ରହିଛି। ନୟାଗଡ଼ରେ ତାହା ଥିବା ଅନୁମାନ କରାଯାଉଛି। ଜିଏସ୍‌ଆଇ ତରଫରୁ ତାହାର ଅନ୍ୱେଷଣ ଜାରି ରହିଛି। ରାଜ୍ୟରେ ନୂତନ ଖଣି ସନ୍ଧାନ କରିବା ଲାଗି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ), ଡ୍ରୋନ୍ ପ୍ରଯୁକ୍ତି ବ୍ୟବହାର କରାଯାଉଛି। ସୁନ୍ଦରଗଡ଼, କନ୍ଧମାଳ ଓ ମାଲକାନଗିରିରେ ସେହି ପଦ୍ଧତିରେ ଖଣି ସନ୍ଧାନ ଜାରି ରହିଛି।

# ରାଜାଙ୍କ ଗୁମାସ୍ତା କହି ଭାଗ ଚାଷୀଙ୍କୁ ହତ୍ୟା

ଭଦ୍ରକ,୫।୩(ସଂଚାର ବ୍ୟୁରୋ): ରାଜାଙ୍କ ଗୁମାସ୍ତା କହି ଭାଗଚାଷୀଙ୍କୁ ମାରିଦେଲେ । ଭଦ୍ରକ ଜିଲ୍ଲା ଧାମରା ଅଂଚଳରୁ ଆସିଛି ଏଭଳି ଲୋମଟାଙ୍କୁରା ଘଟଣା । କାଲି ପ୍ରାୟ ୩ ଜଣ ଯୁବକ ଆସି ରାଜାଙ୍କ ଜମି କାହିଁକି ଚାଷ କରୁଛ କହି ଚାଷୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ପରେ ତାଙ୍କର ମେଡିକାଲରେ ମୃତ୍ୟୁ ହୋଇଥିଲା । କନକ ବ୍ୟୁରୋ: ରାଜାଙ୍କ ଗୁମାସ୍ତା କହି ଭାଗଚାଷୀଙ୍କୁ ମାରିଦେଲେ। ଭଦ୍ରକ ଜିଲ୍ଲା ଧାମରା ଅଂଚଳରୁ ଆସିଛି ଏଭଳି ଲୋମଟାଙ୍କୁରା ଘଟଣା । କାଲି ପ୍ରାୟ ୩ ଜଣ ଯୁବକ ଆସି ରାଜାଙ୍କ ଜମି କାହିଁକି ଚାଷ କରୁଛ କହି ଚାଷୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ପରେ ତାଙ୍କର ମେଡିକାଲରେ ମୃତ୍ୟୁ ହୋଇଥିଲା । ପରେ ନ୍ୟାୟ ଦାବିରେ ପରିବାର ଲୋକେ ରାସ୍ତା ଅବରୋଧ କରିଛନ୍ତି । ଭଦ୍ରକ ଜିଲ୍ଲା ଧାମରା ଅଂଚଳରୁ ଆସିଛି ଏମିତି ଚାଂଚଲ୍ୟକର ଖବର। କନିକା ରାଜାଙ୍କ ଗୁମାସ୍ତା କହି କିଛି ଲୋକ ଭଦ୍ରକ ଧାମରା ମେରାଇନ



ଥାନା ଅନ୍ତର୍ଗତ ଜୟଦୁର୍ଗାପାଟଣା ଗାଁରେ ଭାଗଚାଷୀ ଅମର ମାଇତିଙ୍କୁ ବାଡେଇ ବାଡେଇ ମାରିଦେଇଥିବା ଅଭିଯୋଗ ହୋଇଛି । ଆଉ ଏତେ ବଡ ଘଟଣା ଘଟିଛି ଜମିକୁ ନେଇ । ଅଭିଯୋଗ ଅନୁସାରେ, କନିକା ରାଜ ପରିବାରର ଏକ ଜମିକୁ ଦୀର୍ଘଦିନ ହେବ ଚାଷ କରୁଥିଲେ ଅମରଙ୍କ ପରିବାର। ସୋମବାର ସେ ଜମିରେ ମାଟି ପକାଉଥିବାବେଳେ ଧାମରା ଗାଁର କିଛି ଯୁବକ ତାଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ । ପରେ ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଥିଲା। କନିକା ରାଜାଙ୍କ ଗୁମସ୍ତା କହି କ୍ୟାମେରା ଆଗରେ ଧମକାଉଛନ୍ତି ଜଣେ ବ୍ୟକ୍ତି। ଦୀର୍ଘଦିନ ଧରି ଅମର ମାଇତି କନିକା ରାଜାଙ୍କ ଜମିରେ ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ତେଣୁ ରାଜାଙ୍କ ଗୁମାସ୍ତା କହି ବିଳମ୍ବିତ ତାଙ୍କୁ ଛେଚି ମାରିଦେବ, ତାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପରିବାର ଲୋକେ । ଅମରଙ୍କ ସାନଭାଇ ଧାମରା ଥାନାରେ ଲିଖିତ ଅଭିଯୋଗ କରିବା ସହ ମୃତଦେହକୁ ରାସ୍ତା ଉପରେ ରଖି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଘଟଣା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି । ଆକ୍ରମଣକାରୀମାନେ ଅମର ମାଇତିଙ୍କୁ ଆକ୍ରମଣ କରି ଲହୁଲୁହାଣ କରିବା ପରେ ତାଙ୍କ ଭାଇ, ସ୍ତ୍ରୀ ଓ ପୁଅକୁ ବି ଆକ୍ରମଣ କରିଥିଲେ । ମୋଟ ୩ ଜଣ ଆସି ଏଭଳି କାଣ୍ଡ କରିଥିଲେ। ପୁଲିସ ଏଫଆଇଆର ରଖିବାରେ ବିଳମ୍ବ କରିଥିବା ବି ଅଭିଯୋଗ ହୋଇଛି । ପ୍ରଶ୍ନ ଉଠୁଛି, କନିକା ରାଜାଙ୍କ ନାଁ କହି ଯୁବକ ଆଇନକୁ ହାତକୁ ନେବାକୁ କିଏ? ଅଭିଯୁକ୍ତଙ୍କ ପଛରେ କିଏ? ଅଭିଯୁକ୍ତଙ୍କ ବିରୋଧରେ ହେବ କି ଦୃଢ଼ କାର୍ଯ୍ୟାନୁଷ୍ଠାନ?

## ପୋଲ ତଳୁ ଯୁବକଙ୍କ ମୃତ ଦେହ ଉଦ୍ଧାର, ହତ୍ୟା ସନ୍ଦେହ



କଳିଙ୍ଗନଗର,୫।୩(ସଂଚାର ବ୍ୟୁରୋ): ଗତକାଲି ବିଳମ୍ବିତ ରାତ୍ରରେ ଚମକା ଥାନା ଅନ୍ତର୍ଗତ ଓସ୍ତ ପାଳ ପଂଚାୟତ ର ମାଣତିରୀ ରାସ୍ତାର ଗୋଡ଼ିରି ପୋଲ ତଳୁ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର କରିଛି ପୋଲିସ, ସେହି ପୋଲ ତଳୁ ଯୁବକଙ୍କର ପଲସର ବାଇକ ମଧ୍ୟ ଉଦ୍ଧାର ହୋଇଛି,ଯୁବକ ଜଣଙ୍କ କେନ୍ଦୁଝରଜିଲ୍ଲା ନନ୍ଦପଡା ଥାନା ଅନ୍ତର୍ଗତ ବଡ଼ରାମ୍ପସ ଗ୍ରାମର ରଞ୍ଜନ ସେଠୀ (୨୮) ବୋଲି ସୂଚନା ମିଳିଛି,ମୃତର କାରଣ ଅସ୍ପଷ୍ଟ ରହିଛି।ଏପଟେ ପରିବାର ଲୋକଙ୍କ ପକ୍ଷରୁ ଯୁବକ ଜଣଙ୍କ ହରିଜାଁସ ଗାଁ ର ଜଣେ ଯୁବତୀ କୁ ଭଲ ପାଉଥିବା ବେଳେ ଗତକାଲି ଅପରାହ୍ନ ରେ ସେ ସେ ଗାଁ କୁ ଆସିଥିବା ବେଳେ ତାକୁ ହତ୍ୟା କରି ପକାଇ ଦିଆଯାଇଛି କିମ୍ବା ମାରିବା ପାଇଁ ଗୋଡେଇବା ସମୟରେ ସେ ବାଇକ ସ୍କିଡ଼ କରି ଯିବାପାଇଁ ଚେଷ୍ଟା କରି ମୃତ୍ୟୁ ହୋଇଥିବା ସନ୍ଦେହ କରୁଛନ୍ତି,ଯୁବକ ଜଣଙ୍କ ବାଙ୍ଗାଲୋରରେ ଚାକିରୀ କରୁଥିବା ବେଳେ ପରିବାରର ଏକମାତ୍ର ପୁଅ ବୋଲି ଜଣା ପଡିଛି,ପୋଲିସ ମୃତ ଦେହ ଜବତ କରି ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବେଛେଦ ପାଇଁ ପଠାଇ ଘଟଣା ର ତଦନ୍ତ ଆରମ୍ଭ କରିଛି

## ବାଇକ୍ ଦୁର୍ଘଟଣାରେ ହୋମଗାର୍ଡଙ୍କ ମୃତ୍ୟୁ

ବାରିପଦା,୫।୩(ସଂଚାର ବ୍ୟୁରୋ): ସୋମବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ତିରିଂ ଥାନାରେ କାର୍ଯ୍ୟରତ ଜନୈକ ହୋମଗାର୍ଡଙ୍କ ର ପରଲୋକ ହୋଇଯାଇଛି । ମୃତକଙ୍କ ନାମ ଭୋଳାନାଥ ମହାନ୍ତ(୪୧) । ତାଙ୍କ ଘର ତିରିଂ ଥାନା ସଂଲଗ୍ନ ରାଣୀସାହିରେ । ଭୋଳାନାଥ ସୋମବାର ରାତିରେ ଡ୍ୟୁଟି କରିବାକୁ ନିଜ ବାଇକ ଯୋଗେ ପଣ୍ଡୁପାଣି ଯାଉଥିବା ବେଳେ ବିଳମ୍ବିତ ରାତିରେ ପଣ୍ଡୁପାଣି ପୋଲର ଠିକ୍ ପୂର୍ବରୁ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା । ମଙ୍ଗଳବାର ଦିନ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମଙ୍ଗଳବାର ଅପରାହ୍ନରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି । ଜଣେ ମେଳାପୀ ଓ ନିଷ୍ଠାପର ଯୁଓ୍ୱ ହୋମଗାର୍ଡ ରୂପେ ସିଏ ସଭିଙ୍କର ପ୍ରିୟ ଥିଲେ । ତାଙ୍କ ବିୟୋଗରେ ତିରିଂ ସମେତ ତିରିଂ ଥାନାର ସାଥୀ କର୍ମଚାରୀ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି । ଘରେ ତାଙ୍କର ବୃଦ୍ଧା ମାତା ଓ ପତ୍ନୀଙ୍କ ସମେତ ଦୁଇ ଛୋଟ ଛୋଟ ପୁଅ ଓ ଝିଅ ଅଛନ୍ତି ।

## ମହୁମାଛି ଆକ୍ରମଣରେ ୨୦ରୁ ଉର୍ଦ୍ଧ୍ୱ ଆହତ ୪ ଗୁରୁତର



ବୋରିଗୁମ୍ମା,୫।୩(ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ସ୍ଥିତ ପୁରୁଣା ବୋରିଗୁମ୍ମାରେ ମହୁମାଛି ଆକ୍ରମଣ ରେ ୨୦ ରୁ ଉର୍ଦ୍ଧ୍ୱ ଆହତ ୪ ଗୁରୁତର।ସୂଚନା ଅନୁଯାୟୀ ଆଜି ପୁରୁଣା ବୋରିଗୁମ୍ମା ରେ ଏକ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ସେହି କାର୍ଯ୍ୟକ୍ରମ ରେ ଗାଁ ଠାରୁ କିଛି ଦୂରରେ ପୂଜାର୍ଚ୍ଚନା କରାଯିବା କାର୍ଯ୍ୟକ୍ରମ ରହିଥିଲା।ଗ୍ରାମର କିଛି ଲୋକ ମହିଳା ଏବଂ ବାଜା ମହୁରୀ ଓ୍ୱାଲା ପୂଜାର୍ଚ୍ଚନା ଆରମ୍ଭ କରିବା ବେଳେ ଜଣେ ମହିଳା ପୂଜା କରିବା ବେଳେ କିଛି ଧୂପ ଦେଇଥିଲେ ସେହି ସ୍ଥାନରେ ଏକ ଗଛ ଉପରେ ମହୁମାଛି ଘର କରି ରହିଥିଲେ।ହଠାତ ଶହ ଶହ ମହୁମାଛି ସମସ୍ତ ଙ୍କୁ ଆକ୍ରମଣ କରିଥିଲେ।ସମସ୍ତେ ଛତ୍ରଭଙ୍ଗ ଦେଇଥିଲେ ତଥାପି ୨୦ ରୁ ଉର୍ଦ୍ଧ୍ୱ ଲୋକଙ୍କୁ ସାମାନ୍ୟ ଆକ୍ରମଣ କରିଥିଲେ।ସେଥି ମଧ୍ୟରୁ ୪ ଜଣଙ୍କୁ ଅଧିକ ଆକ୍ରମଣ କରିଥିଲେ। ସେମାନଙ୍କୁ ବୋରିଗୁମ୍ମା ମେଡ଼ିକାଲ ରେ ଭର୍ତି କରାଯାଇଛି।

## ଜନନାୟକ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

ବୈଶିଙ୍ଗା,୫।୩(ସଂଚାର ବ୍ୟୁରୋ): ପ୍ରବାଦ ପୁରୁଷ, ମହା ଜନନାୟକ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ପଟ୍ଟନାୟକ (ବିଜୁ ବାବୁ ) ଙ୍କ ଜନ୍ମ ଜୟନ୍ତୀରେ ରାଇକମା ଆଶ୍ରମ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀମାନେ ଏବଂ ଶିକ୍ଷକ/ଶିକ୍ଷିକା ମାନେ ହର୍ଷୋଲ୍ଲାସର ସହିତ ପାଳନ କରାଯାଇଥିବାର ଜଣାଯାଇଛି । ବିଶେଷ ଭାବେ କୁନି କୁନି ଆଦିବାସୀ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଜୁବାବୁଙ୍କ ହାତ ତିଆରି ଫଟୋ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ପାଖ ଗ୍ରାମରୁ ଲୋକ ମାନେ ଆସି ଏହି କଳାକୃତି ଦେଖିବା ସହିତ ପ୍ରଶଂସା ମଧ୍ୟ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ଙ୍କ ଏଭଳି ପ୍ରୟାସ କୁ ଭୁରି ଭୁରି ପ୍ରଶଂସା କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷିକା ଏବଂ କର୍ମଚାରୀ ସହଯୋଗ କରିଥିଲେ ।

## ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

ସୁନ୍ଦରଗଡ,୫।୩(ସଂଚାର ବ୍ୟୁରୋ): ଆଜି ମାର୍ଚ୍ଚ ୫ ତାରିଖ ସୁନ୍ଦରଗଡ ବିଜୁ ଜନତା ଦଳ ତରଫରୁ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରବାଦ ପୁରୁଷ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳନ କରା ଯାଇଛି । ଏହି ଅବସରରେ ପ୍ରଥମେ ସକାଳ ୮.୩୦ ରେ ରାଣୀବଗିଚା ବାଇପାସ ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂ, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ବିନୟ କୁମାର ଟପ୍ପୋ, ବରିଷ୍ଠନେତା ଜୟ ନାରାୟଣ ତ୍ରିପାଠୀ ଏବଂ ଉପସ୍ଥିତ ଥିବା ସମସ୍ତ ନେତୃମଣ୍ଡଳୀ, ସଦସ୍ୟ ଓ କର୍ମୀମାନଙ୍କ ଉପସ୍ଥିତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହିତ ବିଜୁ ବାବୁ ଅମର ରହେ, ଯବତକ ସୁରଜ ଚାନ୍ଦ ରହେଗା ବିଜୁ ପଟ୍ଟନାୟକ ତେରା ନାମ ରହେଗା ସ୍ଲୋଗାନରେ ସ୍ଥାନୀୟ ଅଞ୍ଚଳଟି ପ୍ରକମ୍ପିତ ହୋଇଉଠି ଥିଲା, ପରେ ଉପସ୍ଥିତ ସମସ୍ତଙ୍କ ଦ୍ୱାରା ଏକା ସାଙ୍ଗରେ ଦେଶାତ୍ମକବୋଧ ସଂଗୀତ ଗାନ କରା ଯାଇଥିଲା । ଏହା ପରେ ସେଠାରୁ ସମସ୍ତେ ସୁବଳିଆ ରୋଡ଼ ସ୍ଥିତ ଆଦୃତ ଶିଶୁଗୃହକୁ ଯାଇ ସେଠାରେ ରହି ପାଠ ପଢ଼ୁଥିବା ଛୋଟଛୋଟ ବାଳକ ବାଳିକାଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ତାପରେ ସମସ୍ତେ ଲୁହୁରାଡ଼ିପା ସ୍ଥିତ ଓ୍ୱୃଦ୍ଧାଶ୍ରମକୁ ଯାଇ ଅନ୍ତେବାସୀ ଏବଂ ସମସ୍ତ ଦଳୀୟ ସଦସ୍ୟ ଓ କର୍ମକର୍ତ୍ତାଙ୍କ ଉପସ୍ଥିତରେ ବିଜୁ ପଟ୍ଟନାୟକ ଜନ୍ମ ଜୟନ୍ତୀ ଉପଲକ୍ଷେ ଶ୍ରୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏହି ସଭାରେ ବିଧାୟକ ଶ୍ରୀ ସିଂ ବିଜୁ ପଟ୍ଟନାୟକଙ୍କ ସ୍ୱାଧୀନତା ସଂଗ୍ରାମୀ ଏବଂ ଓଡିଶା ପ୍ରତି ଅବଦାନକୁ ଓଡିଶାବାସୀ କେବେ ହେଲେ ଭୁଲି ପାରିବେ ନାହିଁ ବୋଲି କହିଥିଲେ । ବର୍ତ୍ତମାନର ରାଜ୍ୟ ସରକାର ବିଜୁ ଜୟନ୍ତୀ ଅବସରରେ ପାଳିତ ହେଉଥିବା ପଞ୍ଚାୟତିରାଜ ଦିବସ ଛୁଟିଦିନକୁ ବାତିଲ କରିଥିବାରୁ ବିଜୁ ପଟ୍ଟନାୟକଙ୍କ ପ୍ରତି ଅବିଚାର, ଅପମାନକୁ ରାଜ୍ୟବାସୀ କେବେ କ୍ଷମା କରିବେନି ଉଚିତ ସମୟରେ ଠିକ ଜବାବ ଦେବେ ବୋଲି କହିଥିଲେ। ଏହି ସମୟରେ ଉପସ୍ଥିତ ସମସ୍ତେ ବିଜୁ ପଟ୍ଟନାୟକ ଙ୍କୁ ଭାରତ ରତ୍ନ ଦିଆଯାଉ ବୋଲି ଦାବି କରିବା ସହିତ ଏଠାରେ ରହୁଥିବା ସମସ୍ତ ବୃଦ୍ଧ ପୁରୁଷମାନଙ୍କୁ ଧୋତି ଓ ଲୁଙ୍ଗି ଏବଂ ଓ୍ୱୃଦ୍ଧା ମହିଳାମାନଙ୍କୁ ଶାଢ଼ୀ ବଣ୍ଟନ କରିଥିଲେ । ଏହିସବୁ କାର୍ଯ୍ୟକ୍ରମ ସମୟରେ ଜିଲ୍ଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ, ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା, ସୁମନ୍ତ ପଣ୍ଡା,ଅଶୋକ ସ୍ୱାଇଁ,ସୁମନ୍ତ ସାହୁ, ନରଦୀପ ସିଂ,ଗୌରାଙ୍ଗ ଧଳ, ଅନିଲ ମହାପାତ୍ର, ବୀଣା ସାହୁ, ରଜନୀ ରୋହିଦାସ, ସୁଶୀଳା ନାଗ, ଦୁଷିଲା ଦଣ୍ଡସେନା, ରିତା ସାହୁ, ସରୋଜ ନାଏକ,ସଞ୍ଜୟ ପଟ୍ଟନାୟକ,କିଶୋର ପଟେଲ, ମିତ୍ର ସେଠ,ପ୍ରିନ୍ସ ସିଂ, ମୁକେଶ ମାଝୀ, ବିଶ୍ୱଜିତ ସ୍ୱାଇଁ, ଆଶିଷ ଶାହଙ୍କ ସହିତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ ।



## ସାଂସଦଙ୍କ ଦ୍ୱାରା ଧାନବାଦ ଏଲ୍ ଇ ପି ଟ୍ରେନ ରହଣି ଓ ବାର ଚାମ୍ବର ଉଦ୍‌ଘାଟିତ



କଳାହାଣ୍ଡି, ୫।୩(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ନର୍ଲା ରୋଡ଼ ଷ୍ଟେସନ ଠାରେ ବିଭିନ୍ନ ଯାତ୍ରୀବାହୀ ଟ୍ରେନ ରହଣି ପାଇଁ ବର୍ଷ ବର୍ଷ ଧରି ବିଭିନ୍ନ ସଂଗଠନ ତଥା ରେଳ ସୁରକ୍ଷା ସମିତି ନର୍ଲା ପକ୍ଷରୁ କଳାହାଣ୍ଡି ସାଂସଦ ପାଖରେ ଦାବି ହୋଇ ଆସୁଥିଲା କିନ୍ତୁ ତାହା ଆଜି ସାକାର ହୋଇଛି ମଙ୍ଗଳବାର ସନ୍ଧ୍ୟା ୭ ଘଣ୍ଟା ସମୟରେ କଳାହାଣ୍ଡି ସାଂସଦ ଶ୍ରୀମତୀ ମାଳବିକା ଦେବୀ ଏବଂ ରାଜ୍ୟସଭା ସାଂସଦ ଶ୍ରୀଯୁକ୍ତ ସୁଜିତ ସେଟ ନର୍ଲା ରୋଡ଼ ରେ ପହଂଚି ଧାନବାଦ ଏଲ ଇ ପି ଟ୍ରେନ କୁ ଦୁଇ ସାଂସଦ ସବୁଜ ପତାକା ଦେଖାଇ ଶୁଭ ଉଦଘାଟନ କରିଛନ୍ତି ତତ ସଙ୍ଗେ ସଙ୍ଗେ ସାଂସଦ ଶ୍ରୀମତୀ ମାଳବିକା ଦେବୀ ନର୍ଲା ରୋଡ଼ ଦୁର୍ଗା ମନ୍ଦିର ନିକଟସ୍ଥ ଏକ ୟୁନିଭର୍ସିଆଲ ବାର ଚେମ୍ବର କୁ ଶୁଭ ଉଦଘାଟନ କରିଥିଲେ ଏହି କାର୍ଯ୍ୟକ୍ରମ ରେ ଭାରତୀୟ ଜନତା ପାର୍ଟି ବହୁ ବରିଷ୍ଠ ନେତା ଦଳୀୟ କର୍ମୀ ଉପସ୍ଥିତ ଥିବା ବେଳେ ବରିଷ୍ଠ ଆଇନଜୀଓ୍ୱୀ ପ୍ରକାଶ ଚନ୍ଦ୍ର ପଣ୍ଡା, ଯୁବ ଆଇନଜୀଓ୍ୱୀ ଦୀପକ କୁମାର ସାହୁ, ନର୍ଲା ପ୍ରେସ ଆସୋସିଏସନ ର ସଭାପତି ଚିନ୍ତାମଣି ନାଏକ, ସମ୍ପାଦକ ସନ୍ତୋଷ କୁମାର ପାତ୍ର, ଉପ ସଭାପତି ଡୋଳାମଣି ସାହୁ, ବରିଷ୍ଠ ସଦସ୍ୟ ଜଗନ୍ନାଥ ନାଏକ, ଚତୁର୍ଭୁଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ବାରହା ଆକ୍ରମଣରେ ୨ ଜଣ ଗୁରୁତର

● ଜଙ୍ଗଲ ହ୍ରାସ କାରଣରୁ ବନ୍ୟପ୍ରାଣୀ ଜନବସତିମୁହାଁ



କାକଟପୁର/ଅସ୍ତରଙ୍ଗ ,୫।୩(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଛୁରିଆନା ପଂଚାୟତ ସହନ ଗାଁରେ ମଙ୍ଗଳବାର ସନ୍ଧ୍ୟା ସମୟରେ ପୃଥକ ପୃଥକ ସ୍ଥାନରେ ଏକ ବାରହା ଆକ୍ରମଣ କରି ୨ଜଣ ଙ୍କୁ ଗୁରୁତର ଆହତ କରିଥିବା ଜଣାପଡିଛି। ଆକ୍ରମଣରେ ଶିକାର ହୋଇଥିବା ୨ଜଣଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା। ସୂଚନା ଅନୁଯାୟୀ, ସହନ ଗ୍ରାମରେ ଦାଶର ବୈକୁଣ୍ଠ ଓ ଅନିଲ ବେହେରା ଗାଁରେ ବୁଲୁଥିବା ବେଳେ ଜଙ୍ଗଲରୁ ଏକ ବାରହା ଅତର୍କିତ ଭାବରେ ଆସି ଶରୀର ବିଭିନ୍ନ ସ୍ଥାନକୁ ଆକ୍ରମଣ କରି ପରେ ଜଙ୍ଗଲ ଆଡକୁ ପଳାଇଯାଇଥିଲା। ଗୁରୁତର ଦାଶର ବୈକୁଣ୍ଠ (୩୫)ଓ ଅନିଲ ବେହେରା (୩୦)ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହୋଇଥିଲେ।ଉଭୟ ଗୁରୁତରଙ୍କ ଦେହ, ହାତ, ଗୋଡ଼ ରେ ଗଭୀର କ୍ଷତ ହୋଇଥିବାରୁ ରକ୍ତ ସ୍ରାବ ପ୍ରବଳ ହୋଇଥିବା ଯୋଗୁଁ ତାଙ୍କର ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ସୂଚନା ଯୋଗ୍ୟ ଜଙ୍ଗଲହ୍ରାସ ଘଟୁଥିବାରୁ ବନ୍ୟ ପ୍ରାଣୀ ସବୁ ସମୟରେ ଜନବସତି ମୁହାଁ ହେଉଛନ୍ତି।

## ପୁଲିସ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ

ନୟାଗଡ଼,୫।୩(ସଂଚାର ବ୍ୟୁରୋ): ନୟାଗଡ଼ ସହର ନୀଳମାଧବ କଲ୍ୟାଣ ମଣ୍ଡପ ପରିସରରେ ନୟାଗଡ଼ ପୁଲିସ ପକ୍ଷରୁ ନୂତନ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଏସଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗ ଦେଇ ନୂତନ ଆଇନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମହିଳା ଓ ଶିଶୁଙ୍କ ପ୍ରତି ଆଇନରେ ରହିଥିବା ଦୃଷ୍ଟି କୋଣ ସମ୍ପର୍କରେ ଆଲୋଚନା ହୋଇଥିଲା। ନୟାଗଡ଼ ଟାଉନ ଥାନା ଅତିରିକ୍ତ ଥାନା ଅଧିକାରୀ ଶ୍ରୀକାନ୍ତ ପଣ୍ଡା, ସଦରଥାନ ବିଜୟ ସାହୁ, ବରିଷ୍ଠ ନାଗରିକ ଭଗବତୀ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ, ମହିଳା, ବୁଦ୍ଧିଜିବି ଓ ଗଣମାଧ୍ୟମ ପ୍ରତିନିଧିମାନେ ସାମିଲ ହୋଇଥିଲେ।

## ସରକାର ଙ୍କୁ ଆଲାର୍ଜି ବିଜୁ ବାବୁଙ୍କ ନା : ପ୍ରମିଳା




ବିଞ୍ଝାରପୁର,୫।୩(ସଂଚାର ବ୍ୟୁରୋ): ବିଞ୍ଝାରପୁର ବିଜେଡ଼ି ପକ୍ଷରୁ ପ୍ରବାଦ ପୁରୁଷ, ମହାନ୍ ଜନ ନାୟକ ତଥା ଓଡ଼ିଶା ର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜନ୍ମ ଜୟନ୍ତୀ ବିଞ୍ଝାରପୁର ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ପାଳିତ ହୋଇ ଯାଇଛି। ଏଥି ପାଇଁ ବିଜେଡ଼ି ସଭାପତି ନନ୍ଦ କିଶୋର ସାମଲ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏକ ସଭା ରେ ବିଞ୍ଝାରପୁର ବିଧାୟିକା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ,ବିଂଝାରପୁର ବ୍ଲକ୍ ଅଧକ୍ଷା ରଞ୍ଜିତା କୁମାରୀ ଦାସ୍, ଉପାଧ୍ୟକ୍ଷ ସେକ ଇର୍ଷାଦ, ଯୁବ ବିଜେଡ଼ି ସଭାପତି ଦିଲ୍ଲୀପ ରାଉଳ, ବରିଷ୍ଠ ବିଜେଡ଼ି ନେତା ପ୍ରଦୀପ ମହାନ୍ତି, ମୂରଲୀଧର ବେହେରା, ଜିଲ୍ଲା ପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ସୁନୀତା ନାୟକ, ଖଗେଶ୍ୱର ମହାନ୍ତି, ଛାତ୍ର ବିଜେଡ଼ି ନେତା ଲେନିନ ଦାସ୍ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ପ୍ରତି ବିଜୁ ପଟ୍ଟନାୟକଙ୍କ ଥିବା ଅବଦାନ ବିଷୟ ରେ ଆଲୋକ ପାତ୍ କରାଯାଇଥିଲା। ବିଜୁ ଜୟନ୍ତୀ ଅବସରରେ ହେଉଥିବା ସରକାରୀ ଛୁଟି କୁ ବାତିଲ କରି ଏବଂ ପଞ୍ଚାୟତ ରାଜ ଦିବସ କୁ ଘୁଞ୍ଚାଇ ନୂଆ ସରକାର କୋଉ ଓଡ଼ିଆ ଅସ୍ମିତା ର ପରିଚୟ ଦେଉଛି କହି କ୍ଷୋଭ ପ୍ରକାଶ କରିଥିଲେ ପ୍ରମିଳା ମଲ୍ଲିକ। ନୂଆ ସରକାର କୁ ବିଜୁ ବାବୁଙ୍କ ନା ଆଲାର୍ଜି ଭଳି ଲାଗୁଥିବା କହିଥିଲେ ପ୍ରମିଳା।

## ମହିଳା ସପ୍ତାହ ଅବସରରେ ସୁଭଦ୍ରା ସଚେତନତା ଶୋଭାଯାତ୍ରା




ସୁବର୍ଣ୍ଣପୁର,୫।୩(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ସପ୍ତାହ ପାଳନ ଅବସର ରେ ପଞ୍ଚମ ଦିବସ ରେ ପୌର ପରିଷଦ ସ୍ତରୀୟ ମହିଳା ଦିବସ ପାଳନ କରାଯାଇଛି । ଏହି ଉପଲକ୍ଷେ ଆଜି ସ୍ଥାନୀୟ ଉପ ଜିଲ୍ଲାପାଳ ଙ୍କ ଅଫିସ ସମ୍ମୁଖ ରୁ ବ୍ଲକ ଅଫିସ ଯାଏ ଏକ ସୁଭଦ୍ରା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସୋନପୁର ସିଡିପିଓ ଶ୍ରୀମତୀ ସାଗରିକା ସ୍ୱାଇଁ ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସୋନପୁର ବିଡ଼ିଓ ଶ୍ରୀ ସଂଜୀବ କୁମାର ସାହୁ ଅତିଥି ଭାବରେ ଯୋଗ ଦେଇ ଏହାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ମହିଳା ମାନେ ସ୍ୱାବିଲମ୍ବି ହେବା, ସଶକ୍ତିକରଣ ଓ ସାକ୍ଷରତା ଲକ୍ଷ୍ୟ ସହ ଘରୋଇ ହିଂସା ରୁ ବାଲ୍ୟ ବିବାହ ରୁ ମୁକ୍ତ ହେବା ଓ ସୁଭଦ୍ରା ଯୋଜନା ରେ ସାମିଲ୍ ହୋଇ ଓଡ଼ିଶା କୁ ସମୃଦ୍ଧି କରିବା ଲକ୍ଷ୍ୟ ନେଇ ଆଜିର ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । *ଶୁଭଦ୍ରା ସହିତ ସାମିଲ୍ ହେବା -ଓଡ଼ିଶା ସମୃଦ୍ଧି ର ମଙ୍ଗ ଧରିବା* ଇତ୍ୟାଦି ନାରା ଦେଇଥିଲେ ମହିଳା ମାନେ । ଅଙ୍ଗନଓ୍ୱାଡ଼ି କର୍ମୀ, ସହାୟିକା, ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା, ସୁଭଦ୍ରା ହିତାଧିକାରୀ ଙ୍କ ସମେତ ସ୍ୱେଚ୍ଛାସେବୀ ମହିଳା ଓ ବୁଦ୍ଧିଜୀବି ସାମିଲ୍ ଥିଲେ । ଆସନ୍ତା କାଲି ସୋନପୁର ପଟାଭାଡ଼ି ଲୋକନାଥ ମନ୍ଦିର ସମେତ ସୋନପୁର ବ୍ଲକ ର ହରଡ ଖୋଲ ଓ ଲଛିପୂର ପଂଚାୟତ ଠାରେ ଏହି ଉପଲକ୍ଷେ ପଥ ପ୍ରାନ୍ତ ସଭା ଅୟୋଜନ କରାଯିବ ବୋଲି ସି ଡି ପି ଓ ଙ୍କ ଠାରୁ ସୁଚନା ମିଳିଛି।

## ବେହେରାମାଲ କ୍ଲଷ୍ଟର ତ୍ରିଦିବସୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳ

ସୁବର୍ଣ୍ଣପୁର,୫।୩(ସଂଚାର ବ୍ୟୁରୋ): ଡୁଙ୍ଗୁରିପାଲି ବ୍ଲକ ବେହେରାମାଲ କ୍ଲଷ୍ଟର ଅନ୍ତର୍ଗତ ବଡ଼ଭାଲୁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ତ୍ରିଦିବସୀୟ "ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା" ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁରେନ୍ଦ୍ର ରଥ ଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବଟକୃଷ୍ଣ ପାଢ଼ୀ ଯୋଗଦେଇ ଉଦଘାଟନ କରିଥିବା ବେଳେ ମାୟାବର୍ହା ସିଆରସିସି ସୌରଭ ସାହୁ ଓ ସହଲା ସିଆରସିସି ରଞ୍ଜନ ଦାଶ ସମ୍ମାନିତ ଅତିଥିଭାବେ ମଂଚାସୀନ ଥିଲେ । ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତିରେ ଶିକ୍ଷକ ବିଭୁତି ପୂଜାରୀ,ସୋମନାଥ ମହାପାତ୍ର,ଚଉବର୍ଗ ପଧାନ,ହିମାଂଶୁ ନାଏକ,ବିପ୍ରବୀର ପାତ୍ର,ପ୍ରକାଶଚନ୍ଦ୍ର ସାହୁ,ଶିକ୍ଷୟିତ୍ରୀ ମିନା ପଧାନ, ବବିତା ସାହୁ, ମଧୁମିତା ବିଶ୍ୱାଳ, ସନ୍ତୋଷିନୀ ସେଠୀ, ରେଣୁକା ବେରିହା,ବନ୍ଦିତା ପଣ୍ଡା ସହଯୋଗ କରିଥିଲେ। ଶେଷରେ ସ୍ଥାନୀୟ ପ୍ରଧାନ ଶିକ୍ଷକ ଜୟଶ୍ରୀରାମ ସିକନ୍ଦର ଧନ୍ୟବାଦ ଅର୍ପଣ କରିଥିଲେ ।



## 'କଲ୍ଲୋଳ' ପାଇଁ ସ୍ମରଣିକା ପ୍ରସ୍ତୁତି ବୈଠକ



ଜଗତସିଂହପୁର,୫।୩ (ସଂଚାର ବ୍ୟୁରୋ): ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଙ୍କ ପ୍ରକୋଷ୍ଠ ରେ ଜିଲ୍ଲା ମହୋତ୍ସବ କଲ୍ଲୋଳ ୨୦୨୫ ପାଳନ ନିମନ୍ତେ ସ୍ମରଣିକା ସବ କମିଟି ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ଏହି ବୈଠକରେ ଅଧ୍ୟକ୍ଷତା କରି ଆଦିପତ୍ର ସ୍ମରଣିକା ର ସଫଳ ରୂପାୟନ କାମନା କରିବା ସହ ଏହାକୁ ଜିଲ୍ଲା ର ଦର୍ପଣ ବୋଲି ସମ୍ବୋଧିତ କରିଥିଲେ। ପ୍ରାରମ୍ଭ ରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ଜେନା ପୂର୍ବ ବୈଠକ ର ବିବରଣୀ ପାଠ କରିଥିଲେ। ସ୍ମରଣିକା ର ସମ୍ପାଦକ ଶ୍ରୀ ମହେନ୍ଦ୍ର କୁମାର ଆଚାର୍ଯ୍ୟ ସଂପାଦକୀୟ ସୂଚନା ପ୍ରଦାନ କରିବା ପରେ ଆଦିପତ୍ର ନିମନ୍ତେ ଲେଖା ସଂଗ୍ରହ ର ଶେଷ ତାରିଖ ଧାର୍ଯ୍ୟ ନେଇ ଆଲୋଚନା ହୋଇଥିଲା। ଜଗତସିଂହପୁର ବିଭିନ୍ନ ଲେଖକ ଓ ଲେଖିକାଙ୍କ ଠାରୁ ଜଗତସିଂହପୁର ଭୂଗୋଳ,ଐତିହ୍ୟ,କଳା,ସଂସ୍କୃତି, ସାହିତ୍ୟ, ପରିବେଶ, ବ୍ୟକ୍ତିତ୍ୱ ଓ ଧର୍ମଧାରା ଉପରେ ଆଧାରିତ ଲେଖା ଗୁଡ଼ିକ ଆସନ୍ତା ୧୨/୦୩/୨୫ ତାରିଖ ସୁଦ୍ଧା,ଡି.ଟି. ପି. ଜରିଆରେ ସଂସ୍କୃତି ଅଧିକାରୀଙ୍କ ଠାରେ ଦାଖଲ କିମ୍ବା ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଏହାପରେ ସ୍ମରଣିକା ନିମନ୍ତେ ବାର୍ତ୍ତା ଓ ବିଜ୍ଞାପନ ସଂଗ୍ରହ , ସ୍ଥାନିତ ହେବାକୁ ଥିବା ଚିତ୍ର, ମୁଦ୍ରଣ କାର୍ଯ୍ୟ ଆଦି ସମ୍ବନ୍ଧ ରେ ବୈଠକ ରେ ଆଲୋଚନା କରାଯାଇଥିଲା। ଶେଷ ରେ ଜିଲ୍ଲା ସଂସ୍କୃତି ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକ ରେ ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ସହକାରୀ ଜିଲ୍ଲାପାଳ ସୁଶ୍ରୀ କଳ୍ପିତା କୁମାରୀ ଜେନା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ତଥା କମିଟି ର ସମସ୍ତ ସଦସ୍ୟ ଉପସ୍ଥିତ ରହି ନିଜର ମତାମତ ଉପସ୍ଥାପନ କରିଥିଲେ।

## ନୀଳଗିରି ପୁଲିସ ପକ୍ଷରୁ ଆଇନ ସଚେତନତା ଶିବିର

ନୀଳଗିରି,୫।୩(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲା ନୀଳଗିରି ପୋଲିସ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀଙ୍କୁ ନେଇ ବୁଧବାର ସନ୍ଧ୍ୟାରେ ଆଇନ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ଭାବେ ଲାଗୁ ହୋଇଥିବା ବିଏନ୍ଏସ୍ (ଭାରତୀୟ ନ୍ୟାୟ ସଂହିତା) ଏବଂ ବିଏନ୍ଏସ୍ଏସ (ଭାରତୀୟ ନାଗରିକ ସୁରକ୍ଷା ସଂହିତା) ଉପରେ ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ ଏବଂ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଆଲୋକପାତ କରିଥିଲେ। ଏଥିସହ ନୀଳଗିରିରେ କିଭଳି ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡ଼ାଇବା ନିମନ୍ତେ ପୋଲିସ ସହାୟତା କରିପାରିବ ସେ ନେଇ ଉପସ୍ଥିତ ଲୋକଙ୍କଠାରୁ ମତାମତ ଲୋଡ଼ିଥିଲେ। ତେବେ ଉପସ୍ଥିତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ବିଭିନ୍ନ ସମାସ୍ୟା ଆବଶ୍ୟକତା ସମ୍ପର୍କରେ ପୋଲିସକୁ ଅବଗତ କରିଥିଲେ। ଏସ୍‌ଡିପିଓ ଶ୍ରୀ ମଲ୍ଲିକ ଜନସାଧାରଣଙ୍କ ସହଯୋଗ କାମନା କରିବା ସହ ସାଧାରଣ ଲୋକଙ୍କ ଅଧିକାର, ନ୍ୟାୟ, ଦାୟିତ୍ୱ, ସୁରକ୍ଷା ଏବଂ କର୍ତ୍ତବ୍ୟ ବାବଦରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା।




## କେନ୍ଦୁଟିକିରା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୁବର୍ଣ୍ଣପୁର,୫।୩(ସଂଚାର ବ୍ୟୁରୋ): ସୁବର୍ଣ୍ଣ ପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଶୁଖା କ୍ଲଷ୍ଟର କେନ୍ଦୁଟିକିରା ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ବିଦ୍ୟାଳୟ ଚେୟାରପର୍ସନ ସୁବାଷ ପାଣ୍ଡେ ଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।ମୁଖ୍ୟ ଅତିଥି ଭାବରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁରେଶ କୁମାର ନାୟକ,ମୁଖ୍ୟ ବକ୍ତା ଭାବରେ ପୂର୍ବତନ ସରପଞ୍ଚ ଜୟ କୁମାର ବରିହା ଓ ସମ୍ମାନିତ ଅତିଥି ଭାବରେ ସମାଜସେବୀ ଚନ୍ଦ୍ର ମଣି ବରିହା ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ।ଶିଶୁ ର ଅନ୍ତର୍ନିହିତ ପ୍ରତିଭା ର ବିକାଶ ବିଦ୍ୟାଳୟ ରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ହୋଇ ପାରିବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ।ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ।ଏହି ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆନନ୍ଦ ବାରିକ ବିବରଣୀ ପଠନ କରିଥିଲେ।ଅଧ୍ୟୟନ ରତ ଛାତ୍ରଛାତ୍ରୀ ମାନେ ନୃତ୍ୟ ପରିବେଷଣ କରିଥିଲେ।ଚିତ୍ରାଙ୍କନ, ସଂଗୀତ, ସାଧାରଣଜ୍ଞାନଓ ନୃତ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ଥିବା ଛାତ୍ରଛାତ୍ରୀ ମାନ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।ସହକାରୀ ଶିକ୍ଷକ ପ୍ରମୋଦ କୁମାର ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ମଦନା ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ । ପିତାମାତା ଅଭିଭାବକ/ଅଭିଭାବିକା ଓ ଗ୍ରାମବାସୀ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନ ଙ୍କୁ ଉତ୍ସାହିତ କରିଥିଲେ ।